



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୬ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 26 October 2025
Vol.No. 36 ■ No.281 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ବିହାରରେ ଘମାଘୋଟ ଲଢ଼େଇ: ବିଭିନ୍ନ ଦଳର ପ୍ରଚାର ଜାରି



ନୂଆଦିଲ୍ଲୀ,୨୫/୧୦ : ସବୁ ଦଳ ଓ ମେଣ୍ଟଙ୍କ ଜୋରଦାର କସରତ୍ । ବିହାରରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତେ ଚେଷ୍ଟା ଚଳାଇଛନ୍ତି । ଏନଡିଏ ଓ ମହାଗଠବନ୍ଧନ ମଧ୍ୟରେ ପ୍ରଚାରର ମହାଭାରତ ଯୁଦ୍ଧ ଲାଗିଯାଇଛି । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଖଗଡ଼ିଆ, ମୁଙ୍ଗେର ଓ ନାଳନ୍ଦାରେ ଆୟୋଜିତ ନିର୍ବାଚନୀ ରାଲିରେ ଯୋଗଦେଇଥିଲେ । ଶାହା କହିଛନ୍ତି, ଏନଡିଏ ଶାସନ ସମୟରେ ବିହାରରେ ଅପରାଧ କମିଛି । ପୁଣି ଜଙ୍ଗଲରାଜ୍ ଫେରିବ କି ରାଜ୍ୟ ବିକାଶ ପଥରେ ଅଗ୍ରଗତି କରିବ, ନିର୍ବାଚନରେ ବିହାରବାସୀ ତାହା ସ୍ଥିର କରିବେ । ମହାଗଠବନ୍ଧନ ମଧ୍ୟ ପ୍ରଚାରରେ ପଛରେ ପଡ଼ିନାହିଁ । ତେବେ ଅମିତ ଶାହା ଆଜି ଖଗଡ଼ିଆରେ ନିର୍ବାଚନୀ ରାଲି କରିଥିବା ବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ରାଲି ପାଇଁ ପ୍ରଶାସନ ଅନମୁତି ଦେଇ ନଥିଲା । ତାନାଶାହୀ ଶାସନ ବୋଲି କହିଛନ୍ତି ତେଜସ୍ୱୀ । ସେପଟେ ଆରଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ▶▶ପୃଷ୍ଠା ୭

# ପୁରୀରୁ ମୁହଁ ଫେରାଉଛନ୍ତି ବିଦେଶୀ ପର୍ଯ୍ୟଟକ: ଚିନ୍ତା ବଢ଼ାଇଲା ଓଡ଼ିଶା ପର୍ଯ୍ୟଟନର ରିପୋର୍ଟ



ପୁରୀ, ୨୫/୧୦ (ନି.ପ୍ର): ଭିତ୍ତିଭୂମି ବଢ଼ିଛି, ତାରକା ହୋଟେଲ ଦୁଇଗୁଣା ହେଲାଣି । ବିଦେଶରୁ ବିମାନ ଆଗମନ ବି ବଢ଼ିଛି । ହେଲେ ପୁରୀ ଓ କୋଣାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି କିନ୍ତୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଛି । ପୂର୍ବରୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଏହି କୋଭିଡ ପରଠୁ ଆକର୍ଷଣ ହରାଇଛି । ଆଧ୍ୟାତ୍ମିକ ନଗରୀ ପୁରୀ ଓ ଐତିହ୍ୟ ସଂପନ୍ନ ବିଶ୍ୱର ସପ୍ତାଶ୍ଚର୍ଯ୍ୟ କୋଣାର୍କ । ଓଡ଼ିଶା ପର୍ଯ୍ୟଟନର ଏହି ପ୍ରାଣକେନ୍ଦ୍ରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଫେଲ ମାରୁଛି । ଓଡ଼ିଶା ପର୍ଯ୍ୟଟନ ବିଭାଗର ପରିସଂଖ୍ୟାନ ରିପୋର୍ଟରେ ଏଭଳି ଚିନ୍ତା ଜନକ ତଥ୍ୟ ସାମ୍ନାକୁ ଆସିଛି । କରୋନା ପରଠୁ ପୁରୀକୁ ଆସୁଥିବା ବିଦେଶୀ ଅତଥିଙ୍କ ସଂଖ୍ୟା କମି କମି ଯାଉଛି । ଓଡ଼ିଶା ପର୍ଯ୍ୟଟନ ବିଭାଗର ରିପୋର୍ଟ ମୁତାବକ ୨୦୧୯ରୁ ୨୦୨୩ ମଧ୍ୟରେ ପୁରୀରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୩୭ ହଜାରରୁ ୯ହଜାରକୁ ଖସି ଆସିଛି । ସେହିପରି କୋଣାର୍କରେ ମଧ ୭ହଜାରରୁ ୩ହଜାର ୮ଶହକୁ କମିଛି । ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଟୁର ଅପରେଟର । ପୂର୍ବ ଅପେକ୍ଷା ପୁରୀରେ ତାରକା ହୋଟେଲ ସଂଖ୍ୟା ବଢିଛି । ବିଦେଶରୁ ଓଡ଼ିଶାକୁ ବିମାନ ସଂଖ୍ୟା ମଧ ବୃଦ୍ଧି ପାଇଛି । ତଥାପି ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି । ଏଥିପାଇଁ ବିଦେଶରେ ପର୍ଯ୍ୟଟନୀସ୍ଥଳର ପ୍ରଚାର ପ୍ରସାର ଅଭାବକୁ ଦାୟୀ କରାଯାଉଛି । ବିସ୍ତିର୍ଣ୍ଣ ବେଳାଭୂମି ସତ୍ତ୍ୱେ ପର୍ଯ୍ୟାପ୍ତ ଖୋଲାମେଲା ସ୍ଥାନ ପ୍ରସ୍ତୁତ ହୋଇ ପାରୁନାହିଁ । କୋଣାର୍କ, ଚିଲିକାକୁ ଛାଡ଼ିଦେଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ କୌଣସି ଭିତ୍ତିଭୂମି ନଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ହୋଟେଲ ମାଲିକ । ଶ୍ରୀକ୍ଷେତ୍ରରେ ବିଦେଶୀଙ୍କୁ ଆକୃଷ୍ଟ କଲା ଭଳି ସ୍ଥାନ ପ୍ରସ୍ତୁତ କରିନପାରିବା । ନିୟମିତ ବ୍ୟବଧାନରେ ଭ୍ରମଣ ମେଳା ନକରିବା ଓ ପ୍ରଚାର ପ୍ରସାର ହେଉନଥିବାର ଫଳ ଏବେ ପର୍ଯ୍ୟଟନ ଶିଳ୍ପ ଉପରେ ପଡିଛି ।

# ନୂଆପଡାରେ ୩ ଦଳର ଜୋରଦାର ପ୍ରଚାର: ସୁଭଦ୍ରା ସମାବେଶ ନାଁରେ ବିଜେପିର ଶକ୍ତି ପ୍ରଦର୍ଶନ





ନୂଆପଡ଼ା, ୨୫/୧୦ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପାଇଁ ଆରମ୍ଭ ହୋଇଯାଇଛି ଜୋରଦାର ପ୍ରଚାର । ଆଜି ବିଜେପି ସୁଭଦ୍ରା ଶକ୍ତି ସମାବେଶ କରି ପତିଆରା ଦେଖାଇଛି । ସଭାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟ ସଭାପତି ମନମୋହନ ସାମଲ ସାମିଲ ହୋଇ ଜୟଙ୍କ ପାଇଁ ପ୍ରଚାର କରିଛନ୍ତି । ବିଜେପି ଜିତିରେ ଜିଲ୍ଲାରେ ବିକାଶ ଘରେ ଘରେ ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସିଲଦାରେ ମହିଳା ସମାବେଶ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛି କଂଗ୍ରେସ । ପିସିସି ସଭାପତି ଭକ୍ତ ଦାସ, ଘାସିରାମଙ୍କ ପାଇଁ ଭୋଟ ମାଗିଛନ୍ତି । ସେହିଭଳି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ କୋମନାରେ ସ୍ୱତନ୍ତ୍ର ରଣନୀତି ସହ ପ୍ରଚାର କରିଛନ୍ତି । ଉପ ନିର୍ବାଚନ ପରିପେକ୍ଷିରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ନୂଆପଡା ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ମାଓ ଅଞ୍ଚଳ ବି ପରିଦର୍ଶନ କରିଛନ୍ତି । ନିର୍ବାଚନକୁ ମୁକ୍ତ ଏବଂ ଅବାଧ କରିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛତିଶଗଡ ଓ ଓଡ଼ିଶା ସୀମା କୁ ସିଲ କରିଥିବା ପ୍ରକାଶ କରିଛନ୍ତି । ଆଗକୁ ୩ ଦଳର ହେଭିୱେଟ ପ୍ରଚାରରେ ସାମିଲ ହେବେ । ଏହାପରେ ପ୍ରଚାର ଆହୁରି ଜମିବ । ତେବେ ସ୍ୱାଧୀନ ବିଧାୟକ ନିର୍ଣ୍ଣାୟକ ହେବେ ।

# ପୃଥକ ପୃଥକ ଅଭିଯାନରେ ଚାରି ଜଣ ଉଗ୍ରବାଦୀ ଗିରଫ

ନୂଆଦିଲ୍ଲୀ,୨୫/୧୦ : ରାଜ୍ୟର ତିନୋଟି ଜିଲ୍ଲାରେ ଏକକାଳୀନ ପୋଲିସ ଅଭିଯାନ ସମୟରେ ଚାରି ଜଣ ଉଗ୍ରବାଦୀଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଏବଂ ପରିଚୟ ପତ୍ର ଜବତ କରାଯାଇଛି ।ମଣିପୁର ପୋଲିସ ଦ୍ୱାରା ଶନିବାର ପ୍ରକାଶିତ ସରକାରୀ ସୂଚନା ଅନୁଯାୟୀ୨୪ ଅକ୍ଟୋବର ସବୁଠାରୁ ବଡ଼ ଗିରଫଦାରୀ ଚୁରାଚାନ୍ଦପୁର ଜିଲ୍ଲାରେ କରାଯାଇଥିଲା, ଯେଉଁଠାରେ ପୋଲିସ ୧୮ ବର୍ଷୀୟ ହାଓମିନ୍ଥାଙ୍ଗ ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ଜୟପୁର, ୨୫/୧୦ (ନି.ପ୍ର): ପେନ୍‌ସନ୍ ବାବଦକୁ ଏରିୟର ବିଲ୍ କରାଇ ଦେବାକୁ ୪୭ ହଜାର ଟଙ୍କା ଲାଞ୍ଚ ନେଇ ଆଜି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭିଜିଲାନ୍ସ ଜାଲରେ ଫସିଛନ୍ତି । ଜଣେ ବ୍ୟକ୍ତିଙ୍କ ଠାରୁ ୪୭ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରି ଜୟପୁର ସରକାରୀ ଟ୍ରେଜେରି ଅଫିସର ଚତୁର୍ଥ ଶ୍ରେଣୀ କର୍ମଚାରୀ ହରିଶ୍ଚନ୍ଦ୍ର ମହାପାତ୍ର ଧରାପଡ଼ିଛନ୍ତି । ସୂଚନା ଅନୁସାରେ ହରିଶ୍ଚନ୍ଦ୍ର ମହାପାତ୍ର ଭିଜିଲାନ୍ସ ଜାଲରେ ଟ୍ରେଜେରି ଅଫିସର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି । ସେ ଭରତ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଆଜି ଅପରାହ୍ଣରେ ୪୭ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ମାଡି ବସିଥିଲା । ଭରତ ନାୟକଙ୍କ ଶ୍ୱଶୁର ସେଟେଲମେଣ୍ଟ ଅଫିସରେ କାମ କରୁଥିଲେ । ତାଙ୍କ ପେନ୍‌ସନ୍ ବାବଦକୁ ଏରିୟର ବିଲ୍ କରାଇ ଦେବାକୁ ୮୭ ହଜାର ଟଙ୍କା ଲାଂଚ ମାଗିଥିଲେ ହରିଶ୍ଚନ୍ଦ୍ର । ପୂର୍ବରୁ ସେ ୪୦ ହଜାର ଟଙ୍କା ଦେଇଥିବା ବେଳେ ଆଜି ▶▶ପୃଷ୍ଠା ୭

# ୫ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର: ୪୧୮୨ କୋଟି ଟଙ୍କାର 'ବି-ମାନ' ଯୋଜନାକୁ ମଞ୍ଜୁରି



ଭୁବନେଶ୍ୱର, ୨୫/୧୦ (ନି.ପ୍ର): ସମସ୍ତଙ୍କ ପାଇଁ ବିମାନ ସେବା ସହ ରାଜ୍ୟରେ ବିମାନ ଚଳାଚଳ ସୁବିଧା ଭିତ୍ତିଭୂମିରେ ସୁଧାର ନିମନ୍ତେ ରାଜ୍ୟ ସରକାର ଆଗାମୀ ୫ବର୍ଷରେ 'ବି-ମାନ' ଯୋଜନାରେ ୪୧୮୨କୋଟି ଟଙ୍କା ଖର୍ଚ୍ଚ କରିବେ । ଆଜି ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ସମେତ କୃଷି, ଗୃହ ଓ ନଗର ଉନ୍ନୟନ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ମିଳିଛି । ଓଡିଶାକୁ ପୂର୍ବ ଭାରତରେ ଏକ ଅଗ୍ରଣୀ ବିମାନ ଚଳାଚଳ ରାଜ୍ୟ ଭାବରେ ସ୍ଥାନିତ କରିବା ପାଇଁ ବାଣିଜ୍ୟ ଏବଂ ପରିବହନ ବିଭାଗର ଏକ ସମନ୍ୱିତ ପଦକ୍ଷେପ 'ବିମାନ ସମ୍ପତ୍ତି ଏବଂ ନେଟୱାର୍କ ନିର୍ମାଣ ଏବଂ ପରିଚାଳନା (ବି-ମାନ୍)' ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ଯୋଜନା ପାଂଚ ବର୍ଷ (୨୦୨୫-୨୦୩୦) ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ମୋଟ୍ ୪୧୮୨ କୋଟି ଟଙ୍କାର ବ୍ୟୟବରାଦ କରାଯିବ । 'ସମସ୍ତଙ୍କ ପାଇଁ ବିମାନ ଚଳାଚଳ (ସମସ୍ତଙ୍କ ପାଇଁ ବିମାନ ସେବା)' ଦୃଷ୍ଟିକୋଣ ଅଧୀନରେ ଏହି ଯୋଜନାରେ ବ୍ୟାପକ ପଦକ୍ଷେପ ନିଆଯାଇଛି । ଏଗୁଡିକ ମଧ୍ୟରେ ଭିତ୍ତିଭୂମି ବିକାଶ ଏବଂ ଆଧୁନିକୀକରଣ, ଆଂଚଳିକ ବିମାନ ▶▶ପୃଷ୍ଠା ୭

# ମାଡ଼ି ଆସୁଛି ଭୀଷଣ ବାତ୍ୟା: ୨୮ରେ ଛୁଇଁବ ସ୍ଥଳଭାଗ



ଭୁବନେଶ୍ୱର, ୨୫/୧୦ (ନି.ପ୍ର): ପୁଣି ଥରେ ଡରାଇଛି ବଂଗୋପସାଗରରେ ଦାନା ବାନ୍ଧୁଥିବା ସାମୁଦ୍ରିକ ଝଡ । ସମୁଦ୍ର ଭିତରେ ବଳ ଗୋଟାଇ ଆଗକୁ ବଢୁଥିବା ଅବପାତର ଗତି ପଥକୁ ନେଇ ଆଇଏମଡିର ଆକଳନ ମନରେ ଛନକା ସୃଷ୍ଟି କରିଛି । ଓଡ଼ିଶାରେ ଯଦିଓ ସିଧାସଳଖ ମାଡ ହେବନି ବୋଲି ଆଇଏମଡି ଆକଳନ କରିଛି, ତଥାପି ଏହାର ପ୍ରଭାବ ଓଡ଼ିଶା ଉପରେ ପଡିବ ଏକଥା ପ୍ରାୟତଃ ସ୍ପଷ୍ଟ ହୋଇଛି । ବଢ଼ିଲା ବାତ୍ୟା ଭୟ ! ପଛକୁ ପଛ ଆସୁଛି ୨ ଲଘୁଚାପ , ବାତ୍ୟା ଦଟାର୍ଗେଟରେ ଦକ୍ଷିଣ ଓଡ଼ିଶା ! ଦକ୍ଷିଣପୂର୍ବ ବଂଗୋପସାଗରେ ସକ୍ରିୟ ଥିବା ଅବପାତ ବଳ ଗୋଟାଇ ଯେତିକି ଆଗକୁ ବଢୁଛି ସେତିକି ଭୟ ବଢୁଛି । ଆଇଏମିଡିର ଆକଳନକୁ ଦେଖି ମନରେ ଛନକା ପଶୁଛି । ଆଇଏମଡି ପକ୍ଷରୁ ଜାରି କରାଯାଇଥିବା ସମ୍ଭାବ୍ୟ ବାତ୍ୟାର ଗତିପଥ ଉପରେ ନଜର ପକାନ୍ତୁ । ଏମିତି ସମୁଦ୍ର ଭିତରେ ଗତି କରୁଛି ଅବପାତ । ୨୪ଘଣ୍ଟା ଭିତରେ ପଶ୍ଚିମ- ଉତ୍ତର- ପଶ୍ଚିମ ଦିଗରେ ଗତି କରି ଗଭୀର ଅବପାତରେ ପରିଣତ ହେବ । ୨୭ ତାରିଖ ସକାଳ ବେଳକୁ ବାତ୍ୟାର ରୂପ ନେବ । ଭୀଷଣ ବାତ୍ୟା ଅବସ୍ଥାରେ ୨୮ତାରିଖ ସନ୍ଧ୍ୟାରୁ ରାତି ଭିତରେ ଆନ୍ଧ୍ରପ୍ରଦେଶ ଉପକୂଳ ଛୁଇଁବ । ମଛଲିପଟ୍ଟନମ୍ ଓ କଳିଙ୍ଗପଟ୍ଟନମ୍ ମଧ୍ୟରେ କାକିନଡ୍ଡା ନିକଟରେ ସ୍ଥଳଭାଗ ଅତିକ୍ରମ କରିବ । ଏହି ସମୟରେ ପବନର ବେଗ ୯୦ରୁ ୧୦୦ କିମି ରହିବ । ଝଟକା ପବନର ବେଗ ସର୍ବାଧିକ ୧୧୦ କିମି ହୋଇପାରେ । ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ଅତିକ୍ରମ କରିବ ବୋଲି ଆଇଏମଡି ଆକଳନ କରିଥିଲେ ବି ଭୟ ଯାଇନି । ବାତ୍ୟାର କ୍ଷେତ୍ର ଓଡ଼ିଶାର କିଛି ଅଂଚଳ ପର୍ଯ୍ୟନ୍ତ ବ୍ୟାପିଥିବା ସ୍ପଷ୍ଟ ହେଉଛି । ସେହିପରି ଅନ୍ୟ ପାଣିପାଗ ସଂସ୍ଥାର ଆକଳନ ବି ଭୟ ବଢ଼ାଇଛି । ଜିଏଫଏକ୍ସର ପୂର୍ବାନୁମାନ ଅନୁସାରେ ୨୮ରୁ ୨୯ ମଧ୍ୟରେ ଆନ୍ଧ୍ରପ୍ରଦେଶର ବିଶାଖପାଟନମ ନିକଟରେ ସ୍ଥଳଭାଗ ଛୁଇଁଲେ ବି ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଏହାର କ୍ଷେତ୍ର ଲମ୍ବିବ । ଆସନ୍ତାକାଲି ବାତ୍ୟାର ଗତିପଥ ନେଇ ଆହୁରି ଚିତ୍ର ସ୍ପଷ୍ଟ ହେବ ।

# ସ୍କୁଲ କଲେଜ ଛୁଟି ନିଷ୍ପତ୍ତି ଆଜି

ଭୁବନେଶ୍ୱର, ୨୫/୧୦ (ନି.ପ୍ର): ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ଉତର ଆନ୍ଧ୍ର ଉପକୂଳକୁ ଷ୍ଟ୍ରାଇକ କରିବ ବୋଲି ଆକଳନ କରାଯାଉଛି । ଆସନ୍ତାକାଲି ସ୍ଥିତି ଦେଖି ଅଫିସରଙ୍କ ଛୁଟି ବାତିଲ ନିଷ୍ପତି ହେବ । ଆସନ୍ତାକାଲି ସ୍କୁଲ କଲେଜ ଛୁଟି ନିଷ୍ପତି ମଧ୍ୟ ହେବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ ସିଂ ସୂଚନା ଦେଇଛନ୍ତି । ସେସ କହିଛନ୍ତି ଆଜି ସନ୍ଧ୍ୟାରେ ଜିଲ୍ଲା ପ୍ରଶାସନ ଗୁଡ଼ିକ ସହ ବୈଠକ ଅଛି । ଲ୍ୟାଣ୍ଡ ସ୍ଲାଇଡ ଓ ଅର୍ବାନ ଫ୍ଲଡ ଉପରେ ସରକାରଙ୍କ ନଜର ରହିଛି । ଲୋକେ ସତର୍କ ରୁହନ୍ତୁ, ଭୟଭୀତ ହୁଅନ୍ତୁ ନାହିଁ ।

# ଭାରତ ପରେ ଆଫଗାନ୍‌ର ୱାଟର ଷ୍ଟ୍ରାଇକ୍: କୁନାର ନଦୀରେ ବନ୍ଧ ନିର୍ମାଣ ପାଇଁ ତାଲିବାନ ସର୍ବୋଚ୍ଚ ନେତାଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୫/୧୦ : ଭାରତ ପରେ, ଆଫଗାନିସ୍ତାନ ଏବେ ପାକିସ୍ତାନକୁ ପାଣି ପାଇଁ କନ୍ଦାଇବ । ଆଫଗାନ ସୂଚନା ମନ୍ତ୍ରଣାଳୟର ଏକ୍ସରେ ପୋଷ୍ଟ କରି କହିଛି ,ପାକିସ୍ତାନକୁ ପ୍ରବାହିତ ପାଣିକୁ ରୋକିବା ପାଇଁ ଡ୍ୟାମ୍ ନିର୍ମାଣ କରାଯିବ । ସୂଚନା ମନ୍ତ୍ରଣାଳୟ କହିଛି, ତାଲିବାନ ସର୍ବୋଚ୍ଚ ନେତା ମୱଲାୱି ହିବାତୁଲ୍ଲା ଆଖୁନ୍ଦଜାଦା କୁନାର ନଦୀରେ ଯଥାଶୀଘ୍ର ଏକ ବନ୍ଧ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାକିସ୍ତାନ ସଂଘର୍ଷ ପରେ ଆଫଗାନିସ୍ତାନ ଏହି ନିଷ୍ପତ୍ତି ନେଇଛି । ୪୮୦ କିଲୋମିଟର ଲମ୍ବା କୁନାର ନଦୀ ଆଫଗାନିସ୍ତାନରେ ଉତ୍ପନ୍ନ ହୋଇ ଚିତ୍ରାଲ ନଦୀ ଭାବରେ ପାକିସ୍ତାନରେ ପ୍ରବାହିତ ହୁଏ । ପାକିସ୍ତାନ ଏହାର ୭୦-୮୦% ଜଳ ପାଇଥାଏ । ଯଦି ଆଫଗାନିସ୍ତାନ କୁନାର ନଦୀ ଉପରେ ବନ୍ଧ ବାନ୍ଧିଦିଏ, ତେବେ ଏହା ପାକିସ୍ତାନକୁ ଗୁରୁତର କ୍ଷତି ପହଞ୍ଚାଇବ । ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିସାରିଲାଣି ଆଫଗାନିସ୍ତାନ । ସୂଚନା ଅନୁସାରେ ଆଫଗାନ୍‌ର ଷ୍ଟାର କ୍ରିକେଟର ରସିଦ ଖାଁ ଡ୍ୟାମ୍ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଅଜିଜ୍ ଗ୍ରୁପ୍ ୧୦ଲକ୍ଷ ଟଙ୍କା ▶▶ପୃଷ୍ଠା ୭

# ଗୁଜୁରାଟକୁ ବୁଲେଟ ଟ୍ରେନ ଦେଉଛ, ଭୋଟ ପାଇଁ ବିହାର ଆସୁଛ: ତେଜସ୍ୱୀ



ନୂଆଦିଲ୍ଲୀ,୨୫/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ପ୍ରଚାର ଜୋରଦାର ଚାଲିଛି । ଏହି ସମୟରେ, ବିହାର ବିଧାନସଭାର ବିରୋଧୀ ଦଳ ନେତା ଏବଂ ରାଘୋପୁର ବିଧାନସଭା ଆସନରୁ ଆରଜେଡି ପ୍ରାର୍ଥୀ ତେଜସ୍ୱୀ ଯାଦବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିହାର ଗସ୍ତକୁ ଟାର୍ଗେଟ କରି ଏକ ବଡ଼ ବୟାନ ଦେଇଛନ୍ତି । ତେଜସ୍ୱୀ ଯାଦବ କହିଛନ୍ତି ଯେ ବିହାରର ଲୋକମାନେ ପରିବର୍ତ୍ତନ ପାଇଁ ମନୋଭାବରେ ଅଛନ୍ତି ଏବଂ ବିହାରରେ ଅପରାଧ ବହୁଳ ଭାବରେ ବୃଦ୍ଧି ପାଉଛି । ସେ ଏହା ମଧ୍ୟ କହିଛନ୍ତି ଯେ ସେ(ମୋଦୀ) ଗୁଜରାଟକୁ ବୁଲେଟ୍ ଟ୍ରେନ୍ ପ୍ରଦାନ କରନ୍ତି ଏବଂ ତା'ପରେ ଭୋଟ ମାଗିବା ପାଇଁ ବିହାର ଆସନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିହାର ଗସ୍ତ ସମ୍ପର୍କରେ ତେଜସ୍ୱୀ ଯାଦବ କହିଛନ୍ତି, 'ପ୍ରଧାନମନ୍ତ୍ରୀ ଗତକାଲି ଏଠାକୁ ଆସିଥିଲେ । ଆମେ ପ୍ରଧାନମନ୍ତ୍ରୀଙ୍କୁ ପଚାରିବାକୁ ଚାହୁଁଛୁ, 'ଆପଣ ଗତ ୧୧ ବର୍ଷ ଧରି ପ୍ରଧାନମନ୍ତ୍ରୀ ଅଛନ୍ତି, କିନ୍ତୁ ଆପଣ ବିହାରକୁ କଣ ଦେଇଛନ୍ତି ? ଆପଣ ଗୁଜରାଟରେ କାରଖାନା ସ୍ଥାପନ କରିଛନ୍ତି, ତଥାପି ଆପଣ ବିହାରରେ ଜିତିବାକୁ ଚାହୁଁଛନ୍ତି । ଏହା ଘଟିବ ନାହିଁ । ବିହାର ପ୍ରତ୍ୟେକ ଦୃଷ୍ଟିରୁ ଗୁଜରାଟଠାରୁ ବଡ଼ ଏବଂ ଦେଶର ପ୍ରତ୍ୟେକ ଦଶମ ବ୍ୟକ୍ତି ବିହାରରୁ ଆସିଥାଏ । ପ୍ରଧାନମନ୍ତ୍ରୀ କେବଳ ବିହାରକୁ ବିଶ୍ୱାସଘାତକତା କରିଛନ୍ତି । ସେ ଗୁଜରାଟକୁ ଯାହା ଦେଇଛନ୍ତି ତାହାର ଗୋଟିଏ ପ୍ରତିଶତ ମଧ ବିହାରକୁ ଦେଇନାହାଁନ୍ତି । ବିହାରର ଲୋକମାନେ ସବୁକିଛି ପାଇଁ ଉତ୍ତରଦାୟିତ୍ୱ ଦାବି କରୁଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ପାଖରେ କୌଣସି ଉତ୍ତର ନାହିଁ ।' ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସମ୍ପୂର୍ଣ୍ଣ ବଜେଟ୍ ଗୁଜରାଟକୁ ଆବଣ୍ଟିତ ହେଉଛି ଏବଂ ପ୍ରଧାନମନ୍ତ୍ରୀ କେବଳ ଆସି ଆରଜେଡିକୁ ଗାଳି ଦିଅନ୍ତି । ଆମର ଗୋଟିଏ ବୈଠକ ବାତିଲ କରାଯାଇଥିଲା । ଏହା ଏକଛତ୍ରବାଦ ଏବଂ ଆମେ ଏକଛତ୍ରବାଦ ବିରୁଦ୍ଧରେ ଲଢ଼ିବା ଜାରି ରଖିବୁ । ତେଜସ୍ୱୀ ଯାଦବ ପଚାରିଥିଲେ ଯେ ଅମିତ ଶାହ ଅତ୍ୟନ୍ତ ପଛୁଆ ବର୍ଗଙ୍କ ପ୍ରତି ଏତେ ଘୃଣା କାହିଁକି କରୁଛନ୍ତି । 'ଆମେ ଅତ୍ୟନ୍ତ ପଛୁଆ ବର୍ଗର ଜଣେ ▶▶ପୃଷ୍ଠା ୭

# ବଲାଙ୍ଗୀର ଦିନ ଆୟୋଜକ କମିଟିର ସାମ୍ବାଦିକ ସମ୍ମିଳନୀ

ବଲାଙ୍ଗିର, ୨୫/୧୦ (ନି.ପ୍ର): ବଲାଙ୍ଗୀର ଟାଉନ୍ ବାଳିକା ବିଦ୍ୟାଳୟ ଠାରେ ବଲାଙ୍ଗୀର ଦିନ ଆୟୋଜକ କମିଟିର ଅଧକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ଦିନ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ସପ୍ତାହ ବ୍ୟାପୀ ପ୍ରତିଯୋଗିତା ଅକ୍ଟୋବର ୨୧ ରେ ନାରାୟଣୀ କଲୋନୀରେ, ଦିପାବଳୀ ପାଳନ ସହଯୋଗ ଫାଉଣ୍ଡେସନ ତରଫରୁ ଅକ୍ଟୋବର ୨୨ରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଠାରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା, ଆମର ବଲାଙ୍ଗୀର ଟିମ ତରଫରୁ ଅକ୍ଟୋବର ୨୩ରେ ବଲାଙ୍ଗୀର ପି ପି ଏକାଡେମୀ ଠାରେ ଉଦଘୋଷକ ଉଦଘୋଷିକା ପ୍ରତିଯୋଗିତା, ଷ୍ଟେଜ କମିଟି ପକ୍ଷରୁ ଅକ୍ଟୋବର ୨୪ ରେ ସମଲେଇ ମନ୍ଦିରରେ ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା, ସମଲେଇ ମନ୍ଦିର ଆଳତୀ କମିଟି ପକ୍ଷରୁ ଅକ୍ଟୋବର ୨୫ ରେ ଶାନ୍ତିପଡା ଶ୍ମଶାନରେ ସଫେଇ କାର୍ଯ୍ୟକ୍ରମ, ଟାଇଗର କ୍ଲବ୍ ପକ୍ଷରୁ ଟାଉନ୍ ବାଳିକା ବିଦ୍ୟାଳୟ ରେ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗିତା, ମେରା ହୁନର ପକ୍ଷରୁ କଲେଜ ଛକ କଲ୍ୟାଣ ମଣ୍ଡପ ରେ ରଙ୍ଗୋଲି ପ୍ରତିଯୋଗିତା, ନାରୀ ଶକ୍ତି ଫାଉଣ୍ଡେସନ ପକ୍ଷରୁ ଅକ୍ଟୋବର ୨୬ ରେ ପି ପି ଏକାଡେମୀରେ ନୃତ୍ୟ ପ୍ରତିଯୋଗିତା, ବଲାଙ୍ଗୀରିଏନ ଧାଙ୍ଗିରି ଗୃପ ପକ୍ଷରୁ ଫେନ୍ସି ଡ୍ରେସ ଓ ଆମର ପିନ୍ଧନ ଉଡନ ରାଙ୍ଗସୋ ମହନୀ ନୃତ୍ୟ କଳା ଓ ଗବେଷଣା କେନ୍ଦ୍ର ପକ୍ଷରୁ କଲେଜ ଛକ କଲ୍ୟାଣ ମଣ୍ଡପ ରେ ମେହେନ୍ଦି ଓ ଆମର ପିଠା ମଡା ପ୍ରତିଯୋଗିତା, ସଂପୂର୍ଣ୍ଣା ସାମାଜିକ ଅନୁଷ୍ଠାନ ପକ୍ଷରୁ ବଲାଙ୍ଗୀର ବ୍ଲଡ ବ୍ୟାଙ୍କ ରେ ରକ୍ତଦାନ ଶିବିର, ଡେଙ୍ଗ ହାଇସ୍କୁଲ ପକ୍ଷରୁ ଅକ୍ଟୋବର ୨୬ ରେ ବିଶ୍ୱମ୍ବା ବିଦ୍ୟା ମନ୍ଦିରରେ ଗୀତ ପ୍ରତିଯୋଗିତା, ଜୟ ବଲାଙ୍ଗୀର ଟିମ ପକ୍ଷରୁ ଟାଉନ୍ ବାଳିକା ବିଦ୍ୟାଳୟରେ ଷ୍ଟାଣ୍ଡପ କମେଡି, ସାମେ ଏ ମେହେଫିଲ ପକ୍ଷରୁ ଅକ୍ଟୋବର ୨୮ ରେ ବଲାଙ୍ଗୀର ସୈନିକ ଭବନରେ କୋସଲି କବିତା ଆସର, ତହକ କୁଟୁମ୍ ପକ୍ଷରୁ ଅକ୍ଟୋବର ୨୯ ରେ ତୁଳସିନଗର ଦୁର୍ଗା ମଣ୍ଡପ ଠାରେ ଚିତ୍ରାଙ୍କନ ପ୍ରତିଯୋଗିତା, ଦୁର୍ଗା ପୂଜା କମିଟି ପକ୍ଷରୁ ଅକ୍ଟୋବର ୩୦ ରେ ଆଲୋଚନାଚକ୍ର ମାହେଶ୍ୱରୀ ସଂଗଠନ ପକ୍ଷରୁ ଆୟୋଜିତ ହେବ ଏବଂ ନଭେମ୍ବର ୧ ସକାଳ ୯ଟା ରୁ ସାଂସ୍କୃତିକ ଶୋଭାଯାତ୍ରା ବାହାରିବ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦଯାପନ କରାଯିବ ବୋଲି ଅଧକ୍ଷ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରତାପ ରଥ, ଦିନେଶ ଶର୍ମା, ଗୋପାଳ ପ୍ରଧାନ, ସଙ୍ଗୀତା ଦାସ, ସରିତା ଦାସ ଓ କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ପରିଚାଳନା କରିଥିଲେ ବିଦ୍ୟୁ ଭୁଷଣ ତ୍ରିପାଠୀ ଓ ଶେଷରେ ଲୋଟସ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛଟପୂଜା ପାଇଁ ଘାଟ ନିର୍ମାଣ, ମରାମତି ଓ ସଫେଇ କାର୍ଯ୍ୟ

ସମ୍ବଲପୁର, ୨୪/୧୦ (ନି.ପ୍ର): ଆଗାମୀ ଦିନରେ ସୂର୍ଯ୍ୟ ଉପାସନାକୁ ନେଇ ପାଳିତ ଛଟପୂଜା ପାଇଁ ବିଭିନ୍ନ ନଦୀଘାଟ ଓ ଅନ୍ୟାନ୍ୟ ଜଳସ୍ରୋତ ସମ୍ମୁଖରେ ଥିବା ଘାଟ ଗୁଡିକରେ ନୂତନ ନିର୍ମାଣ ଓ ମରାମତି କାର୍ଯ୍ୟ ସହିତ ସଫେଇ ଅଭିଯାନ ଆରମ୍ଭ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି ସଫେଇ ଅଭିଯାନ ପାଇଁ ଏଥର ବିଶେଷ ତତ୍ପରତା ପରିଲକ୍ଷିତ ହେଉଛି ।

ଏକଥା ନିଶ୍ଚିତ ରୂପେ ସ୍ୱୀକାର କରିବାକୁ ପଡ଼ିବ କି ଭାରତୀୟ ଜନତା ପାର୍ଟି କ୍ଷମତାସୀନ ହେବା ପରଠାରୁ ଏହି ତତ୍ପରତାରେ ବୃଦ୍ଧି ହୋଇଛି। ବର୍ତ୍ତମାନ କେନ୍ଦ୍ର ସହିତ ରାଜ୍ୟରେ ମଧ ଭାଜପାର ସରକାର ଗଠନ ଯୋଗୁଁ ଏଭଳି ଧାର୍ମିକ କାର୍ଯ୍ୟକ୍ରମରେ ତାଙ୍କ ସମର୍ଥନ ରହିଛି। ଏପରିକି ସମ୍ବଲପୁର ସାଂସଦ ନିର୍ବାଚିତ ହେବା ଆଗରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଏ ଦିଗରେ ସମ୍ପୃକ୍ତି ଦେଖିବାକୁ ମିଳିଥିଲା ଓ ଗତ ଦୁଇ ବର୍ଷ ସେ ଏଠାକାର ଛଟପୂଜା ସମୟରେ ନିଜେ ପ୍ରତ୍ୟକ୍ଷ ରୂପେ ସାମିଲ ହୋଇଥିଲେ। ୨୦୨୩ ରେ ନିର୍ବାଚିତ ହେବା ପୂର୍ବରୁ ଓ ୨୦୨୪ରେ ନିର୍ବାଚିତ ସାଂସଦ ଭାବେ ।

ବିଜେପି କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଠାରୁ ଏ ବିଷୟରେ ମିଳିଥିବା ଏକ ସୂଚନା ଅନୁଯାୟୀ, ଏଥର ସାଂସଦ ଶ୍ରୀ ପ୍ରଧାନ ବିହାର ବିଧାନସଭା ନିର୍ବାଚନରେ ପାର୍ଟି ପ୍ରଭାରୀ ଦାୟିତ୍ୱରେ ଥିବାରୁ ସମ୍ବଲପୁର ଆସିବାର ସମ୍ଭାବନା କମ ଥିବାରୁ ସେଠାରେ ରହି ମଧ ଏଠାକାର ଛଟପୂଜା ପ୍ରସ୍ତୁତିକୁ ନେଇ ଟିକିନିଖି ଖବର ରଖୁଛନ୍ତି । ରାଜ୍ୟର କୋଣାର୍କରେ ଐତିହାସିକ ସୂର୍ଯ୍ୟ ମନ୍ଦିର ନିର୍ମାଣ ସତ୍ୱେ ଏଠାରେ ସୂର୍ଯ୍ୟ ଉପାସନା ସେତେ ଲୋକପ୍ରିୟ ନଥିଲା, ଯାହାକି ସମ୍ପୂର୍ଣ୍ଣ ଉତର ଭାରତରେ ରହିଛି, ବର୍ତ୍ତମାନ ସାଂସ୍କୃତିକ ଆଦାନପ୍ରଦାନ ଯୋଗୁଁ ଏଠାରେ ମଧ ଏହି ପରମ୍ପରା ଦେଖିବାକୁ ମିଳୁଛି ।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବୁର୍ଲାର ବିଷ୍ଣୁପଡ଼ା ଘାଟ, ମନ୍ଦଲିଆ, ବରେଇପାଲି, ମାରୱାଡ଼ି ପଡ଼ା, କଟର ଧୁଆ ବନ୍ଧ, କଦମ ମାଲ ଛଟ ଘାଟ, ହୀରାକୁଦ, ଛଟ ପୂଜା ଘାଟ, ଭଙ୍ଗାମୁଣ୍ଡା ବିହାରୀ ପଡ଼ା, ଝାଙ୍କରପଡ଼ା ଓ ଏକୋଡୋପଡ଼ା ଆଦି ସ୍ଥାନରେ ନୂତନ ନିର୍ମାଣ, ମରାମତି କାର୍ଯ୍ୟ ସହିତ ସଫେଇ ଅଭିଯାନ ଚାଲିଛି ।

# କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ଭିନ୍ନକ୍ଷମ ଶିବିର

କେନ୍ଦ୍ରାପଡ଼ା, ୨୪/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଓ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିବିର କୁ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବିଡିଓ ଅଭିଷେକ ସ୍ୱାଇଁ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଡିଏସଏସଓ ସଂଗ୍ରାମ କେଶରୀ ବେହୁରା, ବିଏସଏସଓ ସୁଦିପ୍ତା ମହାପାତ୍ର, ସଦର ବିଏସଏସଓ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିର ରେ କେନ୍ଦ୍ରାପଡା ବ୍ଲକ ଓ ପୌରାଂଚଳ ର ୭୦୦ ଜଣ ବ୍ୟକ୍ତି ନାମ ପଞ୍ଜିକରଣ କରିଥିବା ବେଳେ ୬୭୪ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଥିଲା । ଏହି ଶିବିରରେ ଅସ୍ଥି ଶଲ୍ୟ, ଭେଷଜ, କର୍ଣ୍ଣ-ନାସା-ଗଳା, ଚକ୍ଷୁ, ମସ୍ତିଷ୍କ ପ୍ରଭୃତି ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ପରୀକ୍ଷା କରିଥିଲେ।

# ଆଗାମୀ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ସେଲ୍, ଆରଏସପିରେ ବିକ୍ରେତା/ଯୋଗାଣକାରୀଙ୍କ ସହ ମତବିନିମୟ ଅଧିବେଶନ ଆୟୋଜିତ

ରାଉରକେଲା, ୨୪/୧୦ (ନି.ପ୍ର): ଆଗାମୀ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଉପଲକ୍ଷେ ଅକ୍ଟୋବର ୨୩ ତାରିଖରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ବିକ୍ରେତା/ ଯୋଗାଣକାରୀଙ୍କ ସହିତ ଏକ ମତବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଅଧକ୍ଷତା କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଶ୍ରୀ ଟି ବିନୋଦ, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଶ୍ରୀ ଏସ୍ ଏସ୍ ରାୟଚୌଧୁରୀ, ସିସିଡବ୍ଲ୍ୟୁ ବିଭାଗ ର ସିଜିଏମ, ଶ୍ରୀ ଆଲୋକ କୁମାର ବେହେରା, ମେକାନିକାଲ ବିଭାଗର ସିଜିଏମ ଶ୍ରୀ ଡି କେ ପାଲ, ସତର୍କତା ବିଭାଗର ଜିଏମ ଏବଂ ଏସିଭିଓ, ଶ୍ରୀ ରଞ୍ଜନ ଭାରତୀଙ୍କ ସମେତ ସାମଗ୍ରୀ



ପରିଚାଳନା ଏବଂ ସତର୍କତା ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକ ରେ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ (ଡି ଏସ ଏସ ଆଇ ଏ), ଓଡ଼ିଶା ଯୁବ ଉଦ୍ୟୋଗୀ ସଂଘ (ଓ ୱାଇ ଇ ଏ ), ଓଡ଼ିଶା କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ ସମାବେଶ (ଓ ଏ ଏସ ଏମ ଇ) ଏବଂ ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଆର ସି ସି ଆଇ) ର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଏହି ଅବସରରେ, ଶ୍ରୀ ଅନିଲ କୁମାର ବ୍ୟବସାୟ ପ୍ରକ୍ରିୟାରେ ସ୍ୱଚ୍ଛତା, ଅଖଣ୍ଡତା ଏବଂ ନ୍ୟାୟପୂର୍ଣ୍ଣ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ସଚେତନତା ବଜାୟ ରଖିବା ଉଦ୍ଦେଶ୍ୟରେ ଏମଏମ ବିଭାଗ ସାମୁହିକଙ୍କ ଆୟୋଜିତ ଏହି ପ୍ରୟାସର ପ୍ରଶଂସା କରିଥିଲେ। ସେ ଏଥିରେ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ନୈତିକ ଆଚରଣ ଏବଂ ସାମୂହିକ ଦାୟିତ୍ୱର ମୂଲ୍ୟବୋଧକୁ ବଜାୟ ରଖିବାକୁ ମଧ ଅନୁରୋଧ କରିଥିଲେ। ଶ୍ରୀ ରଞ୍ଜନ ଭାରତୀ, ଏଥିରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସତର୍କତା ଅଖଣ୍ଡତା ସଙ୍କଳ୍ପ ପାଠ କରାଇବା ସହିତ ସ୍ୱଚ୍ଛତା ଏବଂ ନୈତିକ ବ୍ୟବସାୟିକ ଅଭ୍ୟାସର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ବିକ୍ରେତାଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସତର୍କତା ସଚେତନତା ସପ୍ତାହର ଗୁରୁତ୍ୱ ବିଷୟରେ ମଧ ବିସ୍ତୃତ ଭାବରେ ବର୍ଣ୍ଣନା କରିବା ସହିତ ଏହି ପଦକ୍ଷେପରେ ବାହ୍ୟ ପଣଧାରୀମାନଙ୍କୁ ସାମିଲ କରିବାର ଉଦ୍ଦେଶ୍ୟ ଉପରେ ମଧ ଆଲୋକପାତ କରିଥିଲେ।

ପୂର୍ବରୁ, ଶ୍ରୀ ଟି ବିନୋଦ ବିକ୍ରେତାମାନଙ୍କୁ ସ୍ୱାଗତ କରିବା ସହିତ ଏହି କାର୍ଯ୍ୟକ୍ରମର ଏକ ସାରାଂଶ ପ୍ରଦାନ କରିଥିଲେ, ଯେଉଁଥିରେ ଚଳିତ ବର୍ଷର ବିଷୟବସ୍ତୁ, ସତର୍କତା ସଚେତନତା ସପ୍ତାହ ପାଳନ ବିଷୟରେ ବିବରଣୀ ଅନ୍ତର୍ଭୁକ୍ତ ଥିଲା ।

ଏମ ଏମ ବିଭାଗ ର ଡେପୁଟି ମ୍ୟାନେଜର ଶ୍ରୀ ଏମ୍ ସି କୁମାର, ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟା, ଜିଇଏମ୍ ମାଧ୍ୟମରେ କ୍ରୟ ଏବଂ ଏସ୍‌ଆରଏମ୍ ପ୍ଲାଟଫର୍ମ ମାଧମରେ ଟେଣ୍ଡରିଂ ବିଷୟରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ବିକ୍ରେତାମାନେ ମତବିନିମୟ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଟେଣ୍ଡରିଂ, କ୍ରୟ ଏବଂ ବିକ୍ରେତା ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଏମଏମ ବିଭାଗର ଜିଏମ ଶ୍ରୀ ଜିଏସ୍ ଗୋସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମାର୍କେଟିଂ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସ୍ନେହା ଜି ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବେଆଇନ ଗୋରୁ ବୋଝେଇ ଗାଡି ଜବତ: ୪୦ ଗାଈ ବଳଦ ଉଦ୍ଧାର

ଜୟପୁର, ୨୪/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅନ୍ତର୍ଗତ ଜାତୀୟ ରାଜପଥର ଏୟାର ପୋର୍ଟ ନିକଟରୁ ଗୋ ଚାଲାଣ ଟ୍ରକ ଜବତ ହୋଇଛି। ଆଜି ଜୟପୁର ସଦର ଥାନାଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଏୟାରପୋର୍ଟ ଛକ ନିକଟରୁ ଗୋଟିଏ ଟ୍ରକ ନବରଙ୍ଗପୁରରୁ ଭଦ୍ରାଚଂଳମ ଗୋ ଚାଲାଣ ହେଉଥିଲା। ଜୟପୁର ହିନ୍ଦୁ ସମାଜର କର୍ମକର୍ତା ମାନେ ଗୋଚାଲଣ ହେଉଥିବା ଖବର ପାଇବା ପରେ ବୋରିଗୁମ୍ମା ଠାରୁ ଜୟପୁର ସଦରଥାନା ପର୍ଯ୍ୟନ୍ତ ବିଭିନ୍ନ ଛକ ମାନଙ୍କରେ ଗାଡି ଅନୁଧାନ କରୁଥିଲେ। ଗାଡି ଜୟପୁର ସଦର ଥାନା ଅଂଚଳରେ ପହଁଚିବା ପରେ ହିନ୍ଦୁ ସମାଜ କର୍ମକର୍ତା ମାନେ ସଦର ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଚି ଗୋରୁ ଗାଡିକୁ ଜବତ କରିଥିଲେ। ଏବଂ ଗାଡିକୁ ସଦରଥାନାକୁ ଆଣିବା ପରେ ଡ୍ରାଇଭର ଓ ହେଲପରକୁ ଥାନାରେ ଅଟକ ରଖିଛନ୍ତି। ହିନ୍ଦୁସମାଜ ସମେତ ଅନେକ ହିନ୍ଦୁ ଅନୁଷ୍ଠାନର କର୍ମକର୍ତା ମାନେ ଗୋରୁ ବୋଝେଇ ଗାଡିକୁ ଯାଂଚ୍ କରି ଅଟକାଇ ପୁଲିସକୁ ଜିମା ଦେଇଛନ୍ତି। ଆଜି ହିନ୍ଦୁ ସମାଜ ପକ୍ଷରୁ ଲିଖିତ ଭାବେ ସଦର ଥାନାରେ ଏନେଇ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ୪୦ଟି ଗୋରୁକୁ ପାଞ୍ଜିଆଗୁଡା ଗୋଶାଳାରେ ରଖିଥିଲେ। ସେଥି ମଧରୁ ୬ଟି ଗୋରୁ ମରିଯାଇଥିବା ଦେଖିବାକୁ ମିଳିଥିଲା। ଗାଡି ଡ୍ରାଇଭର ପି. ରାଜାଙ୍କ କହିବାନୁଯାୟୀ ସେ ନବରଙ୍ଗପୁର ନିକଟରେ ଗାଡିରେ ଗାଈ ଗୁଡିକ ଲୋଡିଙ୍ଗ କରିଥିଲେ। ଏହି ଗାଡି ଆନ୍ଧ୍ରପ୍ରଦେଶର ଭଦ୍ରାଚଳମ ଯିବା ପାଇଁ ସ୍ଥିର ହୋଇଥିଲା। ଏବଂ ପରେ ଭଦ୍ରାଚଳମ ଠାରୁ ଅନ୍ୟ ଏକ ଗାଡିରେ ହାଇଦ୍ରାବାଦ ଯିବାର ଥିଲା। ଗୋଚାଲାଣ ହେଉଥିବା ଗାଡିକୁ ଅଟକ ରଖିବା ସହ ଗାଡି ଡ୍ରାଇଭରକୁ ଗିରଫ କରି ଗୋଶାଳାରେ ଗାଈ ଗୁଡିକୁ ଛାଡି ଦିଆଯାଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ହବିଷ୍ୟାଳୀ ମା’ ମାନେ ଆମ ମହାନ ସଂସ୍କୃତିର ସୁରକ୍ଷା କବଚ

ପୁରୀ, ୨୪/୧୦ (ନି.ପ୍ର): ହୁଳହୁଳି ଧ୍ୱନିରେ କମ୍ପିଯାଏ ଆକାଶ ଦୀପ ଟଙ୍ଗା ହୋଇଥିବା ସ୍ଥଳ। ସେଇଠି ତୁଳସୀ ଚଉରା ସ୍ଥାପନ କରି ହବିଷ୍ୟାଳୀ ମା ମାନେ ଜାଳୁଥାନ୍ତି ଦୀପ। ଆଉ କିଏ ସବୁ ନାଚୁଥାନ୍ତି ହବିଷ ପୁରାଣର ତାଳେ ତାଳେ। ଦଳ ଦଳ ହୋଇ ବୃତାକାରରେ ସେମାନେ ବିଭୂ ପ୍ରେମରେ ବିଭୋର ହୋଇ ନାଚୁଥାନ୍ତି। ଜଣେ ହେଉଥାନ୍ତି କୃଷ୍ଣ ମଥାରେ ମୁକୁଟ ସହ ମୟୂର ଚୂଳ ଲଗେଇ, ହାତରେ ବଂଶୀ ଧରି। ଆଉ ଜଣେ ମଥାରେ ଚୁନରୀ ପକେଇ ସାଜୁଥାନ୍ତି ରାଧାରାଣୀ। ଅନ୍ୟ ମାନେ ଗୋପ, ବୃନ୍ଦାବନର ସଖୀ ହୋଇ ଆଧାତ୍ମିକ ଭାବରେ ନିମଗ୍ନ ହୋଇ ନୃତ୍ୟ କରୁଥାନ୍ତି। ବୟସର ଅପରାହ୍ନରେ ପହଂଚି ଥିଲେ ମଧ ସେମାନଙ୍କ ମନରେ ନ ଥାଏ ଲଜ୍ଜା ବା ସରମର ଚିହ୍ନ। ଏ ଚିତ୍ର ପୁରୀ ପ୍ରଶାସନ ପକ୍ଷରୁ ଆୟୋଜିତ ସମସ୍ତ ୫ ଗୋଟି ହବିଷ୍ୟାଳୀ କେନ୍ଦ୍ର ର। ବିଭିନ୍ନ ଜିଲ୍ଲାର ମା ମାନଙ୍କ ପାଇଁ ସରକାରଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଖୋଲା ଯାଇଛି ହବିଷ୍ୟାଳୀ କେନ୍ଦ୍ର। ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ରେଲୱେ କଲ୍ୟାଣ ମଣ୍ଡପରେ ରହିଛନ୍ତି ମା ମାନେ। ସଞ୍ଜରୁ ସକାଳ ଗୋଟିଏ ଚିନ୍ତା, ଗୋଟିଏ ଭାବନା। ମହାପ୍ରଭୁ ଆଉ ମହାପ୍ରଭୁ। ଆମ ଆଖିରେ ନିଦ ନାହିଁ। ଦିନରେ ଯେହେତୁ ଭଜନ କୀର୍ତନ କରି ସାମାନ୍ୟ ଜଳଖିଆ ଇତ୍ୟାଦି ଖାଇ ଆମେ ଶୋଇ ପଡିଥାଉ। ରାତି ତିନିରୁ ଉଠି ଗାଧୁଆ ପାଧୁଆ କରି ପ୍ରସ୍ତୁତ ହୋଇ ରହିଥାଉ। ଭୋର ୪ଟା ବାଜିବା ମାତ୍ରେ ମନ ଛଟପଟ ହୁଏ। ଆମକୁ ମନ୍ଦିର ନେବାକୁ ସ୍ୱେଚ୍ଛାସେବୀ ଝିଅ ମାନେ, ପୁଅ ମାନେ ଗାଡି ସହ ହାଜିର ହେବା କ୍ଷଣି ଆମେ ଗାଡିରେ ଚଢିଯାଉ ବୋଲି କହନ୍ତି ବୃନ୍ଦାବତୀ ନିବାସରେ ରହୁଥିବା ବଲାଙ୍ଗୀରର ବୀଣାପାଣି ମିଶ୍ର ଓ ଅନ୍ୟ ମା ମାନେ।


GOVT.OFODISHA
OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR
e-mail ID :- eerwrairangpur@yahoo.com

"e" procurement notice for Building works
Bid identification No- RWDRRP-11 of 2025-26

1. Name of the work : Special repair to old non residential building for the year 2025-26
2. Estimate Cost : Rs.4.20 lakhs 8.40 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date &Time of Opening of Tender in O/O Superintending Engineer, Rural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division, Rairangpur. | RWDRRP-11/2025-26 | 28.10.2025 at 11.00 A.M. | 06.11.2025 Up to 5.00 P.M. | 04.11.2025 Up to 5.00 P.M. | 8.11.2025 at 11.30 A.M |

Further details can be seen from the website www.tendersodisha.gov.in

-Sd-
Er. Sanjeet Naik
Executive Engineer,
R.W. Division, Rairangpur.

OIPR: 25107/11/0033/2526


# ଜୋନ୍ ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା: ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ

ବାରିପଦା, ୨୪/୧୦ (ନି.ପ୍ର): ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାକୁ ନେଇ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଟିଇ ଓ ଏସସିଇଆରଟି, ଓଡିଶା, ଭୁବନେଶ୍ୱର ଏବଂ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦାସ୍ଥିତ ସହୀଦ ସ୍ମୃତି ଭବନ ପରିସରରେ ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂହ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୋଗ ଦେଇଥିଲେ । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ମଂଚାସୀନ ଅତିଥିମାନଙ୍କ ଅତିଥି ପରିଚୟ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ନାଟକର ଉପାଦେୟତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଥିଏଟର ଅଭିନେତା ଓ ନିର୍ଦ୍ଦେଶକ କୁମରମଣି ନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଥିଏଟର ଓ ଫିଲ୍ମର ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା, ନୃତ୍ୟ ପ୍ରଶିକ୍ଷକ ଲିଟନ ପଟ୍ଟନାୟକ, ନୃତ୍ୟ ଶିଳ୍ପୀ ରିଚା ବାରିକ, ନୃତ୍ୟ ଶିକ୍ଷକ ଅରୂପାନନ୍ଦ ମହଲା ପ୍ରମୁଖ ଯୋଗଦେବା ସହିତ ପ୍ରତିଯୋଗିତାର ବିଚାରକ ଭାବେ ମଧ ଯୋଗ ଦେଇଥିଲେ । ପ୍ରତିଯୋଗିତରେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ଜିଲ୍ଲା ର ଭାଗିରଥିପୁର ଉଚ୍ଚ ବିଦ୍ୟାଳୟ, ଅନୁଗୁଳ ଜିଲ୍ଲାର ଆଂଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ, ଅଡଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇ ଅତିଥିମାନଙ୍କ ନିକଟରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ । ଶ୍ରେଷ୍ଠ ଅଭିନେତା ରୂପେ ବାଲେଶ୍ୱର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ର ଶିବନାରାୟଣ ଦାସ, ଶ୍ରେଷ୍ଠ ଯୁଗ୍ମ ଅଭିନେତ୍ରୀ ରୂପେ ଭଦ୍ରକ ଜିଲ୍ଲାର ଓଏଭି, ସାୟାମପୁର ସୁହାନା ଦାସ ଓ ମୟୂରଭଞ୍ଜ ଜିଲ୍ଲାର ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ସ୍ୱାଗତିକା ପଣ୍ଡା, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ର ଚନ୍ଦନ କୁମାର ଦାସ, ନାଟକ ଲେଖକ ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦେବଦ୍ରତ ଦେ ଅତିଥି ମାନଙ୍କ ନିକଟରୁ ଟ୍ରଫି, ପୁଷ୍ପ ଗୁଚ୍ଛ ନେଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ପ୍ରଧାନଶିକ୍ଷକ ରମେଶ ମାରାଣ୍ଡି, ନୟନ କୁମାର ଗିରି, ବସନ୍ତ ଦତ, ମନୋଜ ପାତ୍ର, ଭୀଷ୍ମଦେବ ମହାନ୍ତ,ମନୋଜ ପରିଡା, ଦୀପକ ରାମ,ସଂଜୀବ ଦଳେଇ,ଅଜିତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ,ପ୍ରାର୍ଥନା ମିଶ୍ର, ସୁଦତା ବାରିକ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ଜେନା ସହଯୋଗ କରିଥିଲେ କ୍ଷ ସୂଚନାଯୋଗ୍ୟ, ଜୋନସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବାଲେଶ୍ୱର ଜିଲ୍ଲାର ଦହମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରରେ ଅଂଶ ଗ୍ରହଣ କରିବ ବୋଲି ଘୋଷଣା କରାଯାଇଥିଲା ।

# ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୨୪/୧୦ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ କାଳିଆ ଗାଁ ସାଧନ କେନ୍ଦ୍ର ସଂଯୋଜକ ରାମେଶ୍ୱର ପଣ୍ଡାଙ୍କ ଦ୍ୱାରା ବଡ଼ ଜିଉନା ଠାରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋରାପୁଟିଆ ପାରମ୍ପରିକ ନୃତ୍ୟ ଢେମସା ରେ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଉପ ସଭାପତି, ରାଜେନ୍ଦ୍ର ନାରାୟଣ ପାଢ଼ି ବିଭାଗୀୟ ଅଧିକାରୀ, କେ ଗୋପାଳ ଓ ସୋମନାଥ ଗାଦବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୮ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରିବା ସହିତ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ୧୩ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମିତବ୍ୟୟିତା, ସ୍ୱଳ୍ପ ସଂଚୟ ଓ ସାଇବର ଠକେଇ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର, ୨୪/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ମିତବ୍ୟୟିତ, ସ୍ୱଳ୍ପ ସଂଚୟ ଓ ସାଇବର ଠକେଇ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସହ ନିର୍ଦ୍ଦେଶକ, ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ନୀଳାଚଳ ସେଠୀଙ୍କର ଅଧକ୍ଷତାରେ ଆୟୋଜିତ ଏହି ବକ୍ତୃତା ପ୍ରତିଯୋଗିତାରେ ସମ୍ବଲପୁରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ପ୍ରାରମ୍ଭିକ ସୂଚନା ଦେଇ, ଶ୍ରୀ ସେଠୀ କହିଲେ ଯେ, ଆଜିର ଜୀବନରେ ସଂଚୟର ଅନେକ ଆବଶ୍ୟକତା ରହିଛି । ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଂଚୟର ଆବଶ୍ୟକତା ବହୁତ । ତେଣୁ ମିତବ୍ୟୟିତାକୁ ସୁପ୍ରବନ୍ଧନ କରିବା ସହ ସଂଚୟ ପ୍ରତି ଧ୍ୟାନ ଦେବା ଉଚିତ । ଏଥିସହ ସାଇବର ଠକେଇର ବ୍ୟାପକତା ବଢିଛି ତେଣୁ, ନିଜକୁ ସୁରକ୍ଷିତ ରଖିବା ପାଇଁ ସଚେତନ ହେବା ଜରୁରୀ ବୋଲି କହିଥିଲେ।

ଏହି ପ୍ରତିଯୋଗିତାରେ ବିଚାରକ ଭାବରେ ତ୍ରିଲୋଚନ ତ୍ରିପାଠୀ, ରାଜାରାମ ପାଢ଼ୀ ଓ ସୂର୍ଯ୍ୟ ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଜୀବନ ଶୈଳୀ ଶୃଙ୍ଖଳିତ କରିବା ସହ ସୁରକ୍ଷିତ ଭବିଷ୍ୟତ ଗଢିବା ପାଇଁ ସଂଚୟ ପ୍ରତି ଆଗ୍ରହ କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ପ୍ରତିଯୋଗୀତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧରୁ ବିକାଶ ଦି କନସେପ୍ଟ ସ୍କୁଲ, ଶାସନର ଅମିନିତା ଶତପଥି (ପ୍ରଥମ ), ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୁଢାରଜାର ରାଖୀ ଶର୍ମା ( ଦ୍ୱିତୀୟ ) ଓ ବାଲିବାନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୋଫିଆ ମଲ୍ଲିକ ( ତୃତୀୟ ) ହୋଇଥିଲେ । ଆସନ୍ତା ଅକ୍ଟୋବର ୩୦ ତାରିଖ ଦିନ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଆୟୋଜିତ ହେବାକୁ ଥିବା ବିଶ୍ୱ ମିତବ୍ୟୟିତା ଦିବସରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସହ ନିର୍ଦ୍ଦେଶକ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୬ ଅକ୍ଟୋବର ୨୦୨୫
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୧୮
(ପୂର୍ବ ପ୍ରକାଶିତ ଉତ୍ତାରୁ...)

॥ ତେଇଶ ॥

ଅଶ୍ୱମେଧ ଯଜ୍ଞର ଏକାଦଶ ଦିବସ । ଯଥାରୀତି ଯଜ୍ଞକାର୍ଯ୍ୟ ଚାଲିଛି । ଆମନ୍ତ୍ରିତ ଅତିଥି, ଅଭ୍ୟାଗତ, ରାଜାପ୍ରଜା ସମସ୍ତେ ଆନନ୍ଦରେ ଅଭିଭୂତ ହୋଇ ପଡୁଥା'ନ୍ତି । ଏପରି ମହାସମାରୋହରେ ଯଜ୍ଞ କାର୍ଯ୍ୟ ସେମାନେ ଆଗରୁ କେବେ ଦେଖିନଥିଲେ । ଅଯୋଧ୍ୟା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଏ ଯଜ୍ଞ ଅନୁଷ୍ଠାନ ଲିପିବଦ୍ଧ ହୋଇ ରହିବ । ଆଗାମୀ ପିଢ଼ି ଜାଣିବେ ଅଯୋଧ୍ୟାରେ ଏଭଳି ଜଣେ କୀର୍ତ୍ତିମାନ, ଯଶସ୍ୱୀ ରାଜା ଥିଲେ ଯିଏକି ଦୀର୍ଘଦିନ ଧରି ଅଶ୍ୱମେଧ ଯଜ୍ଞ କରି ଖ୍ୟାତି ଅର୍ଜନ କରିଛ'ନ୍ତି ।

ପ୍ରତ୍ୟେକଦିନ ସୂର୍ଯ୍ୟୋଦୟରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ଆଳତି ପରେ ଶେଷ ହୁଏ। ସାଧୁ, ସନ୍ଥ, ମୁନିଋଷି ମାନେ ବିଶ୍ରାମ ନିଅନ୍ତି କିନ୍ତୁ ବିଶ୍ରାମ ନେଇ ପାରନ୍ତି ନାହିଁ ଯଜ୍ଞ ପୁରୋଧା ପୁରୁଷୋତ୍ତମ ଶ୍ରୀରାମ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଭିତରେ ସେ ଯେମିତି କାହାକୁ ଖୋଜି ବୁଲୁଥା'ନ୍ତି । ଏକଥା ସେ କାହାରି ନିକଟରେ ପ୍ରକାଶ ନକଲେ ମଧ ମହର୍ଷି ବିଶ୍ୱାମିତ୍ର ଜାଣିଛନ୍ତି ତାଙ୍କ ଶିଷ୍ୟ କାହାକୁ ଖୋଜୁଛନ୍ତି । ଲକ୍ଷ୍ମଣ ସହିତ ମହର୍ଷି ବାଲ୍ମିକୀ ଯାଇଛନ୍ତି । ସେମାନେ ଫେରି ନାହାନ୍ତି । ଏଣେ କୁଶ ଲବ ଦୁଇଭାଇ ରାମାୟଣ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଇ ସାରିଲେଣି । ଯଜ୍ଞ କାର୍ଯ୍ୟ ଶେଷ ହୋଇଯିବ । ରାମାୟଣ ମଧ ପୂର୍ଣ୍ଣ ହୋଇଯିବ, ହେଲେ ରାଜା ରାମଚନ୍ଦ୍ରଙ୍କ ଜୀବନରେ ପୂର୍ଣ୍ଣତା ଆସବି କି ନାହିଁ ଏକଥା କହିବ କିଏ ? ମହର୍ଷି ବିଶ୍ୱାମିତ୍ର କହୁଥିଲେ ଏହି ଦିନେ ଦୁଇଦିନ ମଧରେ ମହର୍ଷି ବାଲ୍ମିକୀ ଆସି ପହଞ୍ଚିବେ । ତାଙ୍କ ସହିତ ଆସି ପହଞ୍ଚିବେ ମିଥିଳା ରାଜନନ୍ଦିନୀ ମୈଥିଳୀ । ସୀତାଙ୍କୁ ପାଖରେ ପାଇଲେ ରାଜା ରାମଚନ୍ଦ୍ର ସବୁ ମାନ ଅଭିମାନ ଭୁଲିଯାଇ ସୀତାଙ୍କୁ ବରଣ କରିନେବେ । ସମସ୍ତ କଳ୍ପନାର ଅନ୍ତ ଘଟିବ ।

ସମସ୍ତ କଳ୍ପନାର ଅନ୍ତ ଘଟିଥିଲା । ମହର୍ଷି ବାଲ୍ମିକୀ ସତୀ ଶିରୋମଣି ବୈଦେହୀଙ୍କୁ ନେଇ ନୈମିଷାରେ ପାଦ ଦେଇଥିଲେ ।

କୋଳାହଳରେ ପୂରିଉଠିଲା ଯଜ୍ଞକ୍ଷେତ୍ର । ସୀତା ଆସିଗଲେ, ସୀତା ଆସିଗଲେ ଧ୍ୱନିରେ ଧ୍ୱନିତ ହେଲା ଯଜ୍ଞସ୍ଥଳ । କିଛିସମୟ ପାଇଁ ସ୍ଥଗିତ ହୋଇ ଯାଇଥିଲା ଯଜ୍ଞାନୁଷ୍ଠାନ । ସମସ୍ତେ ଧାଇଁ ଆସିଥିଲେ ସୀତା ମାତାଙ୍କୁ ଦେଖିବା ପାଇଁ ।

ଆଗେ ଆଗେ ଚାଲିଛନ୍ତି ମହର୍ଷି ବାଲ୍ମିକୀ। ତାଙ୍କ ପଛକୁ ଧୀରପଦରେ ମୁଖତଳକୁ ପୋତି ଚାଲିଛନ୍ତି ଦେବୀ ଜାନକୀ । ହସ୍ତଧରି ଚାଲିଛନ୍ତି ତପସ୍ୱିନୀ ଅନୁକମ୍ପା । ପଛକୁ ଲକ୍ଷ୍ମଣ । କାହାରି ତୁଣ୍ଡରେ ଭାଷା ନାହିଁ ।

ଅଯୋଧ୍ୟାର ଜନପ୍ରଜାଙ୍କ ତୁଣ୍ଡରେ ଆନନ୍ଦର ଲହରୀ । ଜୟ ସୀତା ମାତା କି ଜୟ ଧ୍ୱନିରେ ସେମାନେ ପ୍ରକମ୍ପିତ କରି ଦେଉଛନ୍ତି ବନସ୍ଥଳୀକୁ । କୌଶଲ୍ୟା, କୈକେୟୀ, ସୁମିତ୍ରାଦି ମାତାମାନେ ଧାଇଁ ଆସୁଛନ୍ତି ତାଙ୍କ ପୁତ୍ରବଧୂକୁ ଶଂଖୋଳି ନେବାପାଇଁ । ମୁନିଋଷିମାନେ ମଂଗଳ ସୂଚକ ମନ୍ତ୍ର ଉଚ୍ଚାରଣ କଲେଣି । ବନ୍ଦାପନା ଥାଳ ଧରି ଧାଇଁଆସିଲେଣି ଅଯୋଧ୍ୟାର ପୁରନାରୀମାନେ । ତାଙ୍କ ମହାରାଣୀ ସୀତାଦେବୀଙ୍କୁ ସେମାନେ ବନ୍ଦାପନା କରି ନେଇଯିବେ । ଆଲଟ ଚାମର ଧରି ଥୋକେ ଉଭା ହୋଇଗଲେଣି । ପୁଷ୍ପ ଚନ୍ଦନ ବିଛେଇ ହୋଇ ପଡୁଛି ସୀତାଦେବୀଙ୍କ ଆଗମନୀ ରାସ୍ତାରେ । ସମସ୍ତଙ୍କୁ ଚକିତ କରିଦେଇ ମହର୍ଷି ବାଲ୍ମିକୀ କହିଥିଲେ, 'ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ରବଧୂ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସହଧର୍ମିଣୀ, ସୀତାମାତା ସ୍ୱାମୀ କର୍ତ୍ତୃକ ମିଥ୍ୟା ଅପବାଦର ଶିକାର ହୋଇ ରାଜ୍ୟରୁ ବିତାଡ଼ିତ ହୋଇଥିଲେ । ସେହିଦିନରୁ ସେ ଆଶ୍ରୟ ନେଇଥିଲେ ମୋ ଶାନ୍ତି ଆଶ୍ରମରେ । ମୋର କନ୍ୟା ଭାବରେ ମୁଁ ତାକୁ ଆଶ୍ରୟ ଦେଇଥିଲି । ସେହିଠାରେ କୁଶ ଲବଙ୍କର ଜନ୍ମ। ତାଙ୍କୁ ଶାସ୍ତ୍ର ଶିକ୍ଷା, ଶସ୍ତ୍ରଶିକ୍ଷା ମୁଁ ଦେଇଛି । ମୋ ରଚିତ ରାମାୟଣକୁ ସେମାନେ ଏମିତି ଏଠାରେ ଗାନ କଲେ, ଯାହାଫଳରେ ପିତାପୁତ୍ରଙ୍କର ମିଳନ ହୋଇପାରିଲା । କାର୍ଯ୍ୟର ଶେଷ ଦାୟିତ୍ୱ ମୋ ଉପରେ ବିଶ୍ୱାମିତ୍ର, ବଶିଷ୍ଠ ଆଦି ମହର୍ଷିମାନେ ନ୍ୟସ୍ତ କରିଥିଲେ । ରାଜା ଶ୍ରୀରାମ ମଧ ମୋତେ ଅନୁରୋଧ କରିଥିଲେ ସୀତାଙ୍କୁ ଆଣି ଏଠାରେ ପହଞ୍ଚାଇଦେବାକୁ । ସେଥିପାଇଁ ସେ ଏକ ପତ୍ର ଲେଖି ମୋ ସହିତ ଲକ୍ଷ୍ମଣକୁ ପଠାଇଥିଲେ । ସ୍ୱାମୀଙ୍କ ହସ୍ତଲିଖିତ ଚିଟାଉ ପାଇ, ତଥା ମୋ ଅନୁରୋଧ କ୍ରମେ ଦେବୀ ସୀତା ଆସି ଏ ଯଜ୍ଞସ୍ଥଳରେ ଉପନୀତ ହୋଇଛନ୍ତି । ଅଯୋଧ୍ୟାର ରାଜମାତାଗଣ, ଅଯୋଧ୍ୟାର କୁଳବଧୂମାନେ, ଏବେ ତୁମେମାନେ ଦେବୀ ସୀତାଙ୍କୁ ବନ୍ଦାପନା କରି ନେଇଯାଅ ।'

ମହର୍ଷିଙ୍କ ତୁଣ୍ଡରୁ କଥା ନସରୁଣୁ ଉର୍ମିଳା, ମାଣ୍ଡବୀ, ଶ୍ରୁତକୀର୍ତ୍ତି ଧାଇଁ ଆସି ଦେବୀ ସୀତାଙ୍କୁ ବନ୍ଦାପନା କରିଥିଲେ । ତାଙ୍କ ଉପରେ ବର୍ଷାଇ ଦେଇଥିଲେ ପୁଷ୍ପ ଚନ୍ଦନର ଧାରା । ମନେହେଲା ସତେଯେପରି ନଭମଣ୍ଡଳରେ ଥାଇ ଇନ୍ଦ୍ରଦେବତା ଐରାବତ ହସ୍ତୀର ଶୁଣ୍ଢରୁ ଶ୍ୱେତଗଂଗାର ଧାରା ଝରାଇ ଦେଉଛନ୍ତି । ଶଂଖ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହେଉଥାଏ ନୈମିଷାରଣ୍ୟ । କୌଶଲ୍ୟା, କୈକେୟୀ, ସୁମିତ୍ରା ତିନି ମାତା ଆସି ବଧୂଙ୍କୁ କୋଳ କରି ନେଇଥିଲେ ।

ହତବାକ୍ ହୋଇ ଯାଉଛନ୍ତି ସୀତାଦେବୀ । କଣ ଏସବୁ ଘଟିଯାଉଛି । ସତରେ କ'ଣ ସେ ତାଙ୍କର ପୂର୍ବସୁଖ ଫେରି ପାଇବାକୁ ଯାଉଛନ୍ତି ? ସତରେ କ'ଣ ଅଯୋଧ୍ୟାର ରାଜଲକ୍ଷ୍ମୀ ତାଙ୍କ ପ୍ରତି ସୁପ୍ରସନ୍ନ ହେବେ ? ନିଜର ସ୍ୱାମୀ ସନ୍ତାନଙ୍କୁ ନେଇ ସେ ଅଯୋଧ୍ୟାର ରାଜରାଣୀ ହୋଇ ଜୀବନ ବିତାଇବେ ? ଆଜିର ଏଭଳି ଏକ ଆନନ୍ଦ ଦିନରେ ତାଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ ନାହିଁକି ମୁଖରେ ହସର ଧାରା ବି ନାହିଁ । ସତେଯେମିତି ତାଙ୍କ ଆଖିରୁ କିଏ ଅଶ୍ରୁ ଚୋରାଇ ନେଇଛି । ମୁଖରୁ ହସକୁ ଲୁଟିନେଉଛି । ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଛନ୍ତି ସେ । ତାଙ୍କୁ ଏମିତି ଛଡ଼ା ହୋଇଥିବାର ଦେଖି ମହର୍ଷି ବାଲ୍ମିକୀ କହିଥିଲେ, "ମା ତପସ୍ୱିନୀ ! ତୁମ ଶାଶୁମାନେ ଆସି ତୁମକୁ ବେଢ଼ିଗଲେଣି, ତୁମର ଭଉଣୀମାନେ ତୁମକୁ ସ୍ୱାଗତ କଲେଣି, ଅଥଚ ତୁମେ ନିରବ କାହିଁକି ?" ମହର୍ଷିଙ୍କ କଥାରେ ପ୍ରକୃତିସ୍ଥ ହୋଇଥିଲେ ସୀତାଦେବୀ । ଶାଶୁମାନଙ୍କୁ ପ୍ରଣାମ ଜଣାଇ ସାଧୁସନ୍ଥ, ମୁନିଋଷିମାନଙ୍କୁ ଯଥାମାନ୍ୟ ପ୍ରଦାନ କରି ସେ ଉଭା ହୋଇ ରହିଥିଲେ । ଶାଶୁମାନେ ତାଙ୍କୁ କୋଳକରି କେତେ କଥା ପଚାରୁଥା'ନ୍ତି । ତିନିଭଉଣୀ ବେଢ଼ି ରହିଛନ୍ତି ତାଙ୍କ ପାର୍ଶ୍ୱରେ । ସହସ୍ର ସହସ୍ର ଚକ୍ଷୁ ନିବଦ୍ଧ ହୋଇଯାଇଛି ତାଙ୍କ ଉପରେ, ହେଲେ ତାଙ୍କ ଚକ୍ଷୁ ଯେଉଁ ଚକ୍ଷୁ ଖୋଜିବୁଲୁଚି ସେ ଚକ୍ଷୁ କାହିଁ, କେଉଁଠି ?

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା

**ଗୋପାଳ ମହାପାତ୍ର**



ଲୋକତନ୍ତ୍ରର ଆଧାର "ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କ ଶାସନ"। ଏହି ବିଚାର ସରଳ, ସ୍ପଷ୍ଟ ଏବଂ ସାର୍ବଭୌମିକ ଅଟେ କିନ୍ତୁ ଯେତେବେଳେ ଏହାକୁ ସାମାଜିକ ସଂରଚନା, ଜାତୀୟ ବିବିଧତା ଏବଂ ଜନସଂଖ୍ୟାର ପରିବର୍ତ୍ତିତ ସ୍ୱରୂପର ସନ୍ଦର୍ଭରେ ଦେଖାଯାଏ, ସେତେବେଳେ ଏହାର ଜଟିଳତା ଏବଂ ଚାଲେଞ୍ଜପୂର୍ଣ୍ଣ ସ୍ୱରୂପ ନଜରକୁ ଆସେ। ଭାରତ ଭଳି ବିଶାଳ, ବିବିଧ ଏବଂ ବହୁଳତାବାଦୀ ଦେଶରେ ଏହି ପ୍ରଶ୍ନ ଆହୁରି ମଧ ଅଧିକ ପ୍ରାସଙ୍ଗିକ ହୋଇଥାଏ। କ'ଣ ଗଣତନ୍ତ୍ର ସେତିକି ପ୍ରଭାବୀ ଏବଂ ନିରପେକ୍ଷ ରହିଥାଏ ଯେତେବେଳେ ତାର ଜନସଂଖ୍ୟା (ଡ଼େମୋଗ୍ରାଫିକ୍) ଜନିତ ସଂରଚନା କ୍ରମାଗତ ଭାବେ ବଦଳିଥାଏ ? କ'ଣ ଜାଣିଶୁଣି ଜନସଂଖ୍ୟକୀୟ ସଂରଚନା ବଦଳାଇବା ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମର୍ଥକଙ୍କୁ ନେଇ ନିର୍ବାଚନ ଜିତିବାକୁ ଗଣତନ୍ତ୍ର କୁହାଯିବ କି ? ଡ଼େମୋଗ୍ରାଫିର ସିଧା ସମ୍ପର୍କ ଜନସଂଖ୍ୟାର ଜାତିଗତ, ଧାର୍ମିକ, ଭାଷା ଏବଂ ସଂସ୍କୃତି ସହିତ ରହିଛି। ଗଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ ପ୍ରତିନିଧିତ୍ୱର ସିଦ୍ଧାନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସବୁ ସମୁଦାୟ, ସବୁ ବର୍ଗକୁ ସେମାନଙ୍କ ଉଚିତ୍ ସ୍ଥାନ ଏବଂ ସ୍ୱର ଉଠାଇବାର ସୁଯୋଗ ମିଳିବା ଆବଶ୍ୟକ କିନ୍ତୁ ଯେତେବେଳେ ଡ଼େମୋଗ୍ରାଫିକ ସମୀକରଣ କୌଣସି ବିଶେଷ ସମୁଦାୟର ଅତ୍ୟଧିକ ବୃଦ୍ଧି ବା ଅନ୍ୟ ସମୁଦାୟର ଗୁରୁତ୍ୱ କାରଣରୁ ବଦଳିଯାଏ ସେତେବେଳେ ଏହି ସନ୍ତୁଳନ ଭାଙ୍ଗିଯାଇଥାଏ। ଏହି ସନ୍ତୁଳନର ସିଧା ପ୍ରଭାବ ମଧ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ନିରପେକ୍ଷତା, ନୀତି ନିର୍ମାଣ ଏବଂ ସାମାଜିକ ନ୍ୟାୟ ଉପରେ ପଡିଥାଏ। ବର୍ତ୍ତମାନ ସମୟରେ ଅନେକ ଦେଶରେ ଏଭଳି ଅବସ୍ଥା ଦେଖାଦେଇଛି ହୁଏତ ଏହା ପ୍ରବାସ (ମାଇଗ୍ରେସନ) କାରଣରୁ ହେଉ ବା ପ୍ରଜନନ ହାରରେ ପାର୍ଥକ୍ୟ କାରଣରୁ ହେଉ ଏହା ରାଜନୈତିକ ପରିଦୃଷ୍ୟକୁ ପ୍ରଭାବିତ କରିଥାଏ। ଭାରତରେ ମଧ ଏହି ପ୍ରସଙ୍ଗ ସମ୍ବେଦନଶୀଳ ଏବଂ ଗମ୍ଭୀର ହେବାରେ ଲାଗିଛି।

ଯଦି ଏକ ବିଶେଷ ଧର୍ମ ଅବା ଜାତିର ଜନସଂଖ୍ୟା ଅଧିକ ଭାବରେ ବଢ଼ିଥାଏ ଏବଂ ଅନ୍ୟ ସମୁଦାୟର ଜନସଂଖ୍ୟା ସାଂସ୍କୃତିକ, ଆର୍ଥିକ ଏବଂ ଶିକ୍ଷାର ଅଭାବ କାରଣରୁ କମିଯାଏ ତେବେ ଏହା ଯେ କେବଳ ସାମାଜିକ ବିଷମତାକୁ ଜନ୍ମ ଦେଇଥାଏ ତା ନୁହେଁ ବରଂ ଗଣତନ୍ତ୍ର ଭିତରେ ବହୁ ମତବାଦର ବିକୃତ ଛାୟା ମଧ ବିସ୍ତାର ଲାଭ କରିଥାଏ। ଗଣତନ୍ତ୍ର ବହୁ ମତରେ ଚାଲିଥାଏ। ଏହା କେବଳ କଥାରେ ନୁହେଁ ପରନ୍ତୁ ଏକ ପରିପକ୍ୱ ଗଣତନ୍ତ୍ର ତାକୁ ହିଁ କୁହାଯାଏ ଯେଉଁଠି ବହୁମତର ଶକ୍ତିର ଦୁରୁପଯୋଗ ହୋଇନଥାଏ ଏବଂ ସଂଖ୍ୟାଲଘୁଙ୍କ କଥା ବା ସ୍ୱରକୁ ମଧ ସମାନ ଭାବେ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ ଡେମୋଗ୍ରାଫିକ୍ ସନ୍ତୁଳନ ଆବଶ୍ୟକ। ଏହି ସନ୍ତୁଳନ କେବଳ ସଂଖ୍ୟାତ୍ମକ ହୋଇନଥାଏ ବରଂ ଅବସର ବା ସୁଯୋଗ, ସଂଶାଧନ ଏବଂ ପ୍ରତିନିଧିତ୍ୱରେ ମଧ ହୋଇଥାଏ। ଯଦି କୌଣସି ବିଶେଷ କ୍ଷେତ୍ରରେ କୌଣସି ଏକ ସମୁଦାୟର ଜନସଂଖ୍ୟା ଅଧିକ ଭାବରେ ବଢ଼ିଯାଏ ଓ ଏହି ଜନସଂଖ୍ୟା ବୃଦ୍ଧି କାରଣରୁ ଅନ୍ୟ ସମୁଦାୟ ମାନଙ୍କର ରାଜନୈତିକ ସ୍ୱରକୁ ଚାପିଦିଏ ତେବେ ଗଣତନ୍ତ୍ର କେବଳ ଏକ ସଂଖ୍ୟାକୀୟ ଖେଳରେ ପରିଣତ ହୋଇଯାଏ। ଏପରିକି ଗଣତନ୍ତ୍ରର ନୈତିକ ଏବଂ ନ୍ୟାୟପୂର୍ଣ୍ଣ ମୂଲ୍ୟ ମଧ ହ୍ରାସ ପାଇଥାଏ।

ଭାରତର ଉତ୍ତର ପୂର୍ବ ରାଜ୍ୟ, କେରଳ, ପଶ୍ଚିମବଂଗ, ଆସାମ ଏବଂ ଦିଲ୍ଲୀ ଭଳି ଅଞ୍ଚଳରେ ଏଭଳି ଆଶଙ୍କା ଅନେକ ସମୟରେ ଉଠିଥାଏ ଯେ ଜନସାଂଖ୍ୟିକୀୟ (ଡ଼େମୋଗ୍ରାଫିକ୍) ପରିବର୍ତ୍ତନ କାରଣରୁ ମୂଳନିବାସୀ ବା ପରମ୍ପରାଗତ ସମୁଦାୟର ପ୍ରଭାବ କମିବାରେ ଲାଗିଛି। ଯେତେବେଳେ ଜନସଂଖ୍ୟା ସନ୍ତୁଳନ ବିଗିଡ଼ିଯାଏ ସେତେବେଳେ ସାମାଜିକ ସଂଘର୍ଷ, ସାଂସ୍କୃତିକ ସଂଘର୍ଷ ଏବଂ ରାଜନୈତିକ ଧୃବୀକରଣ ଜନ୍ମ ନେଇଥାଏ। ଏହି ପ୍ରକ୍ରିୟାରେ ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ସମାବେଶିତା, ସହଭାଗିତା ଏବଂ ନ୍ୟାୟ ଦୁର୍ବଳ ହୋଇଯାଇଥାଏ। ଏକଥା କହିବା ଜରୁରୀ ଯେ ଡେମୋଗ୍ରାଫିକ୍ ନିୟନ୍ତ୍ରଣର ଅର୍ଥ କୌଣସି ସମୁଦାୟ ବିଶେଷକୁ ଟାର୍ଗେଟ କରିବା ନୁହେଁ ବରଂ ପ୍ରୟାସ କରାଯିବା ଉଚିତ୍ ଯେ ସବୁ ସମ୍ପ୍ରଦାୟକୁ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତି କରଣ ଏବଂ ଆର୍ଥୀକ ବିକାଶର ସମାନ ସୁଯୋଗ ଯେମିତି ମିଳିବ। ଏହା ହୋଇପାରିଲେ ସଂପୂର୍ଣ୍ଣ ସମାଜ ସନ୍ତୁଳିତ ଏବଂ ସ୍ଥିର ଗତିରେ ଆଗକୁ ବଢ଼ିପାରିବ। ଯଦି ସବୁ ବର୍ଗରେ ପ୍ରଜନନ ହାର, ଜୀବନ ସ୍ତର ଏବଂ ସଂସାଧନ ପର୍ଯ୍ୟନ୍ତ ପହଞ୍ଚିବାର ସନ୍ତୁଳନ ରହିପାରିବ ତେବେ ଗଣତନ୍ତ୍ର ବାସ୍ତବିକ ସଶକ୍ତ ହୋଇପାରିବ। ଅନ୍ୟ ପକ୍ଷରେ ଯଦି କୌଣସି ସମୁଦାୟର ଜନସଂଖ୍ୟା ଅଧିକ ବଢ଼ିଯାଏ ପରନ୍ତୁ ଏହି ଜନସଂଖ୍ୟା ଶିକ୍ଷା, ଆର୍ଥିକ ସହଭାଗିତା ଏବଂ ସମାନତା ଦିଗରେ ପଛରେ ରହିଯାଏ ତେବେ କେବଳ ଯେ ସେହି ସମୁଦାୟ ପ୍ରଭାବିତ ହୁଏ ତା ନୁହେଁ ବରଂ ରାଷ୍ଟ୍ରର ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ। ଏଣୁ ଡେମୋଗ୍ରାଫିକ ସନ୍ତୁଳନ କେବଳ ସଂଖ୍ୟାଗତ ଚାଲେଞ୍ଜ ନୁହେଁ ବରଂ ଏହା ଗଣତନ୍ତ୍ରର ସ୍ଥିରତା ଏବଂ ସାମାଜିକ ବ୍ୟବସ୍ଥାରେ ଆଧାର ଅଟେ। ଭୋଟବ୍ୟାଙ୍କ ରାଜନୀତି ମଧ ଡ଼େମୋଗ୍ରାଫିକ୍ ଅସନ୍ତୁଳନ ପାଇଁ ଅନେକ ମାତ୍ରାରେ ଦାୟୀ।


♥ ରାମଚନ୍ଦ୍ରପୁର, ରଣପୁର
ମୋ - ୯୪୩୮୪୮୫୦୯୪


## କବିତା...

### ଗୋପବଧୂ
**ପିନାକୀ ମିଶ୍ର**



ଥରୁଟେ ଛାଡି ଚାଲିଗଲ ଯେ'
କାଳକାଳକୁ ପାଖରେ ରହିଲି ।

ତୁମେ କ'ଣ
ଥରେ ଆସିବା ହିଁ ଯଥେଷ୍ଟ !!

ଜାଣିନି, ମୋଠି ଏମିତି କ'ଣ ଅଛି !
ପରନାରୀ, ପ୍ରେମରେ ପର କ'ଣ ??
ପ୍ରେମ ଆକାଶଠୁ ଆହୁରି ନୀଳ
କହିପାର ଲକ୍ଷେ ଶାଳଗ୍ରାମ
ଅବା ପାଞ୍ଚାଳୀ ମୁଦିଲାଆଖିର ଲୁଗା
ନାହିଁତ ଲୋହିତ ପୂରୁବା ଉଦିତଭାଗ୍ୟ ।

ଏତିକି ଜାଣିଛି
ତୁମପାଇଁ ଝୁରିହେବା
ମୋ ସ୍ନାୟୁସ୍ପନ୍ଦିତ ବସୁମତୀ ସୁଖ
ସାତପୁର ମହଣ ଅମୃତ ।

ଯଶୋଦା, ଯମୁନା, ବରଜ, ବଂଶୀ
ସଖା, ଗୋଧନ,
ଗୋପରଗୁଆଳି ସବୁ ବାଉଳି,
ମୁଁ କିନ୍ତୁ କବରୀଫିଟା ପାଗିଳୀ
ଲୁହବତୁରା ଅଧାଲେଖା ଚିଠି ।

ଗାଳିଗାଞ୍ଜଣା ନିନ୍ଦାବାଜଣା ହଲେଇପାରିନି -
ମୋ ସାଆନ୍ତିଆ ଗୋପନଉଆସକୁ,
ମୁଁ କେମିତିକା ବଧୂ ସତେ !!
ଲାଜରେ ସରମି
ତଥାପି ପଶେ କଦମ୍ବହାଟରେ !
ଏ ଯମୁନା ସୁଅ କି ମୋଆଖି ଅସରାଲୁହ !!

ଏ ବଂଶୀନାଗର !
ତୁମେ କେତେକାଳ ରହିବ !
କାହାର ହେବ, କାହାକୁ କ'ଣ ଦେବ ?
ଏସବୁ ମୋର କ'ଣ ଯାଏ !!

ନିରିମାଖୀ ଛାତିରେ ସର୍ତ୍ତର ସଳିତା ଜଳେଇ
ଆସିବ କହିଗଲ ପରା !

ମୁଁ ମୂର୍ଚ୍ଛା ଗଲି କଦଂବମୂଳେ
ସଳିତା ଆଜିବି ଜଳୁଛି
କୁଆଡୁ ବୁଝିବ ବିଧୂରା ମରମ !!

ଦାଉଦାଉ ଖରାରେ
ତୁମକୁ କି ଚାହିଁହୁଏ କାହୁଁ ?
ନା' ଗୋପଦାଣ୍ଡ ବର୍ଷାରେ
ତୁମସହ ଆର୍ଦ୍ର ଅଭିସାର ?
କିଏ ଦେବ ମୋତେ ଗୋଧୂଳି ଲଗନ,
ବଂଶୀକୁ ଚାହିଁବିନି ଜମା
ଦୁଶ୍ଚିନ୍ତା ଦେଇଛି ଅନେକ ।

ତୁମେ ଗଲାପରେ କାହୁଁ
ଉଛୁଳିଲା ସାତସିନ୍ଧୁ
ନାରୀର ଅଦିନଅସ୍ତ ଆସିଲା,
ଗୋପଦାଣ୍ଡ କହୁଥିଲା
ଫେରି ନପାରେ ବିଦାୟୀବନ୍ଧୁ ।

ଯୋଉଠି ତୁମର ଛାଇବର୍ଣ୍ଣ
ସେଠି କ'ଣ ନିହାତି କୃଷ୍ଣ !
ତା ହେଲେ ଛାତିରେ ଏତେ ଅଣଚାଷ
ପୀରତି ଏତେ ଘାରୁଛି ଯେ'...
ମିଳନ ସ୍ମୃତି ଶୁଏଇ ଦଉନି !!

ତୁମେ ଧନୁଯାତକୁ ଗଲନି ଯେ'
ମୁଁ କି ଥିଲି ଆଉ ଗୋପରେ !
ସବୁକାଳକୁ ରଖିଛ ପା' ପାଖରେ
ତୁମ ବାମାଙ୍ଗୀରମଣୀ ଦେଉଳେ ଦେଉଳେ
କିଏ ଜିଣିଲା, ତୁମେ ନା'ମୁଁ ।

ଦେଖ, ସେଇ ପ୍ରେମକୁ
ନୀଳକନ୍ଦରେ ନୀଳଢେଉ ଜୁହାରୁଛି
ଦେଖୁନ ମୋ ସାଆନ୍ତାଣୀ ଥାଟ ।


♥ 'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ୍ ରୋଡ, କେନ୍ଦୁଝର -୧
ମୋ ୯୪୩୮୧୧୮୩୯୭


### ମୁକ୍ତିମନସ୍କ
**ସତ୍ୟରଂଜନ ପ୍ରହରାଜ**



ଚାଖି ଦେଖିଲି
ଚାଟିଲି
ପିଇ ଚାଲିଲି
କଳା କିଟକିଟ୍ ଅଂଧାର, ଅମାନବୀୟତା
ଅଶାନ୍ତି ଅପାରଗତା
ମୋର ସେମାନଂକର

ଜାଣିଲି,
କେହି ଦେଖିନାହିଁ ଭୋଗିନାହିଁ ମୁକ୍ତି
ଆମେ କେବଳ ଦେଖିଛୁ
ଭିନ୍ନ ଅଭିନ୍ନ ମିଜାଜ୍ ଓ ମରଣ

ମରିବାକୁ ଇଚ୍ଛାହେଲା ଦିନ ଦିଶେ
ଶବ୍ଦମାନଂକ ସଁ ସଁରେ କବିତାର କୁହୁାଣ
ଅସହାୟ ଛାଇଟିଏ ଲଣ୍ଡଭଣ୍ଡ
ସ୍ୱପ୍ନରେ ସେଇ ସମାନ ନିଃସଂଗ କ୍ଷେତ
ସୂକ୍ଷ୍ମ କଂକିର ସୁଉଚ୍ଚ ଉଡାଣ
ନିରୀହ ଘାସସବୁର ନିର୍ଲଜ ନାଚରେ
ରାତି ଶେଷ
କ୍ଷଣିକ ମରଣ ! ଆଜିକ
କ୍ଷଣିକ ମୁକ୍ତି ଦିଅ ଅନ୍ତତଃ
ମୃତଲୋକର ଆଖି ପରି ସେ ଚାହାଣିରୁ
ନୀରବତାର ନଈପଠାରୁ
ଶବ୍ଦମାନଂକ ଶିକୁଳିରୁ
ଅସହାୟ ଅଚିହ୍ନା ଛାଇଠୁ
ପୁଣି ଚାଖିଲା ଯାଏଁ
ନିଜ ହାତତିଆରି ଗରଳ
ଯାହା ମାରିପାରେ ନାହିଁ
ମୋତେ କିମ୍ବା ସେମାନଂକୁ
ରାତି ପରେ ରାତି
ଯୁଗ ପରେ ଯୁଗ
ଅନନ୍ତ କାଳ ।


♥ ଏରୋଡ୍ରୋମ୍ ଏରିଆ, ଭୁବନେଶ୍ୱର
ମୋ ୯୬୫୮୪୧୩୫୩୪


### ମଣିଷକୁ କରେ ହୃଦୟ ପଣିଆ ବଡ଼
**ଡ. ଭାଗବତ ଲେଙ୍କା**



ବିଷ ଠାରୁ ଅଟେ କଥାର ଯନ୍ତ୍ରଣା
ନିର୍ମମ ନିଷ୍ଠୁର ଅତି
ଦେହ କ୍ଷତ ରକ୍ତ ଶୁଖି ଯାଏ ଦିନେ
ହୃଦ କ୍ଷତ ଦିନ ରାତି ।
ଛୁରୀ, ଖଣ୍ଡା, ତୀର, ଭୁଜାଲିର ଧାର
କରେ ସିନା ଦେହ ଖଣ୍ଡ
ଉଛୁଳା ରକ୍ତର ଛିଟିକାର ଚିହ୍ନ
ଲିଭି ପାରେ କିଛି ଦଣ୍ଡ ।
ହୃଦୟରେ ଯେଉଁ ଆଘାତର କ୍ଷତ
ଲିଭେନାହି କେବେ ଏଠି
ଜୀବନଟା ସାରା ସେ କ୍ଷତ ଯନ୍ତ୍ରଣା
ଜୀବନକୁ କରେ ମାଟି ।
ଅସ୍ତ୍ର ଠାରୁ ତୀକ୍ଷ୍ଣ ନିନ୍ଦା ଅପବାଦ
ଅନ୍ୟକୁ ଅଶ୍ଳୀଳ ଭାଷା
ବନ୍ଧୁକର ଗୁଳି ଠାରୁ ସେ ଅଧିକ
ହୃଦୟରେ ଆଣେ ବ୍ୟଥା ।

କଥା ମଧୁରତା ଭାଷା ସଞ୍ଚ ତଥା
ରଖେ ନାହିଁ ଯିଏ ଚିନ୍ତି
ପରମାଣୁ ବୋମା ଠାରୁ ସେ ବିଷାକ୍ତ
ପଶୁ ପରି ଯା'ର ମତି ।

ହୃଦୟ ବିହୀନ ମଣିଷ ବୁଝେନି
ହୃଦୟ ଯନ୍ତ୍ରଣା କଷ୍ଟ
ଦେହ କ୍ଷତ ଠାରୁ ହୃଦୟର କ୍ଷତ
ମନକୁ କରଇ ନଷ୍ଟ ।
ନିଜ ହୃଦୟକୁ ଛୁଇଁ ନାହିଁ ଯଦି
ପର ନିନ୍ଦା ଅପବାଦ
ସେ କାହୁଁ ବୁଝିବ ଅନ୍ୟର ହୃଦୟ
କେମିତି ହଜାଏ ନିଦ ।
ହସ ଖୁସି ମନ ବୁଝାମଣା ପ୍ରାଣ
ଜୀବନର ହୀରା ମୋତି
ଅସମ୍ଭବ କାର୍ଯ୍ୟ ସମ୍ଭବ ହୁଅଇ
ଯେ ବାଣ୍ଟେ ମଧୁର ପ୍ରୀତି ।

ମିଠା ମିଠା କଥା ମାନବୀୟ ଶିକ୍ଷା
ଜଗତ ଆଲୋକ କରେ
ମିଠା ଶବ୍ଦ ଅଟେ ହୃଦୟ ଦର୍ପଣ
ତା ପାଇଁ ଜଗତ ଝୁରେ ।
ରାଗ ହିଂସା କ୍ରୋଧ ମନରୁ କାଢ଼ି ଯେ
ଦୂରକୁ ଫିଙ୍ଗଇ ଏଠି
ଦଣ୍ଡ ନୁହେଁ ଯିଏ କ୍ଷମା ଦେଇ ଜାଣେ
ସେ ମାନବ ଶ୍ରେଷ୍ଠ ଅତି ।
ନିଜ ମୁଖ ଭାଷା ନିଜ ଆୟତ୍ତରେ
ରଖିନାହିଁ ଯିଏ ଚିନ୍ତି
ତା' ପାଇଁ ଜୀବନ ଦୁଃଖମୟ ଖାଲି
ପାଏ ନାହିଁ ଟିକେ ଶାନ୍ତି ।


♥ ଅଧକ୍ଷ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ
କାଦଡିହା, କରଞ୍ଜିଆ, ମୟୂରଭଞ୍ଜ


### ବାଲିଘର
**ଦିନେଶ ମେହେର**



କେଇଦିନ ହେଲାଣି
ନଈକୂଳରେ ନିରୋଳାରେ ବସି
ଅନେଇ ରହିଛି ଆଗତ ଭବିଷ୍ୟତକୁ,

ଏ ଦିନ ସବୁ ବିତିଯାଏ,
ରାତି ପାହି ସକାଳରୁ ସଞ୍ଜ ନଇଁ ଯାଏ
ଏକ ଅଜଣା ଚିନ୍ତା ଘାରି ବସେ ମୁଣ୍ଡରେ,
ଭାବେ,
ମୁଣ୍ଡଟେକି ବାଟ ଚାଲି ହେବ ତ
ଏଇ ପ୍ରଶ୍ନବାଚୀ କଂକ୍ରିଟ ରାସ୍ତାରେ
ସାମ୍ନା କରି ହେବ ତ
ଏଇ ଅସମାହିତ ପ୍ରଶ୍ନ ମାନଙ୍କର ?

ଦେଖ, ଆଖି ଆଗରେ ଅନେକ ପ୍ରଶ୍ନ,
ଅନେକ ସନ୍ଦେହ
ପୁଣି ଅନେକ ଆପେକ୍ଷିକ ଶବ୍ଦ
କେତେବେଳରୁ ବସିଛନ୍ତି ଅନଶନରେ,
ଏ ଅନଶନ ଅନିର୍ଦ୍ଦିଷ୍ଟ କାଳପାଇଁ ,
ଜାଣିଛି
ତେଲ ଲୁଣର ଅଭାବୀ ସଂସାର ଭିତରେ
ଗୋଟେ ଅଂଶ ହେଇ
ବଞ୍ଚିବା ଏତେ ସହଜ ନୁହେଁ
ତଥାପି ବଞ୍ଚିବାକୁ ତ ହେବ,
ଶେଷ ନିଃଶ୍ୱାସ ଯାଏଁ.... !

ଏଇ ରାତି ପାହିବା ବେଳକୁ
ସିନ୍ଦୁରା ଫାଟିବା ଆଗରୁ
ଏକ ନିରୁଦ୍ଦିଷ୍ଟ ସକାଳର ଆଗମନ,
ନେଇ ଆସେ ଅନେକ ସମ୍ଭାବନା
ଅନେକ କିଛି ପାଇବାର ଆଶା,
ଅନେକ ସ୍ୱପ୍ନ, ସଂଘର୍ଷ ପୁଣି ଉଦ୍ଦେଶ୍ୟ,

ତମେ କହ ତ
କେମିତି ବାନ୍ଧି ନଥାନ୍ତି ଆଶା, ଜିଇଁବାର;
ଏଇ ଜୀବନ ପାଇଁ ତ ଏତେ ଧାଁ-ଦୌଡ଼
ପାଦେ ପାଦେ ସଂଘର୍ଷ,
ଲାଗି ରହିଛି ପ୍ରହେଳିକା
ମୁଠାଏ ଆଶା ପାଇଁ,

ଯଦି ବା ଜାଣିଛେ
ଜୀବନ ବି ଗୋଟେ ବାଲିଘର ଟିଏ,
ଢେଉ ଆସିଲେ ଉଜୁଡ଼ି ଯିବ ଏଇ ସଂସାର,
ପବନ ପରି ଧୂଳିସାତ ହେଇ ଯିବ
ସବୁତକ ବିଶ୍ୱାସ
ତଥାପି ବି ତ ବଞ୍ଚିବାକୁ ହେବ
ଶେଷ ନିଃଶ୍ୱାସ ଯାଏଁ...... !


♥ ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

# କବିମାନେ କୋଇଲି ନ ହୋଇ କୁଆ ହୋଇ ଯାଉଛନ୍ତି : ବିମଳ ଜେନା

**ବିମଳ ଜେନା**

ଓଡିଆ କବିତା ଜଗତର ଜଣେ ସ୍ୱର୍ଦ୍ଧିତ ଉଚ୍ଚାରଣ । ଓଡିଶା ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିବା ଏହି କବିଙ୍କ ଶବ୍ଦମାନେ କବିତାରେ ଦିଶନ୍ତି ଅନନ୍ୟା ଓ ଅତୁଳନୀୟା । ସେ କାନ୍ଦକୁ କରିପାରନ୍ତି କେନ୍ଦେରା, ଶବ୍ଦକୁ କରିପାରନ୍ତି ସୃଜନୀର ଶବ୍ଦଭେଦୀ ଶର ଓ କଷ୍ଟକୁ କରିପାରନ୍ତି କୃଷ୍ଣଚୂଡ଼ା । ସମକାଳୀନ କବିତାର ଜଣେ ସାର୍ଥକ ଓ ସମର୍ଥ ଚିତ୍ରକର ସେ । "ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ବଡ଼ ନୈରାଶ୍ୟଜନକ ଓ ଓଡ଼ିଆ ସାହିତ୍ୟରେ ଖୁବ୍ ଶୀଘ୍ର ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେବାକୁ ଯାଉଛି" ବୋଲି ଆଶଙ୍କା କରୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ପ୍ରଥମ ପ୍ରଶ୍ନର ଉତ୍ତରଟି କବିତାରେ ଦେବାକୁ ଚାହୁଁଥିବାରୁ କ୍ଷମା ଚାହୁଁଛି ।

(କ) ଜୀବନର ଯେତେ ଦୁଃଖ ଭାଗ୍ୟ ବିଡ଼ମ୍ବନା,
ଭୋଗମଣ୍ଡପ କରେ ଏ କବିତା ମୂର୍ଚ୍ଛନା ।
'ବଂଚିତ' ପାଇଁ କବିତା
ବିଭୋର ବାଂଶୋରୀ
'ପୀଡ଼ିତ' ପାଇଁ କବିତା ପ୍ରେମର ପାର୍ବଣ,
'କ୍ଷତ' ପାଇଁ 'ସୁନାକ୍ଷେତ' ଗୀତର ଗୁଂଜନ
'ପତିତ' ପାଇଁ କବିତା ପତିତ ପାବନ ।
ଏ 'ଅଧମ' ପାଇଁ ପୁଣି ଅଟେ ଚାରିଧାମ
'ଶବ୍ଦ', 'ଭାବ', ଆବେଗ' ଓ
'ଛନ୍ଦ' ଯାର ନାମ ।

ଖ) କବିତା ଆସିଲା କିଶୋର ଜୀବନେ
ଈଶ୍ୱର କୃପା ନେଇ,
'ତରା' ମାନେ ହେଲେ ତରାଟ ଫୁଲ ଓ
'ଜହ୍ନ' ଯମୁନା ନଇ ।
ମାଣବସା ଦିନ, ମାଆ ପଢୁଥିବା
'ଲକ୍ଷ୍ମୀ ପୁରାଣ' ଦେଇ,
'ଖୁଲଣା ସୁନ୍ଦରୀ' ଭୋଗୁଥିବା ଦୁଃଖ
କାନ୍ଦୁଥିବା 'ତଅପୋଇ' ।
ଗାଆଁ ମୁଣ୍ଡର ମନ୍ଦିର ଆଉ
କିଶୋରୀ ଗ୍ରାମ୍ୟ ନଈ
କହିଲେ କାନରେ ପାରିବୁନି ଲେଖି
କବିତା ତୁ ଆମ ପାଇଁ ?

'ଯକ୍ଷ' ହେବାକୁ ଜୀବନ ପାଖରେ
ତେଣୁ ପାତି ନାହିଁ ହାତ,
ମୋକ୍ଷ' ପାଇଁ ମୁଁ ଯାଇନାହିଁ କେବେ
'କାଶୀ' କି 'ବଦ୍ରିନାଥ'
'ଦକ୍ଷ' ପରି ମୁଁ ଯଜ୍ଞ କରିନି
କାହାରିକୁ ଜାଳିବାକୁ
ଲକ୍ଷ୍ୟ ରଖିଚି ସାରା ଜୀବନ ମୁଁ
କବିତାରେ ଜଳିବାକୁ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟରେ 'ଆଦ୍ୟଗୁରୁ' ବୋଲି କାହାକୁ ମାନନ୍ତି ?

■■ କୁହାଯାଏ ଅବଧୂତଙ୍କର ଚବିଶି (୨୪) ଗୁରୁଥିଲେ । ସେମାନେ କେବଳ ମଣିଷ କି ଦେବତା ନଥିଲେ, କି 'ଋଷି' 'ମୁନି' ନଥିଲେ। ପୃଥିବୀ, ଆକାଶ, ସମୁଦ୍ର, ପବନଠାରୁ ଆରମ୍ଭ କରି ବିଭିନ୍ନ ପଶୁ ଜୀବଜନ୍ତୁ ଥିଲେ । ଏମିତି କି ପିଙ୍ଗଳା ବେଶ୍ୟା ଓ ଗୋଟିଏ ଗ୍ରାମ୍ୟ ଅବଳାକୁ ମଧ୍ୟ ସିଏ 'ଗୁରୁ' କରିଥିଲେ। ସହଜେ ତ କବିଟିଏ କାଳକାଳ କୃତଜ୍ଞତାର କ୍ରୀତଦାସ। ଘର ଅଗଣାରୁ ଅନନ୍ତ ଗଗନ, ଦୁଃଖର ଦକ୍ଷିଣାପବନ, ପାର୍ବଣରୁ ପର୍ବତାରୋହଣ ସମସ୍ତଙ୍କ ପାଖରେ କବିଟିଏ କୃତଜ୍ଞ । ସବୁପକ୍ଷୀ, ସବୁନଦୀ- ସମୁଦ୍ର, ନିର୍ଝରିଣୀ ଓ ପୁଷ୍କରିଣୀ, ଗଛବୃକ୍ଷ, କାନନ-କାନ୍ତାରଙ୍କ ପାଖରେ ସେ ଚିରଋଣୀ । ସାରଳା ଯୁଗରୁ ପଞ୍ଚସଖା ଯୁଗ, ରୀତି ଯୁଗରୁ ମଧ୍ୟଯୁଗ, ଆଧୁନିକ ଯୁଗ ପର୍ଯ୍ୟନ୍ତ ସମସ୍ତ କବି ମୋର ପୂଜ୍ୟ ଓ ପ୍ରଣମ୍ୟ । ତା' ପୂର୍ବରୁ ଶିଳାଲିପି, ପୋଇସାହିତ୍ୟ, ବୈଷ୍ଣବ ତଥା ଭକ୍ତି ସାହିତ୍ୟର ସମସ୍ତ ପ୍ରଣମ୍ୟ କାବ୍ୟ ବ୍ୟକ୍ତିତ୍ୱ ମୋର ପ୍ରେରଣାର ଉତ୍ସ । ଯତ୍‌କିଞ୍ଚିତ୍ ସେମାନଙ୍କୁ ବିହଙ୍ଗାବଲୋକନ କରିଛି । ମୋର ହୃଦ୍‌ଗଂମ ହୋଇଛି ଯେ ଆଧୁନିକତାରେ ଆମେ ପ୍ରାଚୀନତମ କବି/କବୟିତ୍ରୀଙ୍କ ସହ ଅଦ୍ୟାବଧି ସମକକ୍ଷ ହୋଇ ପାରିନାହୁଁ । ସେଥିପାଇଁ ଏ ଭାଷା କେବେଠାରୁ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ହୋଇସାରିଛି, ଯେତେବେଳେ କି ଆମର ପ୍ରତିବେଶୀ ସାହିତ୍ୟ ଏପରିକି ହିନ୍ଦି ସାହିତ୍ୟଠାରୁ ଯଥେଷ୍ଟ ଆଗରୁ । ତେବେ ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଆହୁରି ଅନେକ ସାରସ୍ୱତ ସ୍ରଷ୍ଟା ହିଁ ମୋର ଆଦ୍ୟଗୁରୁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଠି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ଶ୍ରୀକୃଷ୍ଣଙ୍କର ଆସିବା ପାଇଁ ଦେବକୀଙ୍କୁ ଅଷ୍ଟମ ଗର୍ଭ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥିଲା । ମୋର ପ୍ରକାଶିତ କବିତା ଦେଖିବା ପୂର୍ବରୁ କେତେ ଲେଖିଚି, କେତେ ଚିରିଛି । ଏମିତି ତ ମୁଁ ବହୁତ ବିଳମ୍ବରେ ମୋର ପ୍ରକାଶିତ କବିତା ଦେଖିଛି। ସେଥିପାଇଁ ମୁଁ 'ଧ୍ୱନି ପ୍ରତିଧ୍ୱନି' ଓ ସାଗରିକାର ସମ୍ମାନାସ୍ପଦ ସଂପାଦିକା/ ମୁଖ୍ୟ ସଂପାଦକଙ୍କ ପାଖରେ କୃତଜ୍ଞ ଓ ଏ ଶ୍ରେୟ ସେଇ ସାରସ୍ୱତ ଦଂପତିଙ୍କ ପାଖକୁ ହିଁ ଯିବ। ବୃତ୍ତିଗତ ଜୀବନରେ ସେ ପର୍ଯ୍ୟନ୍ତ କବିତାମନସ୍କ ହୋଇ ପାରିନଥିଲି, ଯଦିବା ମୋ ଭିତରେ କବିତା ହିଁ ଥିଲା ପ୍ରଥମ ପ୍ରେମ । ଗୋଟିଏ ଘଟଣା ସଂକ୍ଷେପରେ କହିବି ଥରେ ମଧ୍ୟାହ୍ନ ଭୋଜନ ବିରତି ପରେ, ଆସି ମୋ ଟେବୁଲ ଉପରେ ପୋଷ୍ଟକାର୍ଡ୍‌ଟିଏ ଦେଖିଲି। ସେଇଟି ଆସିଥିଲା ତତ୍‌କାଳୀନ ବିଶିଷ୍ଟ କବି ଶ୍ରୀଯୁକ୍ତ ସୀତାକାନ୍ତ ମହାପାତ୍ରଙ୍କ ପାଖରୁ । ତାହା ଧ୍ୱନି ପ୍ରତିଧ୍ୱନିରେ ପ୍ରକାଶିତ ମୋର ଏକ କବିତା ଯାହାର ନାଆଁ ଥିଲା- 'ପରାସ୍ତ ପାର୍ଥ'ର ପ୍ରଶଂସାରେ । ସେ ଚିଠିର ପ୍ରଥମ ଧାଡ଼ିଟି ଏମିତି ଥିଲା 'ବହୁତ ଦିନ ଏକ ସୁନ୍ଦର କବିତା ପଢ଼ିବାକୁ ମିଳିଲା । 'ଧ୍ୱନି ପ୍ରତିଧ୍ୱନି' ଯଦିବା ବାଲେଶ୍ୱରରୁ ପ୍ରକାଶିତ ହୋଇ ଆସୁଛି, ମାତ୍ର ତାର ପ୍ରସାର ସମଗ୍ର ରାଜ୍ୟରେ ଏମିତିକି ରାଜ୍ୟ ବାହାରେ ଥିବା ପ୍ରସିଦ୍ଧ ଖାତନାମା କବି ଓ ସାହିତ୍ୟିକଙ୍କ ପାଖରେ ପହଞ୍ଚିଥିଲା ଏବଂ ଏବେ ବି ପହଞ୍ଚୁଛି । ଯାହା ମୋ ଭିତରେ ଆତ୍ମ ବିଶ୍ୱାସ ଆଣି ଦେଇଥିଲା ।



■ ଅଳ୍ପରେ ବିମଳ ଜେନା

ନାମ - ବିମଳ ଜେନା
ପିତା : ୰ ବାବାଜୀ ଚରଣ ଜେନା
ମାତା : ୰ ଲୋଚନ ଦେବୀ
ଜନ୍ମ ସ୍ଥାନ : ଓରାଳି, କେନ୍ଦୁଝର
ସ୍ଥାୟୀ ଠିକଣା : 'ଲୁମ୍ବିନୀ', ଦେଓ୍ୱାନପାଟଣା, ସୁନହଟ, ବାଲେଶ୍ୱର (ଓଡ଼ିଶା)
ମୋ. ୯୪୩୭୧ ୭୩୪୪୪

**ପ୍ରକାଶିତ କବିତା ସଙ୍କଳନ**

୧. ନିଶ୍ୱାସରୁ ନଈକୂଳ
୨. ନିଜଠାରୁ ନିର୍ବାସିତ
୩. ନିବୃତ୍ତ ନିଷାଦ
୪. ଆକାଶ ଭଲେର ଥାଉ
୫. ଅକ୍ଷର ଅଣଚାଶ



ପ୍ରିୟ କବି ରମାକାନ୍ତ ରଥଙ୍କ ସହ କବି ବିମଳ ଜେନା...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ, ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ।

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ବଡ଼ ନୈରାଶ୍ୟଜନକ । ଓଡ଼ିଆ ସାହିତ୍ୟରେ ଖୁବ୍ ଶୀଘ୍ର ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେବାକୁ ଯାଉଛି । ଦିଗଗ୍‌ଜ ସାହିତ୍ୟିକ/ କବି ଜଣଙ୍କ ପରେ ଜଣେ ଚାଲି ଯାଉଛନ୍ତି। ଜୀବିତ ଥିଲେ ବି ଅନେକ ବୟସାଧିକ୍ୟ ଯୋଗୁଁ ସାରସ୍ୱତ ସାଧନାରେ ନାହାନ୍ତି । କିଛି ଦୁର୍ନୀତିଗ୍ରସ୍ତଙ୍କ ହାତରେ ବର୍ତ୍ତମାନ ସାହିତ୍ୟର ଡୋରି । ଏହା ଅପ୍ରିୟ ହେଲେ ବି ସତ୍ୟ । ସାହିତ୍ୟ ସୃଷ୍ଟି ହେଉଛି, କବିତା କଥା ମୁଁ କହିବି, ସେ ସବୁ ଦୁର୍ବୋଧ ବ୍ୟକ୍ତି କୈନ୍ଦ୍ରିକତାରୁ ଉପରକୁ ଉଠି ପାରୁନାହିଁ । ଫଳରେ ପାଠକୀୟ ଶ୍ରଦ୍ଧା ଭାଜନ ହୋଇ ନପାରି ଅବକ୍ଷୟମୁଖୀ । ସ୍ଥିତିଶୀଳତା ଫେରିବାର ଆଶା ଯଥେଷ୍ଟ କମ୍ । କବିମାନେ କୋଇଲି ନ ହୋଇ କୁଆ ହୋଇ ଯାଉଛନ୍ତି । ସାମାଜିକ ଗଣମାଧ୍ୟମର ଚାଳ ଉପରେ ବସି କା-କା- କରି କହୁଛନ୍ତି - 'ମତେ ଶୁଣ, ମତେ ଶୁଣ ।' କୋଇଲିକୁ କେବେ କାହା ଚାଳ ଉପରେ ବସି କୁହୁ-କୁହୁ ଝଙ୍କାର ତୋଳିବାର ଆପଣ ଦେଖିଛନ୍ତି କି ? ପୁରସ୍କାର, ସମ୍ବର୍ଦ୍ଧନା ଗୋଟା ଯାଉଛି। କାହାକୁ ଦିଆଯିବ, କିଏ ଜୁରୀ (ବିଚାରପତି) ରହିବେ, ସେସବୁ ପୂର୍ବ ବ୍ୟବସ୍ଥିତ । ଏମିତିକି ନିଜେ ପୁରସ୍କାର ପାଇ ନଥିବା ଲୋକ ବିଚାରପତି ରହୁଛନ୍ତି। କବିତା, ଆବଶ୍ୟକ କରୁଥିବା ଆଙ୍ଗିକ ଆତ୍ମିକ, ଆବେଗିକ ଓ ସାର୍ବଜନୀନତା ଅଭାବରୁ ପାଠକ କବିତାରୁ ମୁହଁ ଫେରାଇ ନେଉଛନ୍ତି । ତେଣୁ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ ! ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ କରାଯାଇ ପାରିବ, ଯେଉଁମାନେ ଓଡ଼ିଆ ସାହିତ୍ୟକୁ ନିୟନ୍ତ୍ରଣ କରୁଛନ୍ତି, ସେମାନଙ୍କର ନିୟତ ଓ ଆନ୍ତରିକତା ଠିକ୍ ବାଟରେ ଚାଳିତ ହେବା, ବିନା ପକ୍ଷପାତିତା, ବିନା ବ୍ୟକ୍ତିଗତ ସ୍ୱାର୍ଥ ଉର୍ଦ୍ଧ୍ୱରେ ଯଦି ସାହିତ୍ୟ ସେବା କରାଯାଏ ! ଆଜି ବି ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଛନ୍ଦର ଭାଗବତ ଲୋକମୁଖରେ ଆଦୃତ । ପଛଦ୍ୱାର ଦେଇ ପ୍ରବେଶ ବନ୍ଦ କରି, ଉପଯୁକ୍ତ ଉତ୍କୃଷ୍ଟ ଉନ୍ନତ କାବ୍ୟ କବିତାକୁ ଅଗ୍ରାଧିକାର, ପ୍ରୋତ୍ସାହନ ଓ ପୁରସ୍କାର ମିଳିପାରିଲେ ତାହା ସମ୍ଭବ ହେବ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟ ମାଧ୍ୟମରେ ମାନସିକତା ପରିବର୍ତ୍ତନ ନିଶ୍ଚୟ ସମ୍ଭବ । ମାତ୍ର ଉତ୍କୃଷ୍ଟ ସାହିତ୍ୟ/ କବିତାକୁ ଅଗ୍ରାଧିକାର ଦିଆଗଲେ ଯାଇ ସମ୍ଭବ ହେବ । ସେଭଳି କବି ସାହିତ୍ୟିକ ମାନେ ଆଜି ଉପେକ୍ଷିତ । ଆପଣ ଆମର ପୂର୍ବସୂରୀମାନଙ୍କ କଥା ବିଚାର କରନ୍ତୁ । 'ପେନ୍ ଇଜ୍ ମାଇଟର ଦେନ୍ ସୋର୍ଡ' । ଯାହା ଅସୀ କରି ନ ପାରିବ ମସୀ ତାହା କରିପାରିବ । ବର୍ତ୍ତମାନ ଭଳି ସଂକଟ ଯଦି ସାହିତ୍ୟରେ ବଳବତ୍ତର ରହେ, ସାହିତ୍ୟର ଭବିଷ୍ୟତକୁ ନେଇ କିପରି ଆଶାବାଦୀ ହୋଇପାରିବା ? କିଏ ରୂପ ଦେଖି ମୁଗ୍ଧ ତ କିଏ ଆଉ କଣ ଦେଖି । କଣ ନା 'ବୋଲଡ୍ ପୋଏଟ୍ / ରାଇଟର' । କିଏ ନିଜକୁ ବାମାବାଦୀ କହିଲାଣି ତ କିଏ ଆଉ କଣ । କିନ୍ତୁ ସବୁ ବାଦ (ism)ର ଉର୍ଦ୍ଧ୍ୱରେ ସାହିତ୍ୟ ।

ମୋ କବିତାରୁ ଦୁଇଧାଡ଼ି -
"କବିତା ନୁହଁଇ କେଉଁ ଦର୍ଶନର ଦାସ
କବିତା ନୁହଁଇ କେଉଁ ବିଜ୍ଞାନର ବଶ
କବିତା ଅଟଇ ହୃଦୟର ହସ୍ତତନ୍ତ
ଯା'ଦେହରେ ଅଙ୍କା
ଗୀତଗୋବିନ୍ଦର ଚିତ୍ର ।"

ବାକି ରହିଲା ମୋର ପ୍ରକାଶିତ ପୁସ୍ତକ କଥା । କହିରଖେ, ଆଳସ୍ୟ ହିଁ ମୋର ଅନ୍ତରଙ୍ଗ ସାଥି, ଯେଉଁଥି ପାଇଁ ମୁଁ ଅନେକ କିଛି ହରେଇଛି ଜୀବନରେ । ତେବେ ସେ ସାଙ୍ଗକୁ ଅଦ୍ୟାବଧି ଛାଡ଼ି ପାରିନାହିଁ । ସେଥିପାଇଁ ମୋର ମାତ୍ର ନିମ୍ନଲିଖିତ ପାଞ୍ଚଟି ପ୍ରକାଶିତ କବିତା ପୁସ୍ତକ ।

୧- ନିଶ୍ୱାସରୁ ନଈକୂଳ-୨୦୦୭
୨- ନିଜଠାରୁ ନିର୍ବାସିତ- ୨୦୦୯
୩- ନିବୃତ୍ତ ନିଷାଦ- ୨୦୧୧
୪- ଆକାଶ ଭଲରେ ଥାଉ-୨୦୧୫
୫- ଅକ୍ଷର ଅଣଚାଶ- ୨୦୨୦

ପ୍ରଥମ ଓ ଦ୍ୱିତୀୟ ପୁସ୍ତକ, ତତ୍‌କାଳୀନ ବିଶିଷ୍ଟ ପ୍ରକାଶନ ସଂସ୍ଥା 'ଗ୍ରନ୍ଥମନ୍ଦିର' ବିନୋଦ ବିହାରୀ କଟକ-୨ ଦ୍ୱାରା ପ୍ରକାଶିତ ହୋଇଥିଲା ବେଳେ ଅନ୍ୟାନ୍ୟ ପୁସ୍ତକ ପକ୍ଷୀଘର ପ୍ରକାଶନୀ, ଏଥେନା ବୁକ୍ସ- ଇତ୍ୟାଦିଙ୍କ ଦ୍ୱାରା ପ୍ରକାଶିତ । କବିତା କବିର ମାନସ ସନ୍ତାନ ହେଲେ ବି କେହି କେହି ସବୁଠୁ ପ୍ରିୟ ଥାନ୍ତି, ଯଦିବା ଅନ୍ୟମାନଙ୍କ ପ୍ରତି ଭଲ ପାଇବା ଥାଏ । ସେମିତି ମୋର ସବୁଠାରୁ ପ୍ରିୟ ମୋର ପ୍ରଥମ କବିତା ପୁସ୍ତକ- 'ନିଶ୍ୱାସରୁ ନଈକୂଳ' । କେବଳ ପ୍ରଥମା ବୋଲି ପ୍ରିୟ ନୁହେଁ, ସେଇ ପୁସ୍ତକଟିରେ ମୋର କୈଶୋରରୁ ସାଇତା ଆବେଗ, ଅନୁରାଗ, ଉଚ୍ଛ୍ୱାସ, ଶବ୍ଦ ସ୍ଥାପତ୍ୟ ଓ ସବୁକିଛି ଉଜାଡ଼ି ଦେଇଥିଲି । ସେ ପୁସ୍ତକଟି ମୋର ରାତି ରାତି ନିଦ ନେଇଛି । ଶବ୍ଦ ସଂଧାନରେ କେତେ ଯେ ଉଜାଗର ରହିଛି ! ସେଇ ବହିଟି ମୋର ପରମ ସମ୍ମାନନୀୟ ପ୍ରଥିତଯଶା କବି ସ୍ୱର୍ଗତ ରମାକାନ୍ତ ରଥଙ୍କର ଅତୀବ ପ୍ରିୟ ଥିଲା। ସେ ଆଜି ସ୍ୱର୍ଗବାସୀ । ତାଙ୍କର ପୁଣ୍ୟାତ୍ମାଙ୍କୁ ଭୂମିଷ୍ଠ ପ୍ରଣାମ । ସେ ସମସ୍ତ ନକରାତ୍ମକ ଚିନ୍ତାଧାରାର ଉର୍ଦ୍ଧ୍ୱରେ ଥିଲେ । କେନ୍ଦ୍ର ସାହିତ୍ୟ ଆକାଦେମୀର ଏକମାତ୍ର ଓଡିଆ ସଭାପତି ଥିଲେ । ଅଦ୍ୟାବଧି ସେ ସ୍ଥାନ କେହି ନେଇ ପାରି ନାହାନ୍ତି । ସେ ମତେ କହିଥିଲେ, ଏଇ ବହିଟିର ୮ (ଆଠ) ଖଣ୍ଡ କପି, ତୁମେ କେନ୍ଦ୍ର ସାହିତ୍ୟ ଅକାଦେମୀ ଠିକଣାରେ ପଠେଇ ଦିଅ । ମାତ୍ର ମୁଁ ହସ ରେ ଉଡ଼େଇ ଦେଇଥିଲି । ସେଥିପାଇଁ ତାଙ୍କ ପାଖରେ ମୁଁ ଦୋଷୀ ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଯଦି ସାଂପ୍ରତିକ ପରିସ୍ଥିତିର କରାଳ ଗ୍ରାସରୁ ସାହିତ୍ୟ ମୁକୁଳି ନ ଆସେ ଯଦି ପ୍ରିୟାପ୍ରୀତି ତୋଷଣ ଓ ଅନୁପଯୁକ୍ତ ସାହିତ୍ୟିକଙ୍କୁ ଅଯଥାରେ ପୁରସ୍କୃତ କରାଯାଏ, ତେବେ ପରାଗଗ୍ରସ୍ତ ସୂର୍ଯ୍ୟ ଭଳି ଓଡ଼ିଆ ସାହିତ୍ୟ ତାର ପୂର୍ବ ଗୌରବ ହରେଇ ବସିବ । କିଛି ନ୍ୟସ୍ତସ୍ୱାର୍ଥ ସାହିତ୍ୟିକ ଗୋଷ୍ଠୀର ପ୍ରାଦୁର୍ଭାବ କମ୍ କରିବା ଓ ସେମାନଙ୍କ ପକ୍ଷଚ୍ଛେଦନ କରା ନ ଗଲେ, ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ କିଛି ଆଶା କରାଯାଇନପାରେ । ସାହିତ୍ୟରେ ଅଶ୍ଳୀଳତା, ଅବାଞ୍ଛିତ ସାହିତ୍ୟିକଂକୁ ପ୍ରାଧାନ୍ୟ ଦେବା ଇତ୍ୟାଦି ବନ୍ଦ କରାନଗଲେ, ଓଡ଼ିଆ ସାହିତ୍ୟ ରସାତଳଗାମୀ ହେବା ନିଶ୍ଚିତ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ସାର୍ଥକ ହେବ ଯଦି ତାହା ଯୋଗ୍ୟ ତଥା ସର୍ବାଜନାଦୃତ, ସାହିତ୍ୟିକ ବା କବିଙ୍କୁ ପ୍ରଦାନ କରାଯାଏ। ତେବେ ଯାଇ ତାର ଅନୁକୂଳ ପ୍ରଭାବ, ସକରାତ୍ମକ ସୁଫଳ, ସମଗ୍ର ସାରସ୍ୱତ ସମାଜ ଓ ପାଠକ ମଣ୍ଡଳୀ ଉପରେ ପଡ଼ିବ। ଅନ୍ୟଥା ହେଲେ ତାହା ବିପରୀତ ଫଳ ଦେବା ସହ ନୈରାଶ୍ୟର ବାତାବରଣ ସୃଷ୍ଟି କରିବ। ଉପଯୁକ୍ତ ପ୍ରତିଭାଙ୍କୁ ଚିହ୍ନଟ କରିବା ଦାୟିତ୍ୱ ସଂପୃକ୍ତ କର୍ତ୍ତୃପକ୍ଷଙ୍କର। ପୁରସ୍କାର ପ୍ରୋତ୍ସାହିତ କରିବ ଏବଂ ସଂପୃକ୍ତ ଯୋଗ୍ୟ ଲେଖକ/କବିଙ୍କୁ ଆଗକୁ ଯିବାକୁ ବାଟ କଢ଼େଇବ। ଅନ୍ୟଥା ହେଲେ ବିପରୀତ ଫଳଦାୟକ ହେବ। ଏଇ ଭାରତ ମାଟିରେ ବ୍ୟାସଦେବ, ବାଲ୍ମିକୀ ଜନ୍ମିଥିଲେ। ମହାଭାରତ, ରାମାୟଣ ଭଳି କାଳଜୟୀ ସାହିତ୍ୟ ସମ୍ଭବ ହୋଇଥିଲା। ଆମ ଓଡ଼ିଆ ସାହିତ୍ୟର ବିଶାଳ ଶବ୍ଦ ଭଣ୍ଡାର, ବିପୁଳ ଉତ୍କୃଷ୍ଟ ସାରସ୍ୱତ ସମ୍ଭାର ରହିଛି । ସେ ସବୁ କାଳଜୟୀ ସୃଷ୍ଟି ସମୂହକୁ କେତେଜଣ ଅଧ୍ୟୟନ କରୁଛନ୍ତି ତଥାକଥିତ ପୁରସ୍କାର ପ୍ରତ୍ୟାଶୀ କବିମାନେ? ଓଡ଼ିଆ ସାହିତ୍ୟର ଜୟ ହେଉ, ଓଡ଼ିଆ କବିତାର ଜୟ ହେଉ।

♥♥



ସୁଖୀ ପରିବାର : ପତ୍ନୀ, କନ୍ୟା ଓ ପୁତ୍ରଙ୍କ ସହ କବି ବିମଳ ଜେନା...




ସାହିତ୍ୟ ଅକାଦେମୀ ଆୟୋଜିତ ସାହିତ୍ୟ ସଭାରେ ସତୀର୍ଥମାନଙ୍କ ସହ କବି ବିମଳ ଜେନା...



# ଶବ୍ଦର ନବ ରୂପାୟନ କବି ରାଜେନ୍ଦ୍ର କିଶୋର ପଣ୍ଡା



‘ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାରବାର, ଏବେ ବି......’।

ପ୍ରଥିତଯଶା, ଶୈଳୀ, ଶବ୍ଦ ଚୟନ, ଅନନ୍ୟ, ଦକ୍ଷତାର ସ୍ଥପତି, ଶବ୍ଦର ନବରୂପାୟନ ଏପରି ଅନେକ ବିଭୂଷଣରେ ବିମଣ୍ଡିତ ପ୍ରେମ ଓ ବିଦ୍ରୋହର କବି ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି। ଏକଦା ନିଜ କବିତାରେ ଏହାକୁ ସେ ତାଙ୍କ ଭାଷାରେ ହିଁ ଲେଖିଥିଲେ ‘ମୃତ୍ୟୁ ଥାଉ କି ଅମରତ୍ୱ ଥାଉ ସେଇଠି, ଶିଖର ମାତ୍ରେ ଇ ଆରୋହ୍ୟ।’ ସତେ ଯେପରି ଜୀବନଟା ତାଙ୍କ ଦୃଷ୍ଟିରେ ଥିଲା ଏକ ଅସରନ୍ତି ଯାତ୍ରା। ସାରା ଜୀବନ ଅନେକ ନୂଆ ଉଦୀୟମାନ ତରୁଣ କବିଙ୍କୁ ପ୍ରେରଣା ଉତ୍ସାହ ଯୋଗାଇ ସେମାନଙ୍କ ପୃଷ୍ଠପୋଷକ ସାଜିଥିବା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ମହାପ୍ରୟାଣ କହିବାକୁ ଗଲେ ଓଡ଼ିଆ କବିତା ନିଜର ଜଣେ ଅତିପ୍ରିୟ ମରମୀ ମଣିଷଙ୍କୁ ହରାଇଛି। ତାଙ୍କ ପାଠକୀୟ ଦୃଷ୍ଟିଭଙ୍ଗୀ ଓ ପ୍ରିୟତା ଏପରି ଏକ ବିବିଧ କ୍ଷେତ୍ରରେ ତିଆରି ଥିଲା ଯେ ସେ ଯେତିକି ଶବ୍ଦ ଓ ଉଚ୍ଚାରଣର କବି ସମାନ ଭାବରେ ନୀରବତା ଓ ଗାମ୍ଭୀର୍ଯ୍ୟ ଥିଲା ତାଙ୍କ ଅତୁଳନୀୟ ଲେଖନୀର ଚମତ୍କାର ପରିପ୍ରକାଶ।

୧୯୪୪ ଜୁନ ୨୪ ତାରିଖରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବତଲଗାରେ କବି ରାଜେନ୍ଦ୍ର ପଣ୍ଡା ଜନ୍ମ ଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୬୭ ଜୁଲାଇ ୧୪ରୁ ୨୦୦୪ ଜୁନ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ମୁଖ୍ୟ ଶାସନ ସଚିବ ପାହ୍ୟାରେ ଓଡ଼ିଶା ରାଜସ୍ୱ ପର୍ଷଦ ସଦସ୍ୟ ଭାବରେ ସେ ଅବସର ନେଇଥିଲେ। କିନ୍ତୁ ଜଣେ ପ୍ରଥିତଯଶା କବି ଭାବରେ ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ତାଙ୍କର କବିତା ଗ୍ରନ୍ଥ ‘ଶୈଳକଳ୍ପ’ ପାଇଁ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ। ୧୬ଟି କବିତା ଗ୍ରନ୍ଥ ସହିତ ୨ଟି ଉପନ୍ୟାସର ସେ ରଚୟିତା। ଓଡିଆ ସାହିତ୍ୟ ବାଣୀ ଭଣ୍ଡାରକୁ ଅତୁଳନୀୟ ଅବଦାନ ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ପୁରସ୍କାରଠୁ ନେଇ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ପର୍ଯ୍ୟନ୍ତ ଅନେକ ସମ୍ମାନ, ପୁରସ୍କାରରେ

## ବାଦଲ ଭୂୟାଁ

ପୁରସ୍କୃତ, ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆଇଏଏସ ରାଜେନ୍ଦ୍ର ପଣ୍ଡା। ତାଙ୍କ ଅବଦାନକୁ ସମ୍ମାନ ଜଣାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳ ତାଙ୍କୁ ଡିଲିଟ ଉପାଧିରେ ବିଭୂଷିତ କରିଥିଲେ।

ରାଜେନ୍ଦ୍ରଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି, ‘ଗୌଣ ଦେବତା’, ‘ଶତଦ୍ରୁ ଅନେକ’, ‘ଅନବତାର ଓ ଅନ୍ୟାନ୍ୟ’, ‘ଘୃଣାକ୍ଷର’, ‘ଶତଦ୍ରୁ ଅନେକ’, ‘ନିଜ ପାଇଁ ନାନାବାୟା’, ‘ଚୌକାଠରେ ଚିରକାଳ’, ‘ଶୈଳକଳ୍ପ’, (୧୯୮୨ରେ ପ୍ରକାଶିତ ଓ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ), ‘ବହୁବ୍ରୀହି’, ‘ସଂଗୃହୀତ କବିତା’, ‘ବହ୍ୱାରମ୍ଭ’, ‘ଦ୍ରୋହବାକ୍ୟ’, ‘ବୈରାଗୀ ଭ୍ରମର’, ‘ଅନ୍ୟା’ (୧୯୮୮, ଶାରଳା ପୁରସ୍କାର ଓ ଭାରତୀୟ ଭାଷା ପରିଷଦର ସମ୍ମାନପ୍ରାପ୍ତ), ‘ଈଶାଖେଳା’, ‘ସତ୍ୟୋତ୍ତର’, ‘ବୋଧିନଭ’, ‘ବହୁବ୍ରୀହି’ (କାବ୍ୟ କବିତା) ଏବଂ ‘ବିଭାସ’, ‘ପାଇଥନ’ (ଉପନ୍ୟାସ)।

ସମ୍ବଲପୁର ଜିଲ୍ଲା ସ୍କୁଲରେ ଅଷ୍ଟମ ନବମ ଶ୍ରେଣୀରେ ପଢ଼ିବା ବେଳ ଠାରୁ ବିଧିବଦ୍ଧ ଭାବେ ତାଙ୍କର କବିତା ଲେଖା ଆରମ୍ଭ ହୋଇ ସାରିଥିଲା। କବିତା ଲେଖି ସେ ବିଭିନ୍ନ ପତ୍ରପତ୍ରିକାକୁ ପଠାଉଥିଲେ। ନବମ ଶ୍ରେଣୀରେ ପଢ଼ିବା ସମୟରେ ତାଙ୍କର ଏକ କବିତା ‘ଲାଜମୟୀ’ ପ୍ରକାଶିତ ହୋଇଥିଲା କୋଲକାତାର ‘ସିନେମା’ ପତ୍ରିକାରେ ଯାହାକୁ ପ୍ରକୃତରେ ସେ ‘ଆସନ୍ତାକାଲି’ ପତ୍ରିକାକୁ ପଠାଇଥିଲେ। ଉଭୟ ପତ୍ରିକାର ସମ୍ପାଦକ ଥିଲେ ସମାନ ବ୍ୟକ୍ତି, ସେ କବିତାଟିକୁ ‘ଆସନ୍ତାକାଲି’ ବଦଳରେ ‘ସିନେମା’ରେ ପ୍ରକାଶ କରି ଦେଇଥିଲେ। ତେବେ ସେଇ ପ୍ରଥମ କବିତାର ମୁଦ୍ରିତ ରୂପକୁ ଦେଖିବାର ସୁଯୋଗ ସ୍ୱୟଂ କବି ପାଇ ନଥିଲେ। ତେଣୁ ୧୯୫୯ରେ ‘ବୈଜୟନ୍ତୀ’ରେ ପ୍ରକାଶିତ ‘ଶେଷରାତ୍ରି’କୁ ସେ ନିଜର ପ୍ରଥମ ମୁଦ୍ରିତ କବିତାର ମାନ୍ୟତା ଦେଉଥିଲେ। ୧୯୬୩ ମସିହାରେ ଗଙ୍ଗାଧର ମେହେର କଲେଜରେ ବିଏର ଛାତ୍ର ଥିବାବେଳେ ଛାତ୍ରବୃତ୍ତି ଅର୍ଥ ବିନିଯୋଗରେ ନିଜର ପ୍ରଥମ କବିତା ସଂକଳନ ‘ସସେମିରା’ ପ୍ରକାଶ କରିବା ଲାଗି ସେ ଉଦ୍ୟମ କରିଥିଲେ। କିନ୍ତୁ ଅର୍ଥ ଶ୍ରାଦ୍ଧ ହେଲା ସିନା ପ୍ରେସ୍ ମ୍ୟାନେଜର କୁଆଡ଼େ ଉଭାନ ହୋଇଗଲେ। ତେଣୁ କବିଙ୍କର ପ୍ରଥମ କବିତା ସଂକଳନ ଭାବେ ପ୍ରକାଶିତ ହୋଇଥିଲା ‘ଗୌଣ ଦେବତା’ ୧୯୭୪-୭୫ ମସିହାରେ।

ସରଳ, ହସହସ ଭାବର ଅନ୍ତରାଳରେ ଲୁଚି ରହିଥିଲା ବୋଧେ ଗଭୀର ଅସନ୍ତୋଷ। ନୂତନ ପିଢ଼ିକୁ ଗଢ଼ିବା, ସାହିତ୍ୟ ଓ ସଂସ୍କୃତିକୁ ନୂତନ ସ୍ତରକୁ ବଢ଼ାଇବା ଦିଗରେ, ପ୍ରାଶାସନିକ ଜୀବନ ଓ ପରବର୍ତ୍ତୀ କାଳରେ ଅବ୍ୟାହତ ଥିଲା ତାଙ୍କ ଉଦ୍ୟମ। ସୁନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣମାଳା ମାଧ୍ୟମରେ ଓଡ଼ିଆ କବି ଓ କବିତାକୁ ସମସ୍ତଙ୍କ ପାଖରେ ପ୍ରତିଷ୍ଠିତ କରାଇବା ଦିଗରେ ତାଙ୍କ ଅବଦାନ ଚିର ସ୍ମରଣୀୟ।

ଓଡ଼ିଆ କବିତାର ସେ ଗୋଟେ ଶୈଳୀର ସ୍ରଷ୍ଟା। ରାଜେନ୍ଦ୍ରଙ୍କ କବିତାକୁ ପଢ଼ିଦେଲେ ସେ କବିତାର ଶିରୋନାମ ନଥିଲେ ମଧ ଜାଣି ହୋଇଯିବ ତାହା ରାଜେନ୍ଦଙ୍କ କବିତା। ଏହା ହେଉଛି ରାଜେନ୍ଦ୍ରଙ୍କ ଶୈଳୀ, ବୈଚିତ୍ର୍ୟ ଓ ଅନୁଭବ। ଶବ୍ଦର ପୌରୁଷ ପାଇଁ ତଥା ଆଧୁନିକ କବିତାରେ ନୂଆ ଶବ୍ଦ ଗଢୁଥିବା ଏହି ପ୍ରଥିତଯଶା କବିଙ୍କ ସ୍ଥାନ ନିଶ୍ଚିତ ଅପୂରଣୀୟ ରହିବ। ସ୍ୱୟଂ ନିଜ ଭାବନାରେ ସେ ଏକଦା ଲେଖିଥିଲେ - ‘ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାର ବାର, ଏବେ ବି......’।

♥ ପ୍ରତିଷ୍ଠାତା, ସମ୍ପାଦକ ‘ସିଂହଭୂମ୍’,
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨

## ବହୁମତ

## ପୂଜା ପତ୍ରିକା ସମୀକ୍ଷା




### ସମୟର ଆକାଂକ୍ଷା

ମୁଖ୍ୟ ସମ୍ପାଦକ :
**ସୁରେଶ ନାୟକ**
ଠିକଣା :
କ୍ରିଷ୍ଣାନଗର,ଲଜପେଟ୍,ପଣ୍ଡିଚେରୀ
(ମୋ) ୯୦୪୩୦୮୭୪୫୬
ପୃଷ୍ଠା-୨୦୦, ମୂଲ୍ୟ : ୧୨୦/-

“ଦେହ ଭିତରେ ଥିବା ଅନେକ ଅଂଗ କୋଟି କୋଟି ଟଙ୍କାର ଅଟେ । ସେହି ମୂଲ୍ୟବାନ ଦେହ ବା ଶରୀର ନିକଟରେଆହୁରି ମୂଲ୍ୟବାନ ଅଟେ ତାହାର ସମୟ । ସେହି ସମ୍ରାଟଙ୍କ ପରି ଆଜି ଅନେକ କମ୍ପାନୀ ସ୍ମାର୍ଟ ଫୋନ୍‌ର ବିଭିନ୍ନ ଆପ୍ ଜରିଆରେ ଆମ ଯୁବ ବର୍ଗଙ୍କ ମୂଲ୍ୟବାନ ସମ୍ପତ୍ତି ‘ସମୟ’କୁ ଅପହରଣ କରିନେଉଛନ୍ତି ବଦଳରେ ଟିକେ ଖୁସିଦେଇ । ‘କ୍ଷଣିକ ଖୁସି’ ପାଇଁ ଆଜି ଅସମ୍ଭବ ସମ୍ଭାବନା ରଖିଥିବା ଯୁବ ସମାଜ ବିପଥଗାମୀ । ନିଜ ଶରୀର ଅମୂଲ୍ୟ, ନିଜ ସମୟ ଅମୂଲ୍ୟ । ଏକଥା ବୁଝିବାର ସମୟ ଆସିଯାଇଛି ଆଜି ଆମମାନଙ୍କ ପାଇଁ ।”

ଏଭଳି ଏକ ମୂଲ୍ୟବାନ ବକ୍ତବ୍ୟ ରଖିଛନ୍ତି ‘ସମୟର ଆକାଂକ୍ଷା’ର ମୁଖ୍ୟ ସମ୍ପାଦକ କବି ସୁରେଶ ନାୟକ । ପତ୍ରିକାଟି ସୁଦୂର ପଣ୍ଡିଚେରୀରୁ ନିୟମିତ ପ୍ରକାଶ ପାଇ ଆସୁଥିବା ବେଳେ ଏହାର ପୂଜାସଂଖ୍ୟାଟି ସବୁଥର ପରି ସୁଦୃଶ୍ୟ କଳେବରରେ ପ୍ରକାଶିତ ହୋଇଛି । ଏଥିରେ ‘ଅମୂଲ୍ୟ ସମୟ’ ଶୀର୍ଷକ ଅତ୍ୟନ୍ତ ଉପାଦେୟ ସମ୍ପାଦକୀୟ ସହିତ କବି ପ୍ରବାସିନୀ ମହାକୁଡଙ୍କ ପ୍ରସ୍ତୁତିରେ ସ୍ୱତନ୍ତ୍ର ଉପସ୍ଥାପନାରେ ଜୟନ୍ତ ମହାପାତ୍ର, ଶାନ୍ତନୁ କୁମାର ଆଚାର୍ଯ୍ୟ, ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ରାୟ, ଦେବଦାସ ଛୋଟରାୟ, ମମତା ଦାଶ, ଅମରେଶ ପଟ୍ଟନାୟକ, ତରୁଣକାନ୍ତି ମିଶ୍ର, ଯଶୋଧାରା ମିଶ୍ର, ଅମରେନ୍ଦ୍ର ଖଟୁଆଙ୍କ ପ୍ରକାଶିତ ପହିଲି ପୁଲକ ବେଶ୍ ରୁଚିପୂର୍ଣ୍ଣ ।

‘ଆମ ସମୟର କବିତା’ ସ୍ତମ୍ଭରେ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ‘ମିଳିତ ମୃତ୍ୟୁ’ ପଢିବା ବେଳକୁ କବି ମୃତ୍ୟୁଲୋକରେ ପହଞ୍ଚି ସାରିଲେଣି, ଏହାହିଁ ବିଡମ୍ବିତ ଅନୁଭବଟିଏ ଆଣି ଦେଉଛି । ତାଙ୍କ ସହ କବିତା କ୍ରମରେ ବଂଶୀଧର ଷଡଙ୍ଗୀ, ପ୍ରସନ୍ନ କୁମାର ମହାନ୍ତି, ଶୈଳଜ ରବି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ବିରଜା ବଳ, ପବିତ୍ର ମୋହନ ଦାଶ, ଶ୍ରୀଦେବ, ତ୍ରିନାଥ ସିଂହ, ବିଜୟ ମହାପାତ୍ର, ବିଜୟ ରାୟ, ମନୋରଂଜନ ପାଣିଗ୍ରାହୀ, ଭିକାରୀ ଧଳ, ମହାଦେବ ପ୍ରଧାନ, ରବି ଶତପଥୀ, ହରିଶ୍ଚନ୍ଦ୍ର ବେହେରା, ସ୍ୱପ୍ନା ମିଶ୍ର, ପ୍ରଶାନ୍ତ କୁମାର ଦାଶ, ସଂଜୀବ କୁମାର ପଣ୍ଡା, ସୁରଂଜନ ପାତ୍ର, ପ୍ରଶାନ୍ତ ମହାନ୍ତି, ଦୀନବନ୍ଧୁ ସାହୁ, ପ୍ରତିଭା ମଂଜରୀ ଜେନା, ଯାଦବେନ୍ଦ୍ର ସାହା, ମୀନକେତନ ପଶାୟତ, ସସ୍ମିତା ମହାପାତ୍ର, ଅନିଲ ନନ୍ଦ, ଶୁଭ ନାରାୟଣ ସ୍ୱାଇଁ ପ୍ରମୁଖଙ୍କ କବିତା ସ୍ଥାନିତ ହୋଇଥିବା ବେଳେ ଜ୍ୟୋତି ନନ୍ଦ, ରମାକାନ୍ତ ସାମନ୍ତରାୟ, ଶୈଳେନ ରାଉତରାୟ, ସୁମିତ୍ରା ପାଢୀଙ୍କ ଆଲେଖ୍ୟ ପ୍ରକାଶ ପାଇଛି ।

‘ଗଳ୍ପ ଗଳ୍ପ’ କ୍ରମରେ ସରୋଜିନୀ ସାହୁ, ଗୌରହରି ଦାସ, ଅଜୟ ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ପରେଶ କୁମାର ପଟ୍ଟନାୟକ, ଭୀମ ପୃଷ୍ଟି, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅରବିନ୍ଦ ରାୟ, ସୈରିନ୍ଧ୍ରୀ ସାହୁ, ମୋନାଲିସା ମିଶ୍ର, ଶ୍ରୀପ୍ରସାଦ ମହାନ୍ତି, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଇପ୍ସିତା ପ୍ରଧାନଙ୍କ ଗଳ୍ପ ସ୍ଥାନିତ ହୋଇଥିବା ବେଳେ ଅଜୟ ପ୍ରଧାନଙ୍କ କାବ୍ୟୋପନ୍ୟାସ, ଓଁ ଅଭିଜ୍ଞାନ ସାହୁଙ୍କ ରମ୍ୟରଚନା, ପ୍ରିୟବ୍ରତ ପାତ୍ର, ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ଭ୍ରମଣ କାହାଣୀ, ସୁମନ ଦାଶ ଓ ସବିତା ସାହୁଙ୍କ ଅନୁବାଦ ଗଳ୍ପ ସହ ପ୍ରଦୀପ କୁମାର ରାୟଙ୍କ ବିପ୍ଳବୀ ସ୍ରଷ୍ଟା ନଗୁଗୀ ଓୟା ଥିୟୋଙ୍ଗୋଙ୍କ ଉପରେ ଲେଖିଥିବା ଚମତ୍କାର ଆଲେଖ୍ୟ ପ୍ରକାଶ ପାଇଛି ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି ‘ସମୟର ଆକାଂକ୍ଷା’ର ଶାରଦୀୟ ସଂଖ୍ୟା । ପତ୍ରିକାଟି ତା’ ପୂର୍ବ ଗରିମା ବଜାୟ ରଖିବାରେ ସଫଳ ହୋଇଛି, ତେଣୁ ସଂପାଦକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

**ସମୀକ୍ଷା :**
**ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ**

## ମନଗହନର କଥା...



ନିରବତାର ଭାଷା ବୁଝିବା ଯେତିକି ଦୂରୁହ ସେତିକି କୌତୂହଳପ୍ରଦ। ଅକୁହା ଭାଷାର ଆବେଦନ ଯେ ସୁଦୂରପ୍ରସାରୀ ଓ ହୃଦୟସ୍ପର୍ଶୀ ଏଥିରେ ସନ୍ଦେହର ଅବକାଶ ନାହିଁ । ବେଳେବେଳେ ନିରବତା ବି ବହୁତ କିଛି କହିଦିଏ । ସେ ନିର୍ଜନତାରେ ହେଉ କି ନିସଙ୍ଗତାରେ, ନିରବତାର ସ୍ୱର ଓ ସ୍ୱରୂପ ଯାହା ହେଉନା କାହିଁକି ତାହା ଯେ ଭାବନା ରାଜ୍ୟକୁ ଆଚ୍ଛନ୍ନ କରିବାକୁ ପର୍ଯ୍ୟାପ୍ତ ଏହା କେବଳ ଜଣେ ଅନୁଭବୀ ହିଁ ହୃଦୟଙ୍ଗମ କରିପାରେ। ଯେଉଁ ଭାଷା ଶବ୍ଦରେ ପରିପ୍ରକାଶ କରାଯାଇ ପାରେନି, ମାତ୍ର ହୃଦୟରର ନିଭୃତ କକ୍ଷରେ ମୁଗ୍ଧ ଅନୁଭବ ହୋଇ ପ୍ରତିଧ୍ୱନିତ ହେଉଥାଏ, ତାହା ହିଁ ନିରବତାର ଭାଷା ।

ଆବେଗଭରା ଦିବ୍ୟ ଅଭିବ୍ୟକ୍ତି ହିଁ କବିତା । କବିତାରେ ଶବ୍ଦର ପ୍ରାଚୁର୍ଯ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଶବ୍ଦର ନିବରବତା ହିଁ ସେତିକି ଅପରିହାର୍ଯ୍ୟ । ବେଳେବେଳେ ଶବ୍ଦର କୋଳାହଳ ଭିତରେ କବିତାର ସ୍ପନ୍ଦନ ଅଣନିଶ୍ୱାସୀ ହୋଇଯାଏ । ଉଭୟେ ଉଭୟର ପରିପୂରକ ହେଲେ ମଧ୍, ନିରବତାର ଝଡ଼ ମନ ଓ ମସ୍ତିଷ୍କକୁ ଯେ ଗଭୀର ଭାବେ ଆନ୍ଦୋଳିତ କରିପାରେ ଏହା ହିଁ ଏଇ କବିତା ସଂକଳନର ମୂଳମନ୍ତ୍ର ବୋଲି ବିଚାର କରଯାଇ ପାରେ ।




ଏ ପରିବର୍ତ୍ତନଶୀଳ ସମାଜରେ ଜୀବନକୁ ଭୋଗଦଖଲ କରୁକରୁ ଅନେକ ରହସ୍ୟମୟ ଅନୁଭବକୁ ଶବ୍ଦରେ ସଜେଇବାର ‘ସାମାନ୍ୟ ପ୍ରୟାସ’ କରିଛି ଏହି ସଂକଳନଟି ମାଧ୍ୟମରେ । ଏହା ସବୁ ଶ୍ରେଣୀର ପାଠକ ପାଠିକାଙ୍କୁ ଆକର୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

**- ଡ. ଶ୍ରୀଧର ସାମଲ**
କଜଳା, କେନ୍ଦ୍ରାପଡ଼ା
ମୋ: ୯୪୩୭୬୦୭୯୯୭

ଅକ୍ଷୟ କୁମାର ରାଉତ



# ସତ୍ୟବାଦୀର ସଖା-ପଣ୍ଡିତ ଗୋଦାବରୀଶ

ସଭ୍ୟତାର ସୂର୍ଯ୍ୟୋଦୟଠାରୁ କେତେ ମହାମନିଷୀ, ଜ୍ଞାନୀ, କବି, ଭାବୁକ, ରସିକ, ମହାପୁରୁଷ ଏହି ସୌନ୍ଦର୍ଯ୍ୟମୟୀ ଉତ୍କଳର ପ୍ରମୋଦ ଉଦ୍ୟାନଙ୍କୁ ଆଲୋକିତ କରି ସତ୍ୟ,ଦୟା କ୍ଷମା ଓ ଶନ୍ତି ର ଆଦର୍ଶକୁ ଦୀପ୍ତିମନ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ସତ୍ୟବାଦୀର ସଖା ପଣ୍ଡିତ ଗୋଦାବରୀଶ ମିଶ୍ର ଅନ୍ୟତମ। ୧୮୮୬ ମସିହା ଅକ୍ଟୋବର ୨୬ ତାରିଖ କାର୍ତୀକ ଦୀପାବଳୀ ଅମାବାସ୍ୟା ଦିନ ପୁରୀ ଜିଲ୍ଲାର ବାଣପୁର ନିକଟସ୍ଥ ଶ୍ରୀନିବାସ ପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଲିଙ୍ଗରାଜ ମିଶ୍ର ଥିଲେ ଜଣେ ଚଣ୍ଡୀ ସାଧକ ଓ ବୈଦ୍ୟ। ଗୋଦାବରୀ ତୀର୍ଥ ଯାତ୍ରା ପରେ ପୁତ୍ରଲାଭ ହୋଇଥିବାରୁ ପିତାମାତା ଗୋଦାବରୀ ମିଶ୍ର ନାମ ରଖିଥିଲେ। ମାତ୍ର ଭକ୍ତ କବି ମଧୁସୂଦନ ଗୋଦାବରୀ ବାଳିକା ନାମକୁ ବାଳକ ନାମ ଗୋଦାବରୀଶ ମିଶ୍ର ରଖିଥିଲେ। ପଣ୍ଡିତ ଗୋଦାବରୀଶ ସ୍କୁଲରେ ପାଠ ପଢୁଥିବା ବେଳୁ ସ୍ତ୍ରୀ ଲୋକଙ୍କ ଭଳି ମୁଣ୍ଡରେ ଚୁଟି ରଖିବା ଓ କାନରେ ନୋଳି ପିନ୍ଧିବା ତାଙ୍କର ଥିଲା ଅଭ୍ୟାସ।

ଗୋଦାବରୀଶଙ୍କର ଶିକ୍ଷା ଗାଁ ଚାଟଶାଳୀର ଅବଧାନ ଗିରିଧର ମହାନ୍ତିଙ୍କ ପାଖରେ ଆରମ୍ଭ ହୋଇଥିଲା। ଉଚ୍ଚ ପ୍ରାଥମିକ ପରୀକ୍ଷା ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଗଲା। ବାଣପୁରରେ ମଧ୍ୟ ଓଡିଆ ପଢି ସେ ଦ୍ୱିତୀୟ ଶ୍ରେଣୀରେ ପାସ କରିବାରୁ ବୃତ୍ତି ମିଳିଲାନାହିଁ। ତେଣୁ ପାଠପଢା ବନ୍ଦ ହୋଇଗଲା। ଚଣ୍ଡୀପୂଜା, ଗଙ୍ଗାଷ୍ଟକ ବୈଦିକ କର୍ମକାଣ୍ଡ ଇତ୍ୟାଦି ଶିକ୍ଷା କଲେ । ପିତାଙ୍କ ଅନୁପସ୍ଥିତରେ ଠାକୁର ପୂଜାଭାର ତାଙ୍କ ଉପରେ ପଡିବାରୁ ସେ ଠାକୁରଙ୍କୁ ଖଟୁଲିରୁ ଉଠାଇ ଆଣି ଭାତରେ ମୁହଁ ମାଡିଦେଇଥିଲେ। ସେ ଜଣେ ସଂସ୍କାରି ନୀତିବାନ୍ ବ୍ରାହ୍ମଣଟି ହୋଇପାରିଲେ ନାହିଁ। ପଇତା ଛିଣ୍ଡାଇ ଆମିଷ ଭୋଜନ କରୁଥିଲେ। ତେଣୁ ଗାଁ ଲୋକେ ଗୋଦାବରୀଶଙ୍କୁ କଳାପାହାଡ ନାମରେ ଡାକିଲେ। ପିତା ଲିଙ୍ଗରାଜ ମିଶ୍ରଙ୍କ ଅଭିଳାସ ଥିଲା ପୁଅ ଗୋଟିଏ ଓକିଲ ହେବ। ତେଣୁ ସେ ନିଜର ପୈତୃକ ଜମିରୁ କିଛି ଅଂଶ ବିକି କରି ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲେ। ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ପାଶ କରିଥିବାରୁ ରାମକୃଷ୍ଣ ବୋଷ ମାସିକ ୫ ଟଙ୍କା ବୃତ୍ତି ପାଇବାର ବ୍ୟବସ୍ଥା କରିଦେଲେ। ଗୋଦାବରୀଶ ଦଶମ ଶ୍ରେଣୀରେ ପଢିଲା ବେଳେ ଶଶିଭୂଷଣ ରାୟ ଚୌଧୁରୀ ସହିତ ପରିଚିତ ହୋଇଥିଲା। ପୁରୀ ବଡ ଦାଣ୍ଡରେ ବିଦେଶୀ ଲୁଗା ପୋଡା ସମୟରେ ଗୋପବନ୍ଧୁଙ୍କ ସହିତ ପ୍ରଥମଥର ଦେଖାହେଲା। ସେ ଶଶିଦାଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କର ନିକଟତର ହେଲେ। ଗୋପବନ୍ଧୁଙ୍କ ସ୍ୱେଚ୍ଛାସେବକ ବାହିନୀରେ ଗୋଦାବରୀଶ କାର୍ଯ୍ୟ କଲେ।

ଗୋଦାବରୀଶଙ୍କ ପିନ୍ଧା ଲୁଗା ଥିଲା ମାତ୍ର ଖଣ୍ଡିଏ। ସେ ଲୁଗାଟିକୁ ଛୁଟିଦିନରେ ଝରକା ଦେଇ ଧୋବାକୁ ସଫା କରିବାକୁ ଦିଅନ୍ତି ଓ ନିଜେ ଲୁଗା ପାଇବା ପର୍ଯ୍ୟନ୍ତ କବାଟ କିଳି ଘରେ ରୁହନ୍ତି। ପିତାଙ୍କର ହଇଜାରେ ମୃତ୍ୟୁ ଖବର ପାଇ ଘରେ ପହଚିଂବା ପର ମୁହୂର୍ତ୍ତରେ ତାଙ୍କ ବୋଉ ମଧ ହଇଜାରେ ଦେହତ୍ୟାଗ କଲେ। ଘରେ ଅନ୍ଧୁଣୀ ବୁଢୀମା ଓ ଆଠ ବର୍ଷର ଭଉଣୀଙ୍କୁ ଛାଡି ପୁଣି ଫେରିଗଲେ ପାଠ ପଢିବାକୁ । ରାମକୃଷ୍ଣ ବାବୁଙ୍କ ପାଞ୍ଚ ଟଙ୍କା ବୃତ୍ତିରୁ ଟଙ୍କାଟିଏ ବଳକା କରି ଘରକୁ ପଠାଉଥିଲେ। ୧୯୦୬ ମସିହାରେ ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ପାଶ କରି ଦଶଟଙ୍କା ବୃତ୍ତି ପାଇଲେ। ଏହି ବୃତ୍ତି ପଇସାରେ କଲେଜରେ ନାମ ଲେଖାଇ ଚନ୍ଦ୍ରମୋହନ ବାବୁଙ୍କ ବସାରେ ରହିଲେ ଓ ଖାଇଲେ। ତା ବଦଳରେ ତାଙ୍କ ଦୁଇ ପୁଅଙ୍କୁ ପାଠ ପଢାଇଲେ।



୧୯୦୭ ମସିହାରେ ଆଳି ଅଚଂଳରେ ବନ୍ୟା ବିପନ୍ନମାନଙ୍କୁ ସାହାଯ୍ୟ କାର୍ଯ୍ୟ କରି ଫେରିବା ବେଳକୁ ସେ ଜ୍ୱରରେ ଆକ୍ରାନ୍ତ ହେଲେ। ଜ୍ୱର ଭଲ ହେବାର କିଛି ଦିନ ଅନ୍ତରରେ ତାଙ୍କର ସାନ ଭଉଣୀ ଉପଯୁକ୍ତ ପଥ୍ୟ ଓ ଔଷଧ ନ ପାଇ ଅତି କଷ୍ଟରେ ମୃତ୍ୟୁ ବରଣ କରିଥିଲା। ବାଣପୁର ଅଚଂଳରେ କଲେଜ ପଢୁଆ ଯୁବକ ଭାବରେ ‘ଭଗବତୀ ପ୍ରସାଦିନୀ’ ସମିତିଟିଏ ଗଠନ କରି ସରକାରୀ ଅଫିସରମାନଙ୍କ ବଦ ଅଚରଣ ସମ୍ପର୍କରେ ଆଲୋଚନା କରିବାରୁ ତାଙ୍କୁ ମିଛ କାଠ ଚୋରି ଅଭିଯୋଗରେ ଫସାଇ ଦିଆଗଲା। ଗୋଦାବରୀଶ ଉପରସ୍ଥ ଅଫିସରମାନଙ୍କୁ ଜଣାଇବାରୁ ତଦନ୍ତ ହେଲା। ତଦନ୍ତ ପରେ ବାଣପୁରର ସବୁ ସରକାରୀ ଅଫିସରମାନଙ୍କୁ ବଦଳି କରାଗଲା । ସେ ପାଉଥିବା ଦଶ ଟଙ୍କା ବୃତ୍ତିର ପାଞ୍ଚ ଟଙ୍କା ତାଙ୍କ ସ୍ତ୍ରୀ ଓ ମାଙ୍କ ପାଇଁ ପଠାଉଥିଲେ। ଏଫ୍.ଏ ପାସ୍ କରି ଗୋଦାବରୀଶ ଦର୍ଶନଶାସ୍ତ୍ରୀରେ ଅନର୍ସ ନେଇ ପାଠପଢିଲେ। କିନ୍ତୁ ତାଙ୍କୁ ୧୦ ଟଙ୍କା ବୃତ୍ତି ଖର୍ଚ୍ଚ ପାଇଁ ନଖଟ ହେଲା। ଘର ଖର୍ଚ୍ଚ ପାଇଁ ଆଉ ଟଙ୍କା ପଠାଇ ପାରିଲେ ନାହିଁ। କଟକରେ ତରୁଣ ଉତ୍କଳ ସଂଘ ଗଠନ କରାଗଲା। ଗୋଦାବରୀଶ ତାହାର ସମ୍ପାଦକ ଭାବରେ କାର୍ଯ୍ୟ କଲେ। ଏହି ଅନୁଷ୍ଠାନ ତରଫରୁ ଗୋଦାବରୀଶ ସେକସ୍‌ପିୟରଙ୍କର ଏକ ଇଂରେଜୀ ନାଟକରେ ଅଭିନୟ କରୁଥିଲେ। ତାଙ୍କ ଅଭିନୟରେ ଖୁସି ହୋଇ ଇଂରେଜୀ ଅଧ୍ୟାପକ ଗୋଦାବରୀଶଙ୍କୁ ଗୃହ ଶିକ୍ଷକ ଭାବରେ ନିଯୁକ୍ତି ଦେଇଥିଲେ। ବି.ଏ ପାସ ପରେ ଗୋଦାବରୀଶ ଓକିଲାତି ପଢିବା ଲାଗି ମାସିକ ୩୦ ଟଙ୍କିଆ ବୃତି ପାଇ କଲିକତାରେ ଓକିଲାତି ପଢିବା ସଙ୍ଗେ ସଙ୍ଗେ ଏମ୍.ଏ ପାଠ ପଢିଲେ। ଗୋଦାବରୀଶ ଯେଉଁ ଦିନ କଲିକତା ପଢିବାକୁ ବାହାରିଥିଲେ, ସେ ଦିନ ରେଳ ଷ୍ଟେସନରେ ପ୍ରାୟ ପାଞ୍ଚ ହଜାର ଲୋକ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। କଲିକତାରେ ଶଶିଦା ଓ ନୀଳକଣ୍ଠ ଥିବାରୁ ଗୋଦାବରୀଶଙ୍କର ସେଠାରେ ଚଳିବାରେ କିଛି ଅସୁବିଧା ହେଉନଥିଲା।

ଏମ୍.ଏରେ ତୃତୀୟ ଶ୍ରେଣୀ ହୋଇଥିବାରୁ ସେ ବହୁତ ମନ ଦୁଃଖ କରିଥିଲେ। କଲିକତାର ମୂକବଧିର ବିଦ୍ୟାଳୟରେ ସହକାରୀ ପ୍ରଧାନ ଶିକ୍ଷକ ସହିତ ବିଦେଶରେ ଶିକ୍ଷା ସୁଯୋଗ ଦଲିଲରେ ଦସ୍ତଖତ କରିବା ପୂର୍ବରୁ ସେ ଗୋପବନ୍ଧୁଙ୍କ ଅନୁମତି ଲୋଡିଥିଲେ। ଦୀର୍ଘ ୩୦୦ ମାଇଲ ଦୂରରୁ ଗୋପବନ୍ଧୁ ଲେଖିଥିଲେ ଗୋଦାବରୀଶ ତମେ କଲିକତା ମୂକ ବଧିର ବିଦ୍ୟାଳୟରେ ଶିକ୍ଷକ ହେବାକୁ ଯାଉଛ। ଏଣେ ଓଡିଶାର ଲକ୍ଷ ଲକ୍ଷ ମୂକ ବଧିରଙ୍କ କଥା କଣ ଭୁଲିଗଲ। ତାଙ୍କର ଦଲିଲରେ ଦସ୍ତଖତ କରିବା ସେତିକରେ ରହିଗଲା। ଆଇନ ପାଠ ଶେଷ କରି ପଣ୍ଡିତ ଗୋପବନ୍ଧୁଙ୍କର ଆହ୍ୱାନରେ ଗୋଦାବରୀଶ ସେ ସମୟର ସାମାଜିକ ଆବଶ୍ୟକତାକୁ ଲକ୍ଷ୍ୟ କରି ସିଧା ଆସି ସତ୍ୟବାଦୀ ବନ ବିଦ୍ୟାଳୟରେ ୧୯୧୩ ମସିହାରେ ଯୋଗ ଦେଇଥିଲେ। ସେଠାରେ ସେ ୩୦ ଟଙ୍କା ବେତନ ପାଇଲେ। ତିନି ବର୍ଷ ଶିକ୍ଷକତା ପରେ ସେ କଲିକତା ଆସି ଶିକ୍ଷକ ଟ୍ରେନିଂ ନେଲେ। ସେଠାରେ ‘ପୁରୁଷୋତ୍ତମ’ ନାଟକ ରଚନା କରି ପ୍ରକାଶ କରିଥିଲେ। ସେ ଖଣ୍ଡିଏ ଇଂରେଜୀ କବିତା ବହି ସଂକଳନ କରିଥିଲେ।

ମଧୁବାବୁ ଓ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଚାଲିଥିଲା । ଏହି କାର୍ଯ୍ୟରେ ଗୋଦାବରୀଶ କାମ କରିବା ପଇଁ ୧୯୧୯ ମସିହାରେ ଅଗେଇ ଆସି ସିଂହଭୂମିରେ ଥିବା ଲୋକଙ୍କ ମଧ୍ୟରେ ଓଡିଆ ପ୍ରୀତି ଓ ଜାତୀୟତାବାଦ ଜନ୍ମାଇଥିଲେ। ଓଡିଆ ଭାଷା ଓ ଶିକ୍ଷାର ପ୍ରସାର ପାଇଁ ଚକ୍ରଧର ପୁରରେ ଏକ ଓଡିଆ ହାଇସ୍କୁଲ ଗୋଦାବରୀଶ ଆରମ୍ଭ କରିଥିଲେ। ସିଂହଭୂମି କାର୍ଯ୍ୟ ଛାଡି ଗୋଦାବରୀଶ ଜନ୍ମସ୍ଥାନ ବାଣପୁରକୁ ଚାଲି ଆସିଲେ । ସେଠାରେ ଶିକ୍ଷର ଉନ୍ନତି ପାଇଁ ଭୁବନାନନ୍ଦ ଦାସ, ମଜୁମଦାର ଓ ଗୋଦାବରିଶ ମିଶି ଏକ ‘ଜାତୀୟ ଶିକ୍ଷ ସଦନ’ ନାମରେ ଅନୁଷ୍ଠାନ ଗଠନ କରିଥିଲ। ଗୋଦାବରୀଶ ସହକାରୀ ରେଜିଷ୍ଟ୍ରର ହିରିଦାସ ରାୟଙ୍କ ସହାୟତାରେ ଦୁଇଟି ସମବାୟ ସମିତି ଓ ଗୋଟିଏ ସମବାୟ ବ୍ୟାଙ୍କ ବାଣପୁରଠାରେ ଆରମ୍ଭ କରିଥିଲେ।

ଗୋଦାବରିଶ ୧୯୪୧ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳା ମହାରାଜଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ଥିଲେ। ପାରଳା ମହାରାଜ ଓ ଗୋଦାବରୀଶଙ୍କ ପ୍ରଚେଷ୍ଟାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ମସିହା ନଭେମ୍ବର ୨୭ ତାରିଖରେ ସ୍ଥାପନ ହୋଇଥିଲା। ୧୯୫୨ ମସିହାରେ ବାଣପୁରର କୃଷ୍ଣପ୍ରସାଦ ନିର୍ବାଚନ ମଣ୍ଡଳୀରୁ ଗୋଦାବରିଶ ନିର୍ବାଚିତ ହୋଇ ଓଡିଶା ବିଧାନସଭାର ସଭ୍ୟହେଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ ଓ ସୁସାହିତ୍ୟିକ ଗୋଦାବରୀଶ ତାଙ୍କ ଜୀବନକାଳରେ ଗୁଡିଏ ଉପାଦେୟ ପୁସ୍ତକ ରଚନା କରିଥିଲେ। ତଙ୍କର ‘କାଳିଜାଇ’ କବିତା ବେଶ ଲୋକପ୍ରିୟ। ସେ କିଛି ଦିନ ସମାଜର ସମ୍ପାଦକ ଥିଲେ। ବିହାର ଓଡିଶା କାଉନସିଲ୍‌ର ସଭ୍ୟ ହୋଇଥିଲେ। ଗୋଦାବରିଶ ବ୍ରିଟିଶ ସରକାରଙ୍କର ବିରୁଦ୍ଧାଚରଣ କରି ୭ ଥର ଜେଲ ଦଣ୍ଡ ଭୋଗିଥିଲେ। ସର୍ବମୋଟ ୧୧ ବର୍ଷ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ। ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ହଠାତ୍ ଇହଧାମ ତ୍ୟାଗ କରି ସେ ଚାଲିଗଲେ ଅମର ପୁରକୁ । ଓଡିଆ ମାଟି, ଓଡିଆ ଭାଷା ଓ ଓଡିଆ ଲୋକଙ୍କୁ ଆଲୁକ ଦେଖାଇ ନିଜେ ଲିଭି ଯାଇଥିଲେ। ଓଡିଆ ମାଟି ହରାଇଥିଲା ଏକ ମହାନ ପଣ୍ଡିତ, ଶିକ୍ଷାବିତ୍, କବି ଓ ଲେଖକ।

♥ ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...(୩)

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଜଣେ ସାଧାରଣ ଶିଶୁ ପରି ତୁମେ ମଧ୍ୟ ପାଠ ପଢିବା ପାଇଁ ଗୁରୁକୁଳ ଯିବାକୁ ଆରମ୍ଭ କରିଥିଲ ଯଥା ସମୟରେ।ତୁମର ହସହସ ମୁହଁ, ଭଦ୍ର ବ୍ୟବହାର ଆଉ ଅପରୂପ ରୂପ ଲାବଣ୍ୟ ଜନମନ ହରଣ କରି ନେଉଥିଲା।ସମସ୍ତେ ତୁମ ଉପରେ ପ୍ରସନ୍ନ ଥିଲେ।ନିଜ ଅନୁଜମାନଙ୍କ ସହିତ ବଢୁଥିବା ବୟସର ତାଳେ ତାଳେ ତୁମର ଗୁଣ ଗାରିମା ମଧ୍ୟ ଚତୁର୍ଦ୍ଦିଗ ବ୍ୟାପ୍ତ ହୋଇ ଚାଲିଥିଲା।

ଚାରି ରାଜକୁମାରଙ୍କର ବିଦ୍ୟାର୍ଜନ ସହିତ ସେମାନଙ୍କ ଅପୂର୍ବ ଜ୍ଞାନ କୌଶଳ ଏବଂ ଅସ୍ତ୍ରଚାଳନା ବିଷୟରେ ଚାରିଆଡ଼େ ଚର୍ଚ୍ଚା ହେବାକୁ ଲାଗିଲା ଏବଂ ସେହିଦିନ ମହାରାଜ ଦଶରଥଙ୍କ ଆନନ୍ଦର ସୀମା ରହିଲାନି ଯେଉଁଦିନ ତୁମେ ନିଜ ଭାଇମାନଙ୍କ ସହିତ ଗୁରୁକୁଳରୁ ମହଲକୁ ଫେରି ଆସୁଥିଲ...!!ନବବଧୂ ପରି ସଜ୍ଜିତ ହୋଇ ରହିଥିଲା ଆଯୋଧ୍ୟାପୁରୀ।ନିଜର ଭବିଷ୍ୟ ରାଜାଙ୍କୁ ଦେଖିବାକୁ ପ୍ରତ୍ୟେକ ନାଗରିକ ଉତ୍ସୁକ ହୋଇ ରହିଥିଲେ।ଆଉ ତୁମେ ଯେତେବେଳେ ସାମ୍ନାକୁ ଆସି ନିଜର ବିଚାର କ୍ଷମତା ଏବଂ ତୀର ଚାଳନାର ଦକ୍ଷତା ଦେଖେଇଥିଲ ତାହା ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା।ତୁମର ସୁନ୍ଦର ରୂପର ଛଟା,ତୁମର ସୁନ୍ଦର ମନକିଣା ହସ ଆଉ ତୁମର ଆହ୍ଲାଦ ପ୍ରଦାୟୀ ବ୍ୟବହାର ଦଶରଥଙ୍କୁ ତାଙ୍କ ଅତୀତର ଗ୍ଲାନି ଭୁଲିଯିବା ପାଇଁ ସହାୟକ ସାଜିଥିଲା।

ଆଉ ଏହି ସମୟରେ ହଠାତ୍ ଯେତେବେଳେ...

ମହାମୁନି ବିଶ୍ୱାମିତ୍ର ସେଦିନ ଆସି ତୁମକୁ ତାଙ୍କ ସହିତ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ସେତେବେଳେ ଦଶରଥଙ୍କ ମନ ଜମାରୁ ବି ମାନି ନଥିଲା।ବିଶ୍ୱାମିତ୍ର ମହାମୁନି ଏକ ଯଜ୍ଞାନୁଷ୍ଠାନ କରୁଥିଲେ। ଦଶାନନର ଅନୁଚରଗଣ ସେହି ଯଜ୍ଞରେ ବିଘ୍ନ ଉତ୍ପନ୍ନ କରି ବିଭ୍ରାଟ ସୃଷ୍ଟି କରୁଥିଲେ।ତେଣୁ ଋଷିବର ଚାହୁଁଥିଲେ ଯେ ତୁମେ ସେହି ଯଜ୍ଞରେ ସୃଷ୍ଟି ହେଉଥିବା ବାଧାକୁ ବିନାଶ କରି ଧର୍ମରକ୍ଷା କରିବାରେ ସହାୟକ ହୁଅ। କିନ୍ତୁ ମହାରାଜ ଦଶରଥ ନିଜ ପ୍ରାଣପ୍ରିୟ ପୁତ୍ରକୁ ଏତେ ଦିନ ପରେ ପାଖରେ ପାଇବା ପରେ ଆଉ ତାଙ୍କଠାରୁ ଦୂର ହେବାକୁ ଜମାରୁ ପ୍ରସ୍ତୁତ ନଥିଲେ।ତେଣୁ ମହାମୁନିଙ୍କ ଆଗ୍ରହକୁ ମଧ୍ୟ ସେ ପ୍ରତ୍ୟାଖ୍ୟାନ କରିବାକୁ ପଛେଇ ନଥିଲେ...!!

ତୁମେ କିନ୍ତୁ ଜାଣିଥିଲ ପ୍ରଭୁ ବିଧିର ବିଧାନ କଣ କହୁଥିଲା...ଆଉ ତେଣୁ ନିଜେ ଆଗେଇ ଆସି ପିତାଙ୍କୁ ବୁଝେଇ ବାହାରି ଯାଇଥିଲ ଋଷି ବିଶ୍ୱାମିତ୍ରଙ୍କ ସହ...ସାଙ୍ଗରେ ଥିଲେ ତୁମର ଛାୟା ସଦୃଶ ଅନୁଜ ଲକ୍ଷ୍ମଣ।

ଆରମ୍ଭ ହୋଇଥିଲା ସେହି ଐତିହାସିକ ଯାତ୍ରା ଯେଉଁ ଯାତ୍ରା ସମଗ୍ର ବିଶ୍ୱର ଭବିଷ୍ୟତ ନିର୍ମାଣ କରିବାରେ ସହାୟ ହୋଇଥିଲା।ମହର୍ଷି ବିଶ୍ୱାମିତ୍ରଙ୍କ ସହ ରହି ତୁମେ ତାଡକା ପରି ରାକ୍ଷସୀର ବିନାଶ କରିଥିଲ।ଏତେ ବର୍ଷ ଧରି ଯେଉଁ ତାଡକା ଋଷିମୁନିଙ୍କ ଉପରେ ଅତ୍ୟାଚାର କରି ଆସୁଥିଲା ତା'ର ଅନ୍ତ ସାଧନ କରିବା ଅତ୍ୟନ୍ତ ଦୁରୁହ ବ୍ୟାପାର ଥିଲା।

ଏକଦା ଯକ୍ଷରାଜା ସୁକେତୁଙ୍କ କନ୍ୟା ଥିବା ସୁନ୍ଦରୀ ତାଡ଼କା ଏକ ଦାନବ ଶୁଣ୍ଡ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲା। ଋଷି ଅଗସ୍ତ୍ୟଙ୍କ ଅଭିଶାପରେ ଶୁଣ୍ଡ ଏବଂ ସୁକେତୁଙ୍କ ମୃତ୍ୟୁହେବା ପରେ ପ୍ରତିଶୋଧ ପରାୟଣ ହୋଇ ସେ ନିଜ ଜନ୍ମିତ ସନ୍ତାନ ସୁବାହୁ ଓ ମାରୀଚ ସହିତ ଋଷି ମାନଙ୍କୁ ଦୁର୍ବ୍ୟବହାର କରିବାକୁ ଆରମ୍ଭ କଲା।କ୍ରୋଧିତ ହୋଇ ଅଗସ୍ତ୍ୟ ମୁନି ତାକୁ କୁରୁପା ହୋଇ ରାକ୍ଷସ ଯୋନି ପ୍ରାପ୍ତ କରିବାକୁ ଅଭିଶାପ ଦେବା ପରେ ସେ ଆହୁରି ଭୟାନକ ହୋଇ ସମସ୍ତ ଯଜ୍ଞ ନଷ୍ଟ କରିବାକୁ ଆରମ୍ଭ କଲା।ରକ୍ତ,ହାଡ,ମାଂସର ବୃଷ୍ଟି କରି ସେମାନେ ପ୍ରତ୍ୟେକ ଶୁଭ କର୍ମକୁ ଅଶୁଭ କରିଦେବାକୁ ଲାଗିଥିଲା ।ଆଉ ସେହି ରାକ୍ଷସୀଠାରୁ ଯଜ୍ଞସ୍ଥଳକୁ ରକ୍ଷା କରିବାକୁ ତ ମହର୍ଷି ବିଶ୍ୱାମିତ୍ର ତୁମକୁ ସାଙ୍ଗରେ ଆଣିଥିଲେ ପ୍ରଭୁ...!!ଧର୍ମ ସ୍ଥାପନା ପାଇଁ ତୁମର ଉଠିଥିବା ଏ ପଦକ୍ଷେପ ଦୈତ୍ୟ ସମାଜରେ ଆତଙ୍କ ଖେଳେଇବା ସହିତ ସନ୍ଥ ମହଲରେ ନୂତନ ଆଶାର ସଂଚାର କରିଥିଲା।ନିଜ ଧନୁର ଟଙ୍କାରରେ ଥରହର କରି ଦେଇଥିଲ ତୁମେ ଶତ୍ରୁର ଆହ୍ୱାନକୁ...!!

ଶାନ୍ତିରେ ନିଃଶ୍ୱାସ ମାରିଥିଲେ ସବୁ ମୁନିଗଣ।ମନ ଖୁସିରେ ଟିକେ ଯଜ୍ଞ ପୂଜା ଅନୁଷ୍ଠାନ କରି ପାରିବାର ଆନନ୍ଦଟି ତୁମ ଆଗମନର ଖୁସି ସହିତ ମିଳିତ ହୋଇ ଏକ ଅଦ୍ଭୁତ ପୂର୍ଣ୍ଣତାର ସ୍ୱର୍ଶ ପ୍ରଦାନ କରିଥିଲା। ସେହି ପୂର୍ଣ୍ଣତା ଯାହା ପାଇବା ପାଇଁ କେଜାଣି କେତେ ଯୁଗ ଧରି ଭକ୍ତ ହୃଦୟ ପ୍ରତୀକ୍ଷା କରିଥିଲା ସେକଥା କେବଳ ତୁମେ ହିଁ ଜାଣିଥିଲ...!!

ବିଶ୍ୱାମିତ୍ରଙ୍କ ସହିତ ଋଷି ଗୌତମଙ୍କ ଆଶ୍ରମକୁ ଆସିବା ପରେ ଏକ ପାଷାଣ ଖଣ୍ଡ ପାଖରେ ତୁମ ଗତି ସ୍ୱତଃ ବନ୍ଦ ହୋଇଯାଇଥିଲା।ସେହି ଶୀଳା ବୋଧେ ଅପେକ୍ଷା କରିଥିଲା ତୁମ ଆସିବା ବାଟକୁ ପ୍ରଭୁ...!!

ଋଷି ଗୌତମ ନିଜ ପତ୍ନୀ ଅହଲ୍ୟାଙ୍କ ସହିତ ଉକ୍ତ ଆଶ୍ରମରେ ନିବାସ କରୁଥିଲେ। ଅପରୂପା ଲାବଣ୍ୟବତୀ ପତ୍ନୀଙ୍କ ସହିତ ଖୁସିରେ ବସବାସ କରୁଥିବା ମୁନିଙ୍କ ଜୀବନରେ କଳା ବାଦଲ ଘୋଟି ଆସିଥିଲା ସେହିଦିନ ଯେଉଁଦିନ ଦେବରାଜ ଇନ୍ଦ୍ରଙ୍କର କୁଦୃଷ୍ଟି ପଡ଼ିଥିଲା ତାଙ୍କ ଉପରେ। ଅହଲ୍ୟାଙ୍କର ରୂପରେ ମୋହିତ ହୋଇ କାମାନ୍ଧ ଇନ୍ଦ୍ର ଅତି ଘୃଣ୍ୟ ଅପରାଧଟି କରି ବସିଥିଲେ। ଋଷି ଗୌତମଙ୍କ ଅନୁପସ୍ଥିତିରେ ସେ ତାଙ୍କରି ରୂପ ନେଇ ଆସି ଯାଇଥିଲେ ଆଶ୍ରମ ଭିତରକୁ। ଆଉ ଲୁଣ୍ଠି ନେଇଥିଲେ ଏକ ଅବଳାର ସତୀତ୍ୱକୁ...!!

ଋଷି ଗୌତମ ଆଶ୍ରମକୁ ଫେରି ଆସିବା ସମୟରେ ଦେଖି ଦେଇଥିଲେ ଛଦ୍ମ ରୂପଧାରୀ ପାପୀକୁ ଆଉ ଅଭିଶାପ ଦେଇଥିଲେ ସହସ୍ର ଯୋନି ହୋଇଯିବା ପାଇଁ...!! ତାଙ୍କ କୋପରୁ କିନ୍ତୁ ବଂଚିପାରି ନଥିଲେ ନିଷ୍ପାପ ଅହଲ୍ୟା। ଆଉ ମାନବୀରୁ ପାଷାଣୀ ହୋଇଯିବାର ଦୁର୍ବାର ଭବିଷ୍ୟତ ତାଙ୍କ ଭାଗ୍ୟରେ ଅଚାନକ ଲେଖା ହୋଇଗଲା। ସ୍ତୁତି କଲେ ସେ... ଏଥିରୁ ମୁକ୍ତି ପାଇବା ପାଇଁ। ଆଉ ଋଷି ଗୌତମ କହିଥିଲେ ତୁମେ ଯେଉଁଦିନ ତୁମ କାଉଁରୀ ଛୁଆଁରେ ତାଙ୍କୁ ପବିତ୍ର କରିଦେବ ଆଉ ନିଜ ଚରଣ ଧୂଳିରେ ସବୁ ପାପ ହରଣ କରିନେବ ସେଦିନ ସେ ପୁନଃ ଜୀବନ୍ୟାସ ପାଇବେ। ଏଣୁ ଅହଲ୍ୟା ପଥରଟିଏ ହୋଇ ପଡ଼ି ରହିଥିଲେ କେଜାଣି କେଉଁ ଯୁଗରୁ...କେବଳ ତୁମ ଆସିବା ବାଟକୁ ଚାହିଁ ଚାହିଁ...!!

ତୁମେ ମଧ୍ୟ ଏକ ଯୋଗ୍ୟ ସନ୍ତାନ ପରି ନିଜ ମାତା ସମାନ ଅହଲ୍ୟାଙ୍କର କଷ୍ଟ ମୋଚନ କରିବାକୁ ଆଗେଇ ଆସିଥିଲ।ନିଜ ପଦ୍ମ ଚରଣର କୋମଳ ସ୍ୱର୍ଶରେ ପୁନଃ ଜୀବିତ କରେଇ ଦେଇଥିଲ ଅହଲ୍ୟାଙ୍କୁ...!! ଆଉ ସେ ଅତୀତର କଳଙ୍କିତ ଅଧ୍ୟାୟରୁ ମୁକ୍ତ ହୋଇ ପାରିଥିଲେ। ଆଉ କୋଣ ଅନୁକୋଣରେ ଖେଳି ଯାଇଥିଲା ଏହି ପବିତ୍ର ବାର୍ତ୍ତା...ଯେ ତୁମେ ଧରାପୃଷ୍ଠରେ ଅବତରଣ କରି ସାରିଛ...!!

ଜନକପୁରୀ ମିଥିଳା ଅପେକ୍ଷା କରି ବସିଥିଲା ତୁମ ଶୁଭ ଆଗମନ ପାଇଁ...!! ଆଉ ତା ସହିତ ତୁମ ଚଲାପଥରେ ନିଜ ଦୃଷ୍ଟି କୁସୁମ ବିଛେଇ ବୋଧେ ଅପେକ୍ଷା କରିଥିଲେ ରାଜର୍ଷି ଜନକ...!!

ଅତୀତ ଇତିହାସ କହେ ଜଣେ ରାଜା ହୋଇ ମଧ୍ୟ ଏକ ଋଷି ପରି ଜୀବନ ନିର୍ବାହ କରୁଥିବାରୁ ମିଥିଳା ନରେଶ ରାଜର୍ଷି ହେବାର ମର୍ଯ୍ୟାଦା ପାଇଥିଲେ। ନିଃସନ୍ତାନ ରାଜା ନିଜ ପ୍ରଜାମାନଙ୍କୁ ସନ୍ତାନ ପରି ସ୍ନେହ କରୁଥିଲେ। ତାଙ୍କ ରାଜୁତି ସମୟରେ ମିଥିଳାରେ ସର୍ବାଙ୍ଗୀନ ଉନ୍ନତି ହେଉଥିବା ସମୟରେ ହଠାତ୍ ଏକ ଭୀଷଣ ମରୁଡ଼ି ଯୋଗୁଁ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। ମୁଠିଏ ଅନ୍ନ ଅଭାବରେ ପ୍ରଜାମାନେ ଛଟପଟ ହେଉଥିବା ଦେଖି ସେ ନିଜ ରାଜମହଲର ଅନ୍ନଛତ୍ର ଦ୍ୱାର ଖୋଲି ଦେଇଥିଲେ ସମସ୍ତଙ୍କ ଖାଦ୍ୟ ଯୋଗାଡ଼ କରିବାକୁ ...!! ସେହି ସମୟରେ ସେ ବିକଳ ହୋଇ ଉଠୁଥିଲେ ନିଜ ପ୍ରଜାଙ୍କ ଜୀବନରକ୍ଷା ପାଇଁ। ଟୋପାଏ ବର୍ଷାକୁ ସମସ୍ତେ ଚାତକ ପରି ଚାହିଁ ରହୁଥିଲେ।

ଏହି ସମୟରେ ମୁନିଋଷି ମାନଂକ ପରାମର୍ଶ ଯୋଗୁଁ ସେ ନିଜେ ଭୂମି ଶୋଧନ ପାଇଁ ହଳ କରିବାକୁ ଆଗେଇ ଆସିଲେ।ହଠାତ୍ ତାଙ୍କ ଲଙ୍ଗଳର ମୁନ ଯାଇ କିଛି ବସ୍ତୁରେ ଆଘାତ କଲା। ଆଉ ସେ ସେଇଠି ଅଟକିଗଲେ...!! ଖୋଦନ ପରେ ଭୂମିତଳୁ ବାହାରି ଆସିଲା ଏକ ଭବ୍ୟବାକ୍ସ ଯେଉଁଥିରେ ଏକ ଶିଶୁକନ୍ୟା କ୍ରନ୍ଦନ କରୁଥିଲା। ରାଜର୍ଷି ନିଜ ବାହୁରେ ବାତ୍ସଲ୍ୟ ପ୍ରେମ ଭରି କନ୍ୟାକୁ ଉଠେଇ ନେବା କ୍ଷଣି ଚାରିଆଡୁ କଳା ବାଦଲ ଘୋଟି ଆସିଲା ଆଉ ଚାହୁଁ ଚାହୁଁ ମୁଷଳ ଧାରାରେ ବର୍ଷା ହୋଇ ମିଥିଳା ନଗରୀକୁ ସିକ୍ତ କରିଦେଲା।

ଅତୀତର ଘଟଣାକ୍ରମ କୁହେ...ଲଙ୍କାପତି ରାବଣ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ନିଜ ସଙ୍ଗୀତର ପରାକାଷ୍ଠା କୈଳାସ ପର୍ବତରେ ନିୟମିତ ଅନ୍ତରାଳରେ ପ୍ରଦର୍ଶନ କରୁଥିଲା। ଏକଦା କନ୍ୟାକୁମାରୀ ଦେବୀ ବେଦବତୀଙ୍କ ଅପୂର୍ବ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ସେ ତାଙ୍କୁ ପାଇବାର ଦୁର୍ବାର ଚେଷ୍ଟା କରିଥିଲା।ଆଉ ଶୈଶବ କାଳରୁ ଶ୍ରୀବିଷ୍ଣୁଙ୍କୁ ନିଜ ପତି ରୂପରେ ପାଇବା ପାଇଁ ତପସ୍ୟା କରୁଥିବା ଦେବୀ ବେଦବତୀ ନିଜକୁ ତାର କଳୁଷିତ ସ୍ୱର୍ଶରୁ ରକ୍ଷା କରିବା ପାଇଁ ନିଜର ତପୋଗ୍ନିରେ ନିଜକୁ ସମାପ୍ତ କରି ଦେଇଥିଲେ। ସେତେବେଳେ ସେ ଅଭିଶାପ ଦେଇଥିଲେ ଯେ ଯଦି ଲଙ୍କାପତି ରାବଣ କେବେ ମଧ୍ୟ କୌଣସି ନାରୀର ଅନିଚ୍ଛା ସତ୍ତ୍ୱେ ତା ସହିତ ଜବରଦସ୍ତି କରିବାକୁ ଚେଷ୍ଟା କରେ ତେବେ ତା ମସ୍ତକ ଖଣ୍ଡ ବିଖଣ୍ଡିତ ହୋଇଯିବ...!!

ବାଲ୍ୟକାଳରୁ ସଞ୍ଚୟ କରି ରଖିଥିବା ନିଜର ଦୈବୀଶକ୍ତି ଯୋଗୁଁ ଦେବୀ ସିନା ଅଗ୍ନିରେ ଜଳିଗଲେ ହେଲେ ରାବଣର ଭୟ ଅନ୍ୟ କାରଣ ପାଇଁ ଥିଲା।କାରଣ ବେଦବତୀ ତାକୁ କହିଥିଲେ ଯେ ସେ ନିଶ୍ଚୟ ପୁଣି ଜନ୍ମ ନେବେ ଏବଂ ପରଜନ୍ମରେ ରାବଣ ବିନାଶର କାରଣ ହେବେ।ନିଜର ଭୟ ଦୂର କରିବାକୁ ରାବଣ ବେଦବତୀଙ୍କ ଚିତାଭସ୍ମକୁ ଏକ ବାକ୍ସରେ ଭର୍ତ୍ତି କରି ଭୂମିରେ ପୋତି ଦେଇ ନିଶ୍ଚିନ୍ତ ହୋଇ ଯାଇଥିଲା। ହେଲେ ବିଧିର ବିଧାନ ଅନ୍ୟ ପ୍ରକାରର ଥିଲା। ତେଣୁ ସେହି ବାକ୍ସ ଭିତରେ ହିଁ ସେହି ଭସ୍ମ ବୈଦେହୀଙ୍କ ରୂପରେ ଅପେକ୍ଷା କରିଥିଲା ମହାରାଜ ଜନକଙ୍କ ପିତୃତ୍ୱ ସ୍ୱର୍ଶର...!!

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ବାନୁ ମୁସ୍ତାକଙ୍କ 'ହାର୍ଟ ଲ୍ୟାମ୍ପ' କାହାଣୀ

## ଡକ୍ଟର ଲକ୍ଷ୍ମଣ ସାହୁ



ବାନୁ ମୁସ୍ତାକଙ୍କ ଲେଖାର ସବୁଠାରୁ ବଡ଼ ଅବଦାନ ହେଉଛି ଯେ ସେ ମୁସଲିମ ମହିଳାମାନଙ୍କୁ ସେହି ରୀତିବାଦୀ ପ୍ରତିଛବିରୁ ମୁକ୍ତ କରିଥିଲେ, ଯେଉଁଥିରେ ସେମାନେ ପ୍ରାୟତଃ କାରାବରଣ କରନ୍ତି। ଏକ ସାକ୍ଷାତକାରରେ ସେ କହିଥିଲେ, 'ମୁଁ ସର୍ବଦା ସେହି ଧାର୍ମିକ ବ୍ୟାଖ୍ୟାଗୁଡ଼ିକୁ ଚ୍ୟାଲେଞ୍ଜ କରିଆସିଛି, ଯାହା ଅନ୍ଧବିଶ୍ୱାସ ଉପରେ ଆଧାରିତ ।' ସମୟ ବଦଳୁଥିଲେ ମଧ୍ୟ ମହିଳା ଓ ଅବହେଳିତ ସମ୍ପ୍ରଦାୟର ସଂଘର୍ଷ ସମାନ ରହିଛି । ତାଙ୍କ କାହାଣୀଗୁଡ଼ିକ ଏହି କଥାର ପ୍ରମାଣ କରେ ଯେ ସାହିତ୍ୟ କେବଳ ମନୋରଞ୍ଜନ କରେ ନାହିଁ ବରଂ ସମାଜକୁ ଏକ ଦର୍ପଣ ସଦୃଶ୍ୟ କାର୍ଯ୍ୟ କରେ । ବିଶ୍ୱର ପାଠକଙ୍କ ପାଖରେ ତାଙ୍କର ଲିଖିତ 'ହାର୍ଟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ପହଞ୍ଚିଥିଲା । ବାସ୍ତବରେ ଏହାର ଶ୍ରେୟ ଏହାର ଅନୁବାଦକ ଦୀପା ଭାସ୍ତିଙ୍କୁ ମଧ୍ୟ ଯାଏ । ଦୀପା ଏହି କାହାଣୀଗୁଡ଼ିକର ଆତ୍ମାକୁ ପୂର୍ବବତ୍ ଅକ୍ଷୁର୍ଣ୍ଣ ରଖିଥିଲେ ଓ ସେଗୁଡ଼ିକୁ ଏକ ବିଶ୍ୱସ୍ତରୀୟ ମଞ୍ଚରେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ ।

ସତରେ ଏବେ ବାନୁ ମୁସ୍ତାକଙ୍କ ନାମ ଏପରି ଏକ ବ୍ୟକ୍ତିତ୍ୱ ଭାବରେ ଉଭା ହୋଇଛି ଯିଏ କେବଳ କନ୍ନଡ ସାହିତ୍ୟ ଜଗତରେ ଏକ ଉଜ୍ଜ୍ୱଳ ତାରା ନୁହଁନ୍ତି ବରଂ ସେହି ସମସ୍ତ ମହିଳାଙ୍କ ସ୍ୱର ମଧ୍ୟ ଯେଉଁମାନେ ଦୀର୍ଘ ସମୟ ଧରି ସମାଜ ଦ୍ୱାରା ପାର୍ଶ୍ୱରେ ବାସନ୍ଦ ହୋଇରହିଛନ୍ତି । ୨୦୨୫ ମସିହାରେ ଯେତେବେଳେ ତାଙ୍କର କ୍ଷୁଦ୍ର ଗଳ୍ପ ସଂଗ୍ରହ 'ହାର୍ଟ ଲ୍ୟାମ୍ପ'କୁ ଆନ୍ତର୍ଜାତୀୟ ବୁକର ପୁରସ୍କାର ଦିଆଯାଇଥିଲା, ସେହି ମୁହୂର୍ତ୍ତଟି କେବଳ ତାଙ୍କ ପାଇଁ ନୁହେଁ ବରଂ ଭାରତୀୟ ଆଞ୍ଚଳିକ ଭାଷା ଓ ସେଥିରେ ସୃଷ୍ଟି ହେଉଥିବା ସାହିତ୍ୟିକ କୃତି ପାଇଁ ଏକ ଐତିହାସିକ ବିଜୟ ହୋଇଗଲା । ଏହି ପୁରସ୍କାର ଏକ ବାର୍ତ୍ତା - ବିଶ୍ୱ ଏବେ ରୋଷେଇ ଘରର ପରିଧିରୁ, ପୁସ୍ତକ ପଛରୁ ଓ ସାମାଜିକ ପ୍ରତିବନ୍ଧକର ଶିକୁଳିରୁ ବାହାରୁଥିବା କାହାଣୀଗୁଡ଼ିକୁ ଶୁଣିବାକୁ ପ୍ରସ୍ତୁତ । କେବଳ ତାହା ବାନୁର କାହାଣୀ । କହିବାକୁ ଗଲେ ଏହା ସାହିତ୍ୟ ନୁହେଁ, ବରଂ ଏକ ନୀରବ ବିପ୍ଳବ ଯାହା ନୀରବରେ କିନ୍ତୁ ଦୃଢ଼ ଭାବରେ ପୁରୁଷ କୈନ୍ଦ୍ରିକ ପ୍ରାଧାନ୍ୟ ବା ପୁରୁଷତନ୍ତ୍ର, ଧାର୍ମିକ କଠୋରତା ଓ ସାମାଜିକ ଅନ୍ୟାୟ ବିରୁଦ୍ଧରେ ଠିଆ ହୋଇଛି । ତାଙ୍କର ଲେଖା ଏକ ଦୀପ ସଦୃଶ, ଯାହା କେବଳ ଆଲୋକ ଦିଏ ନାହିଁ, ବରଂ ଆମେ ପ୍ରାୟତଃ ଅଣଦେଖା କରୁଥିବା ଅନ୍ଧକାରକୁ ମଧ୍ୟ ଆଲୋକିତ କରେ । ବାନୁ ମୁସ୍ତାକଙ୍କ ଜୀବନ ନିଜେ ଏକ କାହାଣୀ - ସଂଘର୍ଷ, ବିଦ୍ରୋହ ଓ ଆତ୍ମ-ଆବିଷ୍କାରର କାହାଣୀ ।

କର୍ଣ୍ଣାଟକର ଏକ ଛୋଟ ମୁସଲିମ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବାନୁଙ୍କ ପିଲାଦିନ ରାସ୍ତାରେ ବିତିଥିଲା । ଯେଉଁଠାରେ ପ୍ରତି ପଦକ୍ଷେପରେ ପ୍ରଥା ଓ ପରମ୍ପରା ଛାଇ ପରି ତାଙ୍କୁ ଅନୁସରଣ କରୁଥିଲା । ତାଙ୍କ ପିତାଙ୍କ ପ୍ରଗତିଶୀଳ ଚିନ୍ତାଧାରା ତାଙ୍କୁ ଏକ କନ୍ନଡ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ଦେଇଥିଲା । ଯାହା ଫଳରେ ତାଙ୍କ ଜୀବନର ମୋଡ଼ ସାଜିଥିଲା । ଉର୍ଦ୍ଦୁରେ କୋରାନ ଶିଖିବା ସହିତ ଆରମ୍ଭ ହୋଇଥିବା ତାଙ୍କର ଯାତ୍ରା କନ୍ନଡ ସାହିତ୍ୟର ଜଗତକୁ ନେଇଗଲା । ଏଠାରେ ତାଙ୍କ ଭିତରେ ଥିବା କାହାଣୀ ଗୁଡ଼ିକ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କ ସ୍କୁଲ ଜୀବନରୁ ଲେଖିବା ଆରମ୍ଭ କରିଥିଲେ । କିନ୍ତୁ ବିବାହ ଓ ପାରିବାରିକ ଦାୟିତ୍ୱ ବାନ୍ଧି ହୋଇ କିଛି ସମୟ ତାଙ୍କ ଲେଖାକୁ ସ୍ଥଗିତ ରଖିଥିଲେ । ଯେତେବେଳେ ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟ ଥିଲା, ସେତେବେଳେ ସେ ମାନସିକ ଅବସାଦ ଓ ଘରୋଇ ବୋଝ ସହିତ ସଂଘର୍ଷ କରୁଥିଲେ। ଏକଦା ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେହି ମୁହୂର୍ତ୍ତଟି ତାଙ୍କ ଭିତରେ ଥିବା ନିଆଁ ଏକ ନୂତନ ରୂପ ନେଇଥିଲା । ଏହି ଯନ୍ତ୍ରଣା ତାଙ୍କ ଲେଖାକୁ ଏକ ନୂତନ ଗଭୀରତା ଦେଇଥିଲା । ପ୍ରକୃତରେ 'ହୃଦୟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ଏହି ଲେଲିହାନ ଅଗ୍ନି ଶିଖାରୁ ସୃଷ୍ଟି ହୋଇଥିଲା ।

'ହାର୍ଟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ସାଧାରଣ ମହିଳାଙ୍କ ଅସାଧାରଣ କାହାଣୀ । ଏହି ମହିଳାମାନେ ଚିତ୍କାର କରନ୍ତି ନାହିଁ , କିମ୍ବା ସ୍ଲୋଗାନ ମଧ୍ୟ ଦିଅନ୍ତି ନାହିଁ । ସେମାନଙ୍କର ବିଦ୍ରୋହ ନୀରବ, କିନ୍ତୁ ଏତେ ଗଭୀର ଯେ ଏହା ପାଠକର ମନକୁ ଥରାଇ ଦିଏ । ବାନୁଙ୍କ କାହାଣୀରେ ଘରୋଇ ମହିଳା - ମା, ଭଉଣୀ, ସ୍ତ୍ରୀ - ଯେଉଁମାନେ ଦୈନନ୍ଦିନ ଜୀବନରେ ପୁରୁଷ କୈନ୍ଦ୍ରିକ ସମାଜର ପୁରୁଷତନ୍ତ୍ର ଓ ସାମାଜିକ ଚାପ ସହିତ କିଭଳି ସଂଘର୍ଷ କରନ୍ତି, ନିଚ୍ଛକ ଭାବରେ ସେମାନଙ୍କୁ ଦର୍ଶାଯାଇଛି । ତାଙ୍କ କାହାଣୀଗୁଡ଼ିକ ପ୍ରଶ୍ନ ଉଠାଏ - ନାରୀ ସ୍ୱାଧୀନତା କ'ଣ ? ଏହା କେବଳ ବାହ୍ୟ ବନ୍ଧନରୁ ମୁକ୍ତି, ନା ସମାଜର କୋଳାହଳରେ ବୁଡ଼ି ଯାଉଥିବା ସେହି ଅନ୍ତରର ସ୍ୱରକୁ ଶୁଣିବାର ସାହସ ? 'ହାର୍ଟ ଲ୍ୟାମ୍ପ' ହେଉଛି ସେହି ଅକଥିତ ପସନ୍ଦର କାହାଣୀ । ଏହି ପୁସ୍ତକ କେବଳ କାହାଣୀର ଏକ ସଂଗ୍ରହ ନୁହେଁ ବରଂ ଏହା ଏକ ସାମାଜିକ ଦଲିଲ କହିଲେ ଅତ୍ୟୁକ୍ତି ହେବନାହିଁ।

ଯାହାକୁ ସାହିତ୍ୟରେ ପ୍ରାୟତଃ ଅଣଦେଖା କରାଯାଏ । ଏହା ହେଉଛି ବାନୁଙ୍କ ଲେଖାର ଶକ୍ତି । ଏହା ସାଧାରଣକୁ ଅସ୍ୱାଭାବିକ କରିଥାଏ । ଏହା କେବଳ ଉପେକ୍ଷିତ ଲୋକଙ୍କ କାହାଣୀକୁ ମୁଖ୍ୟଧାରାରେ ସାମିଲ କରିଥାଏ । ବାନୁଙ୍କ ସାହିତ୍ୟିକ ଯାତ୍ରା କେବଳ ଲେଖାଲେଖି ପର୍ଯ୍ୟନ୍ତ ସୀମିତ ନଥିଲା । ସେ ଜଣେ ସାମ୍ବାଦିକ ଓ ସାମାଜିକ କର୍ମୀ ଭାବରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଥିଲେ । 'ବନ୍ଦୟା ଆନ୍ଦୋଳନ'ରେ ଯୋଗ ଦେଇ ସେ ସାହିତ୍ୟକୁ ସାମାଜିକ ପରିବର୍ତ୍ତନର ଏକ ଅସ୍ତ୍ର କରିଥିଲେ । ତାଙ୍କ ଲେଖାରେ ସାମ୍ବାଦିକତାର ବାସ୍ତବତା ଓ ସକ୍ରିୟତାର ଭାବନା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ । ଯେତେବେଳେ ସେ ମସଜିଦରେ ମହିଳାମାନଙ୍କ ପ୍ରାର୍ଥନା କରିବାର ଅଧିକାର ବିଷୟରେ ଖୋଲାଖୋଲି ଲେଖିଲେ, ତାଙ୍କୁ ଧମକ, ଫତୱା ଓ ତାଙ୍କ ଜୀବନ ଉପରେ ଆକ୍ରମଣର ପ୍ରୟାସ ମଧ୍ୟ ମିଳିଥିଲା । କିନ୍ତୁ ବାନୁ ହାର ମାନି ନଥିଲେ । ବରଂ ସେ ଭୂକ୍ଷେପ ନକରି ଲେଖିଲେ । ସ୍ପଷ୍ଟ, ନିର୍ଭୀକ ଓ ସଚ୍ଚୋଟ ଭାବରେ ଲେଖିଲେ ଚାଲିଲେ । ତାଙ୍କର ଏହି ସାହସ ତାଙ୍କ କାହାଣୀଗୁଡ଼ିକରେ ମଧ୍ୟ ଦୃଶ୍ୟମାନ । ଯେଉଁଠାରେ ଚରିତ୍ରମାନେ ଛୋଟ ଛୋଟ ବିଦ୍ରୋହ ମାଧ୍ୟମରେ ସେମାନଙ୍କର ସ୍ଥାନ ସୃଷ୍ଟି କରନ୍ତି ।



ବାନୁ ମୁସ୍ତାକଙ୍କ ଲେଖା ଏକ ନୀରବ ନିଆଁ ପରି ଯାହା କୌଣସି ଶବ୍ଦ ନକରି ଜଳିଯାଏ । ଏହା କାନ୍ଥରେ ଫାଟ ସୃଷ୍ଟି କରେ। ତାଙ୍କ ଲେଖା ଆମକୁ ମନେ ପକାଇ ଦିଏ ଯେ ସାହିତ୍ୟ କେବଳ ସେତିକି ନୁହେଁ । ଏହା କାହାଣୀ କୁହେ ନାହିଁ ବରଂ ଶତାବ୍ଦୀ ଧରି ଦବିଯାଇଥିବା ସ୍ୱରଗୁଡ଼ିକୁ ଉଠାଇଥାଏ । ଏହି ପୁରସ୍କାର କେବଳ ଏକ ପୁସ୍ତକର ବିଜୟ ନୁହେଁ, ବରଂ ପ୍ରତ୍ୟେକ ମହିଳାଙ୍କ ଭିତରେ ଲୁଚି ରହିଥିବା ଆବେଗର ବିଜୟ । ଏହା ସେହି ନୀରବତାର ବିଜୟ, ଯାହା ସେମାନଙ୍କର ନୀରବତାରେ ମଧ୍ୟ ବହୁତ କିଛି କହିଥାଏ । ବାନୁ ମୁସ୍ତାକ କେବଳ କନ୍ନଡ ସାହିତ୍ୟକୁ ନୂତନ ଶିଖରରେ ପହଞ୍ଚାଇ ନଥିଲେ ବରଂ ଜଣେ ମହିଳାଙ୍କ କଲମ କେତେ ଶକ୍ତିଶାଳୀ ହୋଇପାରେ ତାହା ମଧ୍ୟ ବିଶ୍ୱକୁ ଦେଖାଇଥିଲେ। ସେମାନଙ୍କ କାହାଣୀ ଆମକୁ ଶିକ୍ଷା ଦିଏ ଯେ ବିଦ୍ରୋହ ସବୁବେଳେ ଶବ୍ଦ ସହିତ ହୁଏ ନାହିଁ - କେତେବେଳେ ଏହା ଏକ ନୀରବ ଦୀପ ପରି ଜଳେ, ଯାହା ଧୀରେ ଧୀରେ ସମସ୍ତ ଅନ୍ଧକାରକୁ ଦୂର କରିଦିଏ...!!!

♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫

## ♥ କାଳିକିଙ୍କର



# ଲଂକାମରିଚ କଲା ବିଚାର

ଲଂକା ମରିଚ ଦେଖିଲା ଯେ ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ସମସ୍ତେ ପରସ୍ପର ଯୁକ୍ତି କରୁଛନ୍ତି ଯେ କିଏ ବଡ଼ । ଲଙ୍କା ମରିଚ ଚୁପ ଚାପ ଏ କଥା ଶୁଣୁଥିଲା।

ଜହ୍ନି କହୁଛି- ସଞ୍ଜରେ ମୋ ଫୁଲ କେଡେ ସୁନ୍ଦର, ଜହ୍ନ ଦେଖି କହେ ମୁଁ ଆପଣାର ।

ଏକଥା ଶୁଣି ଭେଣ୍ଡି କହିଲା- କୁନି ଝିଅଙ୍କର ଆଙ୍ଗୁଠି ପରି- କହନ୍ତି ସଭିଏଁ ମୁହିଁ ସୁନ୍ଦରୀ ।

ଲାଉ ଓହଳି ପଡି କହିଲା- ମୋ ପରି ସୁନ୍ଦର କିଏ ବା ଅଛି- ଘର ଚାଳିଆରେ ଶେଜ ପାରିଛି ।

କଖାରୁ କହିଲା- ଗରିବ କି ଧନୀ ସଭିଙ୍କ ପ୍ରିୟ- ମୋ ଆଦର ପତ୍ର ଡାଳର ସହ ।

କଲରା କହିଲା- ଏ ଯୁଗରେ ମୋର ଚାହିଦା ବେଶୀ -ସଭିଙ୍କୁ ହେଲାଣି ଡାଏବେଟିସି ।

ସେଇବାଟ ଦେଇ କୁନୁ, ଟୁନୁ, ମନୁ ଆଦି ଯାଉଥିଲେ ଯେ ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ଆଦିଙ୍କ ଯୁକ୍ତିତର୍କ ଶୁଣିଲେ । ଲଂକାମରିଚ କହିଲା- ପିଲାମାନେ ତୁମେ ଏମାନଙ୍କ ଭିତରୁ ବଡ଼ କିଏ କହିଦିଅ । ସେମାନେ ପରସ୍ପର ଯୁକ୍ତିତର୍କ କରୁଛନ୍ତି । ଏମିତି ଯୁକ୍ତିତର୍କ ଭଲ ନୁହେଁ

ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ଆଦି କହିଲେ ହଁ ଠିକ କଥା ପିଲାମାନେ, ତୁମେହିଁ ବିଚାର କରି କୁହ ଆମ ଭିତରୁ ବଡ଼ କିଏ ? ଲଂକାମରିଚ ଯାହା କହୁଛି ଠିକ କହୁଛି । ଯୁକ୍ତିତର୍କ କରିବା ଉଚିତ ନୁହଁ ।

କୁନୁ କହିଲା ହଁ ଯେ, ତେବେ ଲଂକାମରିଚ ମଧ୍ୟ ତୁମମାନଙ୍କ ପରି ବଡ଼ କି ନୁହେଁ ତାର ମଧ୍ୟ ଜାଣିବା ଦରକାର । କାରଣ ଲଂକାମରିଚ ବିନା ତୁମମାନଙ୍କୁ ନେଇ ତିଆରି ବ୍ୟଞ୍ଜନ ସୁଆଦିଆ ନୁହେଁ ବୋଲି ଜେଜେମା ଓ ମାଆ କହୁଥିଲେ ।

ହାତ ଯୋଡି ଲଂକାମରିଚ କହିଲା ନା ଭାଇ ନା, ମୁଁ ତ ସାମାନ୍ୟ । ମୋତେ ବଡ଼ ବୋଲି ବୋଲେଇ ହେବାର ଆଦୌ ଅଧିକାର ନାହିଁ । ଏମିତି ଦେଖିଲେ ଭଗବାନଙ୍କର ସୃଷ୍ଟିରେ ସମସ୍ତେ ସମାନ । ଭଗବାନ ହିଁ ବଡ଼ । କାରଣ ସେ ଆମକୁ ସୃଷ୍ଟି କରିଛନ୍ତି । ସ୍ରଷ୍ଟାଙ୍କୁ ଛାଡି ସୃଷ୍ଟି ଗର୍ବ କରିବା ଉଚିତ ନୁହେଁ । ଯୁକ୍ତିତର୍କ କରିବା ମଧ୍ୟ ଉଚିତ ନୁହେଁ ।

ବାଃ, ଲଂକାମରିଚର କଥା ଶୁଣି କୁନୁ,ଟୁନୁ, ମନୁ ଆଦି ପିଲାଏ ତାଳି ମାରିଲେ। ଜହ୍ନି, ଭେଣ୍ଡି, ଲାଉ, କଖାରୁ, କଲରା ମଧ୍ୟ ତାଳି ମାରିଲେ । କହିଲେ, ଠିକ କଥା ଏ ଲଂକାମରିଚ କହିଛି । ଆମେ କିଏ ବଡ଼ କିଏ ସାନ ବୋଲି ଯୁକ୍ତିତର୍କ କରିବା ଉଚିତ ନୁହେଁ ।

କୁନୁ କହିଲା- ଯାହାକୁ ସାମାନ୍ୟ ଲଂକାମରିଚ ଆମେ ଭାବୁ ସେ ଆଜି ଉଚିତ ବିଚାର କରିଦେଲା । ଧନ୍ୟ ଧନ୍ୟ ଲଂକାମରିଚ ।

♥ସୌଭାଗିନୀ ନିବାସ, ରଟିଲୋ,
ରେଂଚ ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୧୨ ରାଜା ବିମ୍ବିସାରଙ୍କ ପ୍ରସ୍ତାବ

ଆନୋମା ନଦୀ ଠାରୁ ଯୁବ ରାଜକୁମାର ଏକ ଭିକ୍ଷୁକ ପରିଚ୍ଛେଦ ପିନ୍ଧି ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଇତସ୍ତତଃ ଘୂରିବୁଲିଲେ। କିଛି ଦିନ ପରେ ସେ ରାଜା ବିମ୍ବିସାର ରହୁଥିବା ରାଜଗୃହ ନଗରୀରେ ଯାଇ ପହଞ୍ଚିଲେ। ହାତରେ ଭିକ୍ଷାଥାଳ ଧରି ସିଦ୍ଧାର୍ଥ ଏହି ନଗରୀର ରାସ୍ତାରେ ବୁଲିବୁଲି ଦ୍ୱାରକୁ ଦ୍ୱାର ଯାଇ ଜଣେ ଧାର୍ମିକ ସନ୍ନ୍ୟାସୀ ପରି ଖାଦ୍ୟ ଭିକ୍ଷା କଲେ।

ବର୍ତ୍ତମାନ ରହିବା ପାଇଁ ତାଙ୍କର ଘର ନଥିଲା, ସାଥିରେ ଚାଲିବା ପାଇଁ ବନ୍ଧୁ ନଥିଲା, ଖାଇବା ପାଇଁ ଖାଦ୍ୟ ନଥିଲା। ତେଣୁ ଲୋକମାନଙ୍କ ଦ୍ୱାରା ଦିଆଯାଉଥିବା ଯେ କୌଣସି ଖାଦ୍ୟକୁ ସେ ଖାଉଥିଲେ। ଲୋକମାନେ ତାଙ୍କୁ 'ସାଧୁ' ଡାକିବାକୁ ଆରମ୍ଭ କଲେ, କେହି କେହି ଡାକିଲେ 'ତପସ୍ୱୀ' ଏବଂ କେତେକ ତାଙ୍କୁ 'ତପସ୍ୱୀ ଗୌତମ' ବୋଲି ଡାକିଲେ; କିନ୍ତୁ କୌଣସି ବ୍ୟକ୍ତି ତାଙ୍କୁ 'ଯୁବରାଜ ସିଦ୍ଧାର୍ଥ' ବା ଅନ୍ୟକିଛି ଡାକିଲେ ନାହିଁ।

ସେ ଥିଲେ ସବୁଠାରୁ ସୁନ୍ଦର, ନବଯୁବକ, ବେଶ୍ ସ୍ୱାସ୍ଥ୍ୟବାନ୍ ଏବଂ ବହୁତ ପରିଷ୍କାର ପରିଚ୍ଛନ୍ନ। ସେ ଅତି ଧୀରେ ଧୀରେ ଓ ଭଦ୍ର ଭାବରେ କଥାବାର୍ତ୍ତା କରୁଥିଲେ। ତାଙ୍କୁ କିଛି ଦେବାପାଇଁ ସେ ଲୋକମାନଙ୍କୁ କହୁନଥିଲେ। ମାତ୍ର ଲୋକମାନେ ତାଙ୍କ ଥାଳରେ ଅତି ଖୁସି ହୋଇ କିଛି ଖାଦ୍ୟ ପ୍ରଦାନ କରୁଥିଲେ।

କିଛି ଲୋକ ଆସି ରାଜାଙ୍କୁ କହିଲେ, "ମଣିମା, ଆମ ନଗରୀକୁ ଜଣେ ଯୁବକ ଆସିଛନ୍ତି। କେତେକ ବ୍ୟକ୍ତି ତାଙ୍କୁ 'ତପସ୍ୱୀ ଗୌତମ' ବୋଲି ଡାକୁଛନ୍ତି। ସେ ବେଶ୍ ପରିଷ୍କାର-ପରିଚ୍ଛନ୍ନ, ଦୟାଳୁ, ଭଦ୍ର ଏବଂ ଭିକାରି ଭଳି ଆଦୌ ମନେ ହେଉନାହାନ୍ତି।"

ଯେତେବେଳେ ରାଜା ବିମ୍ବିସାର 'ଗୌତମ' ନାମଟିକୁ ଶୁଣିଲେ ସେ ତତ୍କ୍ଷଣାତ୍ ଜାଣିପାରିଲେ ଯେ ଏହି ରାଜକୁମାର ହେଉଛନ୍ତି ତାଙ୍କ ବନ୍ଧୁ ଶୁଦ୍ଧୋଦନଙ୍କର ପୁତ୍ର। ସେ ଗୌତମଙ୍କ ପାଖକୁ ଗଲେ ଓ କହିଲେ, "ତୁମେ ଏପରି କାହିଁକି କରୁଛ ? ତୁମ ବାପାଙ୍କ ସହିତ ତୁମର କଳହ ହୋଇଛି କି ? ତୁମେ କାହିଁକି ଏପରି ଯାଉଛ ? ତୁମେ ଏଠାରେ ରୁହ ଏବଂ ତୁମକୁ ମୋ ରାଜ୍ୟର ଅର୍ଦ୍ଧେକ ପ୍ରଦାନ କରିବି।"



"ଧନ୍ୟବାଦ ମହାଶୟ, ମୁଁ ମୋ ପିତା-ମାତା, ପତ୍ନୀ, ପୁତ୍ର, ଆପଣଙ୍କୁ ଏବଂ ସମସ୍ତଙ୍କୁ ଭଲ ପାଏ । ମୁଁ ବାର୍ଦ୍ଧକ୍ୟ, ରୋଗ, ଚିନ୍ତା ଏବଂ ମୃତ୍ୟୁକୁ ନିବାରଣ କରିବାର ପଥ ଅନ୍ୱେଷଣ କରିବାକୁ ଚାହୁଁଛି। ତେଣୁ ମୁଁ ସେହି କାମରେ ବାହାରିଛି।" ତପସ୍ୱୀ ଗୌତମ ଏହା କହି ସେଠାରୁ ଚାଲିଗଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ବୈଶିଙ୍ଗା , ୨୫/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଖଡ଼ିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସୁରଭି କାର୍ଯ୍ୟକ୍ରମ କିପରି ପିଲାଙ୍କ ଜୀବନ ଶୈଳୀ କୁ ସୁରଭିତ କରି ପାରିବ ବୁଝାଇ ଥିଲେ। ପ୍ରାକ୍ତନ ଓଡିଆ ଭାଷା ସାହିତ୍ୟ ଶିକ୍ଷକ ଶ୍ରୀ ରାଜ କିଶୋର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସୁରଭି କାର୍ଯ୍ୟ କ୍ରମର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବରେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟ ଅତିଥି, ମାଣିଦା ସ୍ଥିତ ସହିଦ୍ ସ୍ମୃତି ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ଦିଲ୍ଲୀପ କୁମାର ଭୋଇ ମୁଖ୍ୟବକ୍ତା ଓ ପ୍ରାକ୍ତନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦବୋଧନ ଦେଇ 'ସୁରଭି' କାର୍ଯ୍ୟ କ୍ରମ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତକୁ କିଭଳି ଆଲୋକିତ କରି ପାରିବ ବିଶଦ ଭାବେ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିଶୁ ହସିଲେ, ଦେଶ ହସିବ ବୋଲି ମତ ପ୍ରକାଶ କରିଥିଲେ।ଖଡ଼ିକାପଦା ସିଆରସିସି ମାନସ କୁମାର ପରିଡ଼ା ସ୍ୱାଗତ ସମ୍ଭାଷଣ ଓ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରଜତ କୁମାର ଦାଶ, ଆମ୍ବଗଡିଆ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ଆଚାର୍ଯ୍ୟ, ପ୍ରାକ୍ତନ ସି ଆ ର ସି ସି ଶରତ କୁମାର ମହାନ୍ତ, ସତ୍ୟ ରଞ୍ଜନ ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟ ର ୧୫୦ ରୁ ଅଧିକ ଛାତ୍ର ଛାତ୍ରୀ ତିରିଶ ଗୋଟି ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଥିଲେ। କୃତି ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସବୁ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଓ ବେଲଡିହା ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ ଦଳ ଶ୍ରେଷ୍ଠ ହୋଇ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟ କ୍ରମ ରେ ଅଂଶ ଗ୍ରହଣ କରିବେ। ଶିକ୍ଷକ ଶ୍ରୀ ଗନ୍ଧମାର୍ଦ୍ଦନ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ, ତରଣୀ କାନ୍ତ ମହାନ୍ତ, ଶୁଭବନ୍ତ ନାୟକ, ଶୁଭାଶିଷ ପଣ୍ଡା,ହରେନ୍ଦ୍ର ଭୂୟାଁ, ପ୍ରଫୁଲ୍ଲ ଦାଶ, ନୀଳକଣ୍ଠ ଦାସ , ସରସ୍ୱତୀ ଜେନା, ପ୍ରତିମା ପରିଡ଼ା , ଜ୍ୟୋସ୍ନା ସେନାପତି , ଅନିତା ସିଂ,ବିଦ୍ୟୁତ ଲତା ଜେନା ,ପ୍ରକାଶ ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଶ୍ରୀ ସତ୍ୟ ରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ ତରଫରୁ ବିଶ୍ୱ ପୋଲିଓ ଦିବସ ପାଳିତ




ଉଦଳା, ୨୫/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଉଦଳା ରୋଟାରି କ୍ଲବ ତରଫରୁ ଅକ୍ଟୋବର ୨୪ ତାରିଖ ଶୁକ୍ରବାର ଦିନ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇ ଯାଇଛି । କପ୍ତିପଦା ବ୍ଲକ ଅନ୍ତର୍ଗତ ବଡ଼ଖଲାଡ଼ି ଗ୍ରାମସ୍ଥିତ ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଏହି ଅବସରରେ ଆଲୋଚନାଚକ୍ର, ପ୍ରବନ୍ଧ ଲିଖନ ଓ ପୁରସ୍କାର ବିତରଣର ପର୍ବ ଅନୁଷ୍ଠିତ ହୋଇଥିଲା । ଉଦଳା ରୋଟାରି କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆଲୋଚନାଚକ୍ରରେ ଅଧକ୍ଷତା କରି ପୃଥିବୀ ପୃଷ୍ଠରୁ ପୋଲିଓ କିପରି ବିଦାୟ ନେବାକୁ ଯାଉଛି ଏବଂ ଏଥିପାଇଁ ରୋଟାରୀ କ୍ଲବର ଉଦ୍ୟମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ମିଶ୍ର, ପୋଲିଓ ଟିକା ଉଦ୍‌ଭାବନ କରିଥିବା ଆମେରିକାର ବୈଜ୍ଞାନିକ ଜୋନାସ ସଲ୍କଙ୍କ ଅବଦାନକୁ ବିଶ୍ୱବାସୀ କେବେ ଭୁଲିପାରିବେ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ା. ପ୍ରଜ୍ଞା ପ୍ରିୟଦର୍ଶନୀ ବେହେରା, ବ୍ରହ୍ମାନନ୍ଦ ନାୟକ, ପ୍ରତାପ କୁମାର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ପୋଲିଓ କଣ, ଏହା କିପରି ବ୍ୟାପିଥାଏ ଏବଂ ଏହାର ନିରାକରଣ ପାଇଁ କଣ କରିବା ଉଚିତ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସବିତା ଟୁଡୁ, ସୁପ୍ରଭା ମୁର୍ମୁ, ଦୀପା ହେମ୍ବ୍ରମ, କାମିନି ହେମ୍ବ୍ରମ କୃତିତ୍ୱ ହାସଲ କରିଥିବାରୁ କ୍ଲବ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସଂପାଦକ ସୁଦର୍ଶନ ପ୍ରଧାନ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ବୈଜ୍ଞାନିକ ଜୋନାସ ସଲ୍କ ଆମେରିକାର ନ୍ୟୁୟର୍କ ସହରରେ ୧୯୧୪ ମସିହା ଅକ୍ଟୋବର ୨୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଦିବସଟିକୁ ବିଶ୍ୱ ପୋଲିଓ ଦିବସ ରୂପେ ସମଗ୍ର ପୃଥିବୀରେ ପାଳନ କରାଯାଉଛି ବୋଲି ଜଣାଇଥିଲେ। ଏହି ବୈଜ୍ଞାନିକଙ୍କର ୧୯୯୫ ମସିହା ଜୁନ ୨୩ ତାରିଖରେ ଦେହାନ୍ତ ହୋଇ ଯାଇଛି । ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଜୟ କୁମାର ନାୟକ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଆଦିବାସୀ ମେଳା ପାଇଁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର, ୨୫/୧୦ (ନି.ପ୍ର): ଚଳିତ ମାସ ଜଳେଶ୍ୱର ଆଦିବାସୀ ମେଳା ୨୬ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଜଳେଶ୍ୱର ବଡ଼ବଜାର ସ୍ଥିତ ସାଇ ମନ୍ଦିର ପଡ଼ିଆ ଠାରେ ଅନୁଷ୍ଠିତ ହେବ ବୋଲି ଆଜି ଅପରାହ୍ନ ଚାରିଟା ସମୟରେ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ମେଳା କମିଟିର ମୁଖ୍ୟ ଉପଦେଷ୍ଟା ଗୌରହରି ସାହୁଙ୍କ ପକ୍ଷରୁ ସୁଚନା ଦିଆଯାଇଛି ।ଉକ୍ତ ମେଳାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା,ଆଲୋଚନା ଚକ୍ର, ଆଦିବାସୀ ନୃତ୍ୟ, ସଙ୍ଗୀତ ବିଚିତ୍ରା ଓ ସିନେ କଳାକାର ମାନଙ୍କର କାର୍ଯ୍ୟକ୍ରମ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମକୁ ବୁଦ୍ଧିମନ୍ତ କରିବା ନିମନ୍ତେ ସାହିତ୍ୟିକ, ପ୍ରଶାସକ, ରାଜନୈତିକ ନେତୃବୃନ୍ଦ, ବ୍ୟଙ୍ଗକାର ଓ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଗଣ ଯୋଗଦାନ କରିବେ। ଏହି ଉତ୍ସବର ପ୍ରାରମ୍ଭରେ ଆଦିବାସୀ ମାନଙ୍କର ଏକ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଗୀତା ହାସଦା, ଉପସଭାପତି ମାଇନ ମୁର୍ମୁ,ସମ୍ପାଦିକା ଗୀତା ମୁର୍ମୁ,ସହସମ୍ପାଦିକା ଲକ୍ଷ୍ମୀରାଣୀ ଟୁଡୁ,କୋଷାଧକ୍ଷା ଛିତା ମୁର୍ମୁ,ସହ କୋଷାଧକ୍ଷା ପାନ ହାସଦାଙ୍କ ସହ ପ୍ରାକ୍ତନ ସୈନିକ ରତ୍ନାକର ହାସଦା,ସୁନାଇ ହେମ୍ବ୍ରମ,ରଘୁ ମୁର୍ମୁ, ପଞ୍ଚାନନ ସରେନ,ନିରଞ୍ଜନ ମାରାଣ୍ଡି,ବାର୍ଷା ହାସଦା,ଚନ୍ଦନ କୁମାର ସିଂ,ଗୋରା ହାସଦା, ଗୋପୀ ହାସଦା,ବିନାୟକ ଟୁଡୁ ପ୍ରମୁଖ ସଭ୍ୟବୃନ୍ଦ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି କହିଛନ୍ତି।

# ପୋଖରୀ ପାଣିରେ ପଡି ଶ୍ରମିକ ମୃତ

ଖଇରା, ୨୫/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ମହତୀପୁର ପଞ୍ଚାୟତ ଅଧୀନ ଗନ୍ଧାଳୀ ଗ୍ରାମର ରତ୍ନାକର ନାୟକ(୫୫)ଙ୍କ ମୃତ ଶରୀର ପୋଖରୀ ପାଣିରୁ ଉଦ୍ଧାର କରାଯାଇଛି । ଜନଜାତି ସମ୍ପ୍ରଦାୟର ଶ୍ରମିକ ରତ୍ନାକର ଶୁକ୍ରବାର ଅପରାହ୍ନରେ କାମରୁ ଫେରି ଶୌଚ ହେବାକୁ ଗାଁ ପୋଖରୀକୁ ଯାଇ ଆଉ ଘରକୁ ଫେରିନଥିଲେ । ଶନିବାର ସକାଳେ ଖଇରା ଅଗ୍ନିଶମ ବାହିନୀ ସହଯୋଗରେ ମୃତ ଦେହକୁ ଉଦ୍ଧାର କରାଯାଇଥିଲା ।

# କାଂଶ ସରକାରୀ ଉଚ୍ଚବିଦ୍ୟାଳୟରୁ ସିସି କ୍ୟାମେରା ସହ କମ୍ପ୍ୟୁଟର ଚୋରି

ନୀଳଗିରି , ୨୫/୧୦ (ନି.ପ୍ର): ନୀଳଗିରି ବ୍ଲକ୍ କାଂଶ ସରକାରୀ ଉଚ୍ଚବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଚୋରୀ ହୋଇଥିବା ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସଂଯୁକ୍ତା ରାଉତ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ସକାଳୁଆ ସ୍କୁଲ ଥିବାରୁ ବିଦ୍ୟାଳୟ ପହଞ୍ଚି ୩ଟି ସିସି କ୍ୟାମେରା, ଦୁଇଟି କମ୍ପ୍ୟୁଟର, ୩ଟି ସିଲିଂ ଫେନ ସହ କିଛି ମଧ୍ୟାହ୍ନ ଭୋଜନ ସାମଗ୍ରୀ ଚୋରୀ ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ନୀଳଗିରି ଥାନାରେ ଲିଖିତ ଏତଲା ଦେବାସହିତ ଚୋରୀ ସାମଗ୍ରୀକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।

# ଅନନ୍ତ କରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ବାଲିଆପାଳ , ୨୫/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତ ଶଙ୍ଖୁଆ ଗ୍ରାମର ପାଟଣା ସାହି ଠାରେ ଶନିବାର ପୂର୍ବାହ୍ନରେ ଅନନ୍ତ କରଣୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଯାଇଛି। ଦମ୍ପତି ସୁଜୟ ସାମଲ ଓ ମମତା ସାମଲ ଏହି ପୂଜା ରେ ସଂକଳ୍ପ ହୋଇଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ପୂର୍ବ ସରକାର ଆମ ଓଡ଼ିଶା ନବୀନ ଓଡ଼ିଆ ଯୋଜନା ଦ୍ୱାରା ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ପ୍ରଚେଷ୍ଟାରେ ବିଧାୟିକା ସୁବାସିନି ଜେନାଙ୍କ ଅନୁମୋଦନ ପରେ ଚାରି ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ନିର୍ମିତ ହୋଇଥିଲାଏଥିରେ ଗ୍ରାମର ବଦ୍ୟାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ ହୋଇପାରିଛି ।ଗ୍ରାମର ମୁଖିଆ ନିତ୍ୟାନନ୍ଦ କର, ସମାଜସେବୀ ଅଜୟ ସାମଲ, ରବିନ୍ଦ୍ର ମଣ୍ଡଳ, ଅକ୍ଷୟ ଲେଙ୍କା, ବରେନ୍ଦ୍ର କର,ନାଲୁମୋହନ ସେନାପତି, ବନମାଳୀ ଜେନା, ସଞ୍ଜୟ ସାମଲ, ନିତ୍ୟାନନ୍ଦ ସାମଲ, ଦାଶରଥି କର, ଜାନକୀ ସେନାପତି, ପ୍ରଭୁ ରାମ ଜେନା, କାହ୍ନୁଚରଣ କର, ପରମାନନ୍ଦ ସେନାପତି, ଭଗବାନ ସେନାପତି, ମଧୁସୂଦନ କର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିଶୁ ବିହାରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ବାସୁଦେବପୁର, ୨୫/୧୦ (ନି.ପ୍ର): ବାସୁଦେବପୁର ସହରର ଆଦର୍ଶ ଶିକ୍ଷା ଅନୁଷ୍ଠାନ ଶିଶୁ ବିହାରର କୋଡ଼ିଏ ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଅମିୟ କୁମାର ମହାଳିକ। ସମ୍ମାନିତ ଅତିଥି ଓ ବିଚାରକ ଭାବେ ଯୋଗ ଦେଇଥିଲେ କେ କେ ଜି ପି ହାଇସ୍କୁଲ୍ ଚାନ୍ଦିମାଳ ର ବରିଷ୍ଠ ଶିକ୍ଷକ ବିଜୟ କୁମାର ବେହେରା, ଜଗବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶ୍ରୀକାନ୍ତ ପାକଳ, ବରିଷ୍ଠ ଶିକ୍ଷକ ପ୍ରମୋଦ ପାଢୀ, ରତ୍ନ ମଞ୍ଜରୀ ଦାସ, ସୁଧାଂଶୁ ବେହେରା, ସିଦ୍ଧାର୍ଥ ଶେଖର ଦାସ, ଶିଶୁ ବିହାରର ବିଜ୍ଞାନ ମେଳା ପ୍ରମୁଖ ସୁନିଲ କୁମାର ଦାସ। ସମସ୍ତ ଅତିଥି କୁନି କୁନି ଛାତ୍ର ଛାତ୍ରୀ ଓ କୁନି କୁନି ବୈଜ୍ଞାନିକ ମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ। ସମୁଦାୟ ୫୪ ଟି ପ୍ରକଳ୍ପ ଏହି ଉତ୍ସବରେ ସ୍ଥାନ ପାଇଥିଲା। ଔଷଧୀୟ ବୃକ୍ଷର ଉପକାରିତା, ଗାଡ଼ି ଧୂଆଁକୁ ପ୍ରଶମିତ କରିବା, ଆନ୍ତର୍ଜାତୀୟ ସ୍ପେସ ରିସର୍ଚ୍ଚ ପ୍ରଭୃତି ବିଭିନ୍ନ ପ୍ରକାର ପ୍ରକଳ୍ପକୁ ସମସ୍ତେ ବୁଲି ଦେଖିଥିଲେ। ଶେଷରେ ଗୁରୁଜୀ ଭରତ ଚନ୍ଦ୍ର ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିହାରର ଗୁରୁଜୀ ରାମଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିହାରରେ...

ଅଭିଯୋଗ କରିଛନ୍ତି ଯେ, ଡବଲ ଇଞ୍ଜିନ ସରକାର ଯୋଗୁ ପ୍ରତିବର୍ଷ ବିହାରରୁ ୪ କୋଟିରୁ ଅଧିକ ଲୋକ ଅନ୍ୟ ରାଜ୍ୟକୁ କାମ କରିବା ପାଇଁ ଯାଉଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଓ ନୀତୀଶଙ୍କୁ ଲାଲୁ ତାଚ୍ଛଲ୍ୟ କରିଛନ୍ତି । ତେଜସ୍ୱୀ ଯାଦବଙ୍କ ପୋଷ୍ଟରକୁ ନେଇ ମହାଗଠବନ୍ଧନରେ ମଧ ବିବାଦ ଲାଗିଛି।

### ୫ ପ୍ରସ୍ତାବକୁ କ୍ୟାବିନେଟ୍ ...

ସଂଯୋଗ ବୃଦ୍ଧି ପାଇଁ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ , ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଶ୍ୱସ୍ତରୀୟ ରକ୍ଷଣାବେକ୍ଷଣ, ମରାମତି ଏବଂ ମରାମତି ସୁବିଧାର ଇକୋସିଷ୍ଟମ ସ୍ଥାପନ ଏବଂ ଡ୍ରୋନ୍, ସିପ୍ଲେନ୍ ଭଳି ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ଅନ୍ତର୍ଭୁକ୍ତ । ଏହି ଯୋଜନା ଓଡ଼ିଶାର ବିମାନ ଯାତ୍ରାରେ ଏକ ଐତିହାସିକ ପଦକ୍ଷେପ ହୋଇ କନେକ୍ଟିଭିଟି, ଉଦ୍ଭାବନ, ନିଯୁକ୍ତି ଏବଂ ନିବେଶକୁ ପ୍ରୋତ୍ସାହିତ କରିବା ସହ ବିକଶିତ ଓଡ଼ିଶା-୨୦୩୬ର ଦୃଷ୍ଟିକୋଣକୁ ଏକ ପୂର୍ଣ୍ଣାଙ୍ଗ ରୂପ ଦେବ ବୋଲି ବିଭାଗ କହିଛି । ୫ଟଙ୍କାରେ ଖାଦ୍ୟ ଯୋଜନା 'ଆହାର'କୁ ଆଉ ୫ବର୍ଷ (୨୦୨୫-୨୬ ରୁ ୨୦୨୯-୩୦) ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଏବାବଦରେ ୫୧୨ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ଯୋଜନା ହିତାଧିକାରୀଙ୍କୁ ମାତ୍ର ୫ ଟଙ୍କା ମୂଲ୍ୟରେ ସବସିଡିଯୁକ୍ତ ଖାଦ୍ୟ ଯୋଗାଇବାର ସେବାକୁ ନିରନ୍ତର ଜାରି ରଖିବ । ତେବେ ପ୍ରତି ମିଲ୍ ପିଛା ମୂଲ୍ୟ ୨୩ରୁ ୨୭ଟଙ୍କାକୁ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଥିଲେ ମଧ ସାଧାରଣ ଲୋକ ପୂର୍ବଭଳି ୫ଟଙ୍କା ପ୍ରଦାନ କରିବେ । ରାଜ୍ୟ ସରକାର ପ୍ରତି ମିଲ୍ ପିଛା ଦେଉଥିବା ସବସିଡି ପରିମାଣକୁ ୧୮ରୁ ୨୨ଟଙ୍କାକୁ ବୃଦ୍ଧି କରିଛନ୍ତି। ଆଗାମୀ ୧୦ ବର୍ଷ ପାଇଁ ୨୦୦ଟି ମିଡି ଇଲେକ୍ଟ୍ରିକ୍ ବସ୍ କ୍ରୟ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ କ୍ୟାବିନେଟରେ ମୋଟ ୯୫୨.୫୬ କୋଟି ଟଙ୍କା ଅନୁମୋଦନ କରାଯାଇଛି । ଏହି ବସଗୁଡ଼ିକ ରାଜ୍ୟର ୬ଟି ପ୍ରମୁଖ ସହର ଯଥା- କେନ୍ଦୁଝର (୨୫ଟି ବସ୍ ), ବାରିପଦା (୨୫), ବ୍ରହ୍ମପୁର (୫୦), ଅନୁଗୁଳ (୨୫), ଝାରସୁଗୁଡ଼ା (୨୫) ଓ ସମ୍ବଲପୁର (୫୦)ରେ ଚଳାଚଳ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ଉକ୍ତ ସହରଗୁଡିକରେ ବସ୍ ଚାର୍ଜିଂ ଭିତ୍ତିଭୂମି ଏବଂ ଡିପୋ ନିର୍ମାଣ ହେବା ସହ ଏହା ସହରାଂଚଳ ପରିବହନ ସେବାରେ ଉନ୍ନତି ଆଣିବ । ସହରାଂଚଳ ପ୍ରଦୂଷଣ ଓ କାର୍ବନ ନିର୍ଗମନ ହ୍ରାସ କରି ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଏହି ପ୍ରକଳ୍ପ 'ବିକଶିତ ଓଡିଶା' ଏବଂ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ମାଂସ ଏବଂ ମାଂସ ଉତ୍ପାଦର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ, ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ଅଧିନରେ ଥିବା'ପ୍ରାଣୀ ସଂପଦ ସମୃଦ୍ଧି ଯୋଜନା'ର ଏକ ଉପଯୋଜନା 'କ୍ଷୁଦ୍ର ପ୍ରାଣୀ ଉନ୍ନୟନ'କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ଯୋଜନା ଆସନ୍ତା ୪ ବର୍ଷ ଅର୍ଥାତ୍ ୨୦୨୫-୨୬ ରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ ୨୯୪.୩୬ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବ ।

### ଭାରତ ପରେ ଆଫଗାନ୍‌ର ...

ସରକାରଙ୍କୁ ପ୍ରଦାନ କରିଛି । ପରୋକ୍ଷରେ ଏହା ସୂଚାଉଛି,ଟଙ୍କା ନିଅ ଆଉ ଜଲଦି ବନ୍ଧ କରି ପାଣି ଅଟକାଅ , ପାକିସ୍ତାନର ଏୟାରଷ୍ଟ୍ରାଇକ୍‌ରେ ରସିଦ୍ ପାକ୍ ଉପରେ ବର୍ଷିଥିଲେ ଏମିତିକି ପିଏସଲରେ ଅଂଶଗ୍ରହଣ କରିବେନି ବୋଲି କହିଛନ୍ତି । ଫାଭିଓ - କୁନାର ନଦୀ ସମ୍ପର୍କରେ ପାକ୍-ଆଫଗାନ ମଧ୍ୟରେ କିଛି ଚୁକ୍ତି ହୋଇ ନାହିଁ। ଭାରତ ରାସ୍ତାରେ ଚାଲିଛି ଆଫଗାନିସ୍ତାନ ଆଉ ଡ୍ୟାମ୍ ନିର୍ମାଣ କରି ପାକିସ୍ତାନକୁ ଦେଖାଇଦେବ ଯୁଦ୍ଧ ଖାଲି ବନ୍ଧୁକ କି ବମ୍‌ରେ ଲଢାଯାଏ ନାହିଁ ବରଂ ବୁଦ୍ଧି ମଧ ଲଢାଯାଏ ।

### ଗୁଜୁରାଟକୁ ବୁଲେଟ...

ବ୍ୟକ୍ତିଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି କରିବାକୁ ଯାଉଛୁ,' ସେ କହିଛନ୍ତି। 'ଏଥର ପରିବେଶ ମହାଗଠବନ୍ଧନ ପାଇଁ ଏବଂ ଏଥର ମହାଗଠବନ୍ଧନ ସରକାର ଗଠନ କରିବ। ଗତକାଲି ପ୍ରଧାନମନ୍ତ୍ରୀ ଯାହା କହିଥିଲେ ତାହା ସବୁ ନକାରାତ୍ମକ ଥିଲା ଏବଂ ବିହାରକୁ ବଦନାମ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରଧାନମନ୍ତ୍ରୀ ବିହାରକୁ କ'ଣ ଦେଇଛନ୍ତି ? ପ୍ରଧାନମନ୍ତ୍ରୀ ଗୁଜରାଟକୁ ସବୁକିଛି ଦେଉଛନ୍ତି। ପ୍ରଧାନମନ୍ତ୍ରୀ କେବଳ ବିହାରକୁ ଠକିବାର କାମ କରିଛନ୍ତି।'

### ଭିଜିଲାନ୍ସ ଜାଲରେ ...

ବଳକା ୪୭ ହଜାର ଟଙ୍କା ଦେଇଥିଲେ। ଭରତଙ୍କ ଅଭିଯୋଗ କ୍ରମେ ଏବଂ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ଆୟ ବହିର୍ଭୁତ ସମ୍ପତ୍ତି ନେଇ ଅଧିକ ଖୋଳତାଡ କରୁଛି ଭିଜିଲାନ୍ସ। ତାଙ୍କ ଜୟପୁରସ୍ଥିତ ଘର ସହ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସର ଚଢ଼ଉ ଜାରି ରହିଛି।

### ପୃଥକ ପୃଥକ ...

ହାଓକିପଙ୍କୁ ଗିରଫ କରିଥିଲା, ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନଏ)ର ଜଣେ ସକ୍ରିୟ ସଦସ୍ୟ ।ତାଙ୍କୁ ପୁରୁଣା ଗୋଲମୋଲ୍ ସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଥିଲା। ଅଧିକାରୀମାନେ ଦୁଇଟି ଜୀବନ୍ତ ରାଉଣ୍ଡ ଭର୍ତ୍ତି ଏକ ପିସ୍ତଲ, ଏକ ମୋବାଇଲ୍ ଫୋନ୍ ଏବଂ ଏକ ଆଧାର କାର୍ଡ ଜବତ କରିଥିଲେ। ଅଧିକାରୀଙ୍କ ଅନୁଯାୟୀ ହାଓକିପ ଚୁରାଚାନ୍ଦପୁର ସହରରେ ବ୍ୟବସାୟୀ ଏବଂ ନାଗରିକଙ୍କଠାରୁ ଟଙ୍କା ଆଦାୟ କରିବା ସମେତ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପରେ ସାମିଲ ଥିଲେ।

# ସାହିତ୍ୟରେ ନୋବେଲ ବିଜେତା ଲାସ୍ଲୋ କ୍ରାସ୍ନାହୋର୍କାଇଙ୍କ ସଂପର୍କରେ ଆଲୋଚନାଚକ୍ର




ବାଲେଶ୍ୱର, ୨୫/୧୦ (ନି.ପ୍ର): ୨୦୨୫ ମସିହା ପାଇଁ ସାହିତ୍ୟରେ ନୋବେଲ ବିଜେତା ହଙ୍ଗେରୀୟ ସାହିତ୍ୟିକ ଲାସ୍ଲୋ କ୍ରାସ୍ନାହୋର୍କାଇଙ୍କ ସଂପର୍କରେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଅନୁଷ୍ଠାନର ଉପସଭାପତି ଗାନ୍ଧିକ ନିବାରଣ ଜେନାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବକ୍ତା ଭାବରେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର କହିଲେ ଯେ ଲାସ୍ଲୋଙ୍କ ସାହିତ୍ୟରେ ତତ୍ତ୍ୱ ଓ କଳାକାରିଗରୀ ଅନନ୍ୟ। ସାଂପ୍ରତିକ ଏକ ଆତଙ୍କମୟ ପୃଥିବୀରେ ତାଙ୍କ ସାହିତ୍ୟ କଳାର ଗୁରୁତ୍ୱ ପ୍ରତିଷ୍ଠା କରେ। ଅନ୍ୟତମ ବକ୍ତା ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଲାସ୍ଲୋଙ୍କ ସାହିତ୍ୟର ଆନନ୍ଦ ନେବାକୁ ହେଲେ ତାଙ୍କ ସାହିତ୍ୟକୁ ଭଲଭାବରେ ପଢ଼ିବାକୁ ପଡ଼ିବ। ଲାସ୍ଲୋ ତାଙ୍କ ସାହିତ୍ୟରେ କେବଳ ହଙ୍ଗେରୀର କଥା କହିନାହାନ୍ତି, ବରଂ ସାରା ବିଶ୍ୱର ଉଚ୍ଚାଙ୍ଗ ସଂସ୍କୃତି ସଂପର୍କରେ ସାହିତ୍ୟ ରଚନା କରିଛନ୍ତି। ଅନୁଷ୍ଠାନର ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍‌କଥା ରଖିବା ଅବସରରେ ନୋବେଲ ବିଜେତା ଲାସ୍ଲୋଙ୍କ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପ୍ରଖ୍ୟାତ ସାହିତ୍ୟିକ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରଫେସର ସୁରେନ୍ଦ୍ର ଦାଶ ଓ ଭାସ୍କର ଦାସଙ୍କ ବିୟୋଗରେ ଅନୁଷ୍ଠାନ ତରଫରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ମଞ୍ଚ ଆବାହନ କରିଥିବାବେଳେ କବି ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, କଲ୍ୟାଣୀ ନନ୍ଦ, ଅରୁଣା ରାୟ, ନିରଂଜନ ରାଉତ, କୁମାର ଗୋପାଳ, ରାଜେନ୍ଦ୍ରନାଥ ରାଉତ, ସୁଶାନ୍ତ କୁମାର ଦାସ, ଶାନ୍ତନୁ କୁମାର ଜେନା, ଦୀପକ ଦାସ, କରୁଣାକର ସ, ଭାସ୍କର ଚନ୍ଦ୍ର ମିଶ୍ର, ଲକ୍ଷ୍ମଣ ଚରଣ ବିଶ୍ୱାଳ, ବେଣୁଧର ସାହୁ, ରଜନୀକାନ୍ତ ବେହେରା, ରମାକାନ୍ତ ମହାନ୍ତି, ମୁକ୍ତେଶ୍ୱର ସେଠୀ, ପଦ୍ମଲୋଚନ ପ୍ରଧାନ, ସମରବଲ୍ଲଭ ଭୋଇ, ପ୍ରଭାତ ଚନ୍ଦ୍ର ମଲ୍ଲିକ, କାହ୍ନୁ ମାଇତି, ଅଚ୍ୟୁତ ପରିଡ଼ା, ହେମେନ୍ଦ୍ର ମହାପାତ୍ର, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ଶରତ କୁମାର ମହାପାତ୍ର, ଜ୍ୟୋତ୍ସ୍ନା ରାୟ, ଗୀତାଞ୍ଜଳି ଶତପଥୀ, ହେମମାଳା ଦାଶ, କବିତା ଜେନା, ଶାନ୍ତି ବିଶି, ସୁନାମଣି ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ, ମମତା ଦାସ, ଅର୍ଚ୍ଚନା କର, ଗୀତା ରାଉତ, କବିତା ସ୍ୱାଇଁ, ଲୋପାମୁଦ୍ରା ଦାସ, ଶୁଭଲକ୍ଷ୍ମୀ ପାତ୍ର, ସୁସ୍ମିତା ପଣ୍ଡା, ଅବନ୍ତୀ ପ୍ରଧାନ, ଦୀନବନ୍ଧୁ ଲେଙ୍କା, ଅନିଷା ନାୟକ, ବିଦ୍ୟୁତପ୍ରଭା ପତି ପ୍ରମୁଖ ଉପସ୍ଥିତ ଥିଲେ।

ରବିବାର, ଅକ୍ଟୋବର ୨୬, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


# ଅବକାରୀ ଚଢାଉ: ବିପୁଳ ପରିମାଣର ମଦ ସହ ୪ମଟର ସାଇକେଲ ଜବତ,୪ଗିରଫ

ନୀଳଗିରି, ୨୫/୧୦ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଓ ବାଲେଶ୍ୱର ବାଲେଶ୍ୱର ମୋବାଇଲ ୟୁନିଟର ମିଳିତ ଚଢାଉ କରଯାଇ ବରହମପୁର ଓ ଶିକ୍ଷାଞ୍ଚଳ ଥାନା ଅଧୀନରେ ଚଢାଉ କରାଯାଇ ୫୦୦ ଲି ଦେଶୀ ମଦ ଜବତ କରାଯିବା ସହ ଚାରୋଟି ମଟରସାଇକେଲ ଜବତ କରାଯାଇଛି।ସୂଚନା ମୁତାବକ ବିଶେଷ ସୂତ୍ରରୁ ଖବର ପାଇ ଉଭୟ ବିଭାଗ ବରହମପୁର ଥାନା ଅଧୀନ ଗୋହିରା ଛକ ନିକଟରୁ ବିଶ୍ୱଜିତ ଦାସ ଓ ଅଜୟ ଦେହୁରୀ ନାମକ ଦୁଇ ଜଣ ଯୁବକଙ୍କୁ ଦୁଇଟି ବାଇକରେ ଚୋରା ଦେଶୀ ମଦ ଚାଲଣ କରୁଥିବା ବେଳେ କାବୁକରିଥିଲେ।ସେହିପରି ଶିକ୍ଷାଞ୍ଚଳ ଥାନା ଅଧୀନ ରେମୁଣା ଗୋଲେଇ ଛକ ନିକଟରୁ ତପନ ମିର୍ଦ୍ଧା ଓ ତପନ ଖଟୁଆ ନାମକ ଦୁଇ ଜଣ ଯୁବକଙ୍କୁ ମଦ ଚୋରା ଚାଲଣ ବେଳେ ଗିରଫ କରିଥିଲେ। ୫୦୦ଲିଟର ମଦ ମଦ ଜବତ କରାଯାଇଥିବା ବେଳେ ମଟରସାଇକେଲ ଓ ମଦ ମିଶି ୫ ଲକ୍ଷ ୮୦ ହଜାର ଟଙ୍କା ହେବବୋଲି ଅନୁମାନ କରାଯାଉଛି। ଏନେଇ ୨୮୬,୨୮୭,୨୮୮ ଏବଂ ୨୮୯/୨୫ରେ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।ଏହି ଚଢାଉରେ ମୋବାଇଲ ୟୁନିଟ ଇନ୍ସପେକ୍ଟର ହରିହର ସିଂହ, ମୋବାଇଲ ସବ ଇନ୍ସପେକ୍ଟର ଭବେଶ ଦାସ,ଏଏସଆଇ ଲମ୍ବୋଦର



ମହନ୍ତ,କନେଷ୍ଟବଲ ପଙ୍କଜ ମହାନ୍ତି,ସୁବୀରକାନ୍ତ ବେହେରା,ସୁନାରାମ ସୋରେନ,ନହଣ ମୁର୍ମୁ ପ୍ରମୁଖ ସାମିଲ ରହିଥିଲେ।

# ଆସନ୍ତା ବାତ୍ୟା "ମନ୍ଥା" ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ

ବାଲେଶ୍ୱର, ୨୫/୧୦ (ନି.ପ୍ର): ଆସନ୍ତା ବାତ୍ୟା "ମନ୍ଥା" ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ ଆଜି ବାଲେଶ୍ୱର କଲେକ୍ଟରେଟ ର ଓସ୍ୱାନ୍ କନ୍ଫରେନ୍ସ ହଲ୍‌ରେ ଆୟୋଜିତ ହୋଇଛି। ବୈଠକରେ ସମସ୍ତ ଜିଲ୍ଲା ସ୍ତରର ଅଧିକାରୀମାନେ ସଉପସ୍ଥିତ ହେଲେ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ଓ ହେଡ କ୍ୱାର୍ଟର ଲିଭ୍ ବାତିଲ କରାଯାଇଛି ଯେପର୍ଯ୍ୟନ୍ତ ସ୍ଥିତି ସାଧାରଣ ହେଉନାହିଁ। ବି ଡି ଓ ମାନଙ୍କୁ ବାତ୍ୟା କେନ୍ଦ୍ର ଓ ସାଧନ-ସଂସାଧନ ମାନଙ୍କୁ ଯାଞ୍ଚ କରିବାକୁ, ଡି ଜି ସେଟ୍‌ଗୁଡିକ ଚାଲୁ ଅବସ୍ଥାରେ ପରଖିବାକୁ ଓ ବରିଷ୍ଠ ଅଧିକାରୀମାନେ ପୁନର୍ଦର୍ଶନ କରି ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଗଲା। ପି ଆର୍ ଆଇ ସଦସ୍ୟମାନଙ୍କ ସହ ସମନ୍ୱୟ ରଖି ସମୀକ୍ଷା ବୈଠକ କରିବାକୁ ଓ ପୂର୍ବ ହିସାବ ସମ୍ପର୍କିତ ଜଟିଳତା ଦୂର କରିବାକୁ ଓ ନିର୍ଦ୍ଦେଶ ମିଳିଲା। ଡେପୁଟି ଡିରେକ୍ଟର, ଫିସେରି ବିଭାଗକୁ ମାଛଧରାଳିମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଓ ସମସ୍ତ ବୋଟ୍ ମାଲିକ, ମାଛଧରାଳି ଓ ଚଜଓ ସଦସ୍ୟମାନଙ୍କ ସହ ଯଥୋଚିତ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଗଲା। TPNODL କର୍ମଚାରୀମାନଙ୍କୁ ଛୁଟି ନେବାକୁ ମନା କରାଯାଇଛି ଏବଂ ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ସମସ୍ତ ଟିମ୍ ଲିଡର ଓ ତାଙ୍କ ନିୟୋଜନ ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ODRAF ଓ ଅଗ୍ନିଶାମ ବିଭାଗକୁ ସମସ୍ତ ବୋଟ୍ ଓ ସାଧନ କୁ ପରଖି ସଜାଗ ରହିବାକୁ ନିର୍ଦ୍ଦେଶ ମିଳିଛି। ଉଡଗଡଙ୍କୁ ସମସ୍ତ ଚିକିତ୍ସା ଦଳ, ଔଷଧ, ଟୀକା, ଆଣ୍ଟିଭେନମ୍, ହାଲୋଜେନ ଟାବଲେଟ ଆଦି ର ଷ୍ଟକ୍ ରଖିବାକୁ ଏବଂ CHC ଓ PHC ସ୍ତରରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଗଲା। ଉଝଡଡଙ୍କୁ ଆସନ୍ତା କିଛି ଦିନରେ ସନ୍ତାନ ଜନ୍ମ ଆଶା କରୁଥିବା ଗର୍ଭବତୀ ମହିଳାମାନଙ୍କ ତାଲିକା ସଜାଇ ଉଡଗଡ ସହ ସମନ୍ୱୟ କରି ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତରିତ କରିବାକୁ କୁହାଯାଇଛି। ଅଙ୍ଗନବାଡ଼ି କର୍ମୀମାନଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ଓ ଜଳ ଯୋଗାଣ ବିଭାଗକୁ ପାଣି ବୋତଲ, ବ୍ଲିଚିଂ ପାଉଡର ଓ ଆବଶ୍ୟକ ସାଧନ ରଖିବାକୁ ନିର୍ଦ୍ଦେଶ ମିଳିଛି। R&B ଓ RD ବିଭାଗକୁ ବାଲି ବସ୍ତା ଦ୍ୱାରା କଟ୍ ଅଫ୍ ବା ଦୁର୍ବଳ ସ୍ଥାନଗୁଡିକରେ ବ୍ୟାରିକେଡିଂ କରିବାକୁ ଓ ଟ୍ରାକ୍ଟର, ଅର୍ଥ ମୁଭର୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ମ୍ୟୁନିସିପାଲଟି ଓ ଏନ୍ ଏ ସି କୁ ମଧ୍ୟ ସତର୍କ ରହି ସାଇକ୍ଲୋନ୍ କେନ୍ଦ୍ର ଓ ନିମ୍ନ ଅଞ୍ଚଳ ଗୁଡିକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ମିଳିଛି। ସି ଏସ ଓ ଙ୍କୁ ଚୁଡ଼ା, ଗୁଡ଼ ଓ ଶୁଖିଲା ଖାଦ୍ୟ ମହଜୁଦ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଗଲା। CDVO ରାପିଡ୍ ଆକ୍ସନ୍ ଟିମ୍ ଓ ଗଠଟ ଦଳ ତିଆରି ଅଛି ବୋଲି ଜଣାଇଛନ୍ତି। ଗୋ-ଔଷଧ ଓ ଟୀକା ମହଜୁଦ ରଖାଯାଇଛି ଏବଂ ଖ୍ୟାତି ସମ୍ଭାବ୍ୟ ଗୁହାଳ ରେ ଥିବା ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଲାଇନ୍ ବିଭାଗମାନଙ୍କୁ ସତର୍କ ଓ ସକ୍ରିୟ ରହି ଯେକୌଣସି ସମୟରେ ବରିଷ୍ଠ ଅଧିକାରୀମାନଙ୍କ ସହ ସମ୍ପର୍କ ରଖିବାକୁ ଜୋର ଦିଆଯାଇଛି।

# ଜଳ ଜୀବନ ମିଶନ କାର୍ଯ୍ୟର ସମୀକ୍ଷା: କେନ୍ଦ୍ରୀୟ ପ୍ରତିନିଧିଙ୍କ ସାର୍ଥା ଗସ୍ତ

ବାଲେଶ୍ୱର, ୨୫/୧୦ (ନି.ପ୍ର): କେନ୍ଦ୍ରୀୟ ଜଳ ଜୀବନ ମିଶନ ଜରିଆରେ ଜିଲ୍ଲାରେ ହୋଇଥିବା କାର୍ଯ୍ୟ ଓ ଘରେ ଘରେ ଟ୍ୟାପ ଜରିଆରେ ପାନୀୟ ଜଳ ଯୋଗାଣ ତିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ପ୍ରତିନିଧି ଡ଼ ସଞ୍ଜୀବ ଅଗ୍ରୱାଲ ବାଲେଶ୍ୱର ଗସ୍ତ କରିଚନ୍ତି। ଶ୍ରୀ ଅଗ୍ରୱାଲ ଜିଲ୍ଲାର ବୃହତ୍ ପଞ୍ଚାୟତ ଓ ଲୁଣି ଜଳ ପ୍ରଭାବିତ ଅଞ୍ଚଳ ସର୍ଥ ଗସ୍ତ କରିଥିଲେ। ପଞ୍ଚାୟତରେ ନିର୍ମାଣ ହୋଇଥିବା ୧୨ ଟାଙ୍କି ମଧ୍ୟରୁ ୧୦ଟିରେ ସମ୍ପୂର୍ଣ୍ଣ ଭାବେ ପାଇପ ଜରିଆରେ ଲୋକେ ପାନୀୟ ଜଳ ପାଇବା ଉପରେ ବୁଲି ଦେଖିଥିଲେ। ପଞ୍ଚାୟତରେ ସମୁଦାୟ ୪୨୮୫ ଘର ମଧ୍ୟରୁ ୪୦୩୫ ଘରକୁ ଟ୍ୟାପ ସଂଯୋଗ ହେବା ଉପରେ ଭିନ୍ନ



ଭିନ୍ନ ସ୍ଥାନ ବୁଲି ପ୍ରତିନିଧି ଶ୍ରୀ ଅଗ୍ରୱାଲ ଦେଖିଥିଲେ। ତେବେ ୨ ଟି ଟାଙ୍କି ବିଜୁଳି ସଂଯୋଗ ହୋଇନଥିବାରୁ ପଞ୍ଚାୟତରେ ବାକି ୧୦ ପ୍ରତିଶତ ଲୋକେ ପାଣି ପାଇବାକୁ ବାକି ରହିବା ଉପରେ ସମୀକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ଜଳ ଜୀବନ ମିଶନକୁ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସଠିକ୍ କାର୍ଯ୍ୟ କରାଯିବ ନେଇ ପ୍ରତିନିଧି ଡ଼ ସଞ୍ଜୀବ ଅଗ୍ରୱାଲ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସମୀର ଦେ ଓ ଅନ୍ୟ ଅଧିକାରୀଙ୍କୁ ସାଧୁବାଦ୍ ଦେଇଥିଲେ। ପରେ କେନ୍ଦ୍ରୀୟ ପ୍ରତିନିଧି ଶ୍ରୀ ଅଗ୍ରୱାଲ ପଞ୍ଚାୟତର ଲୋକଙ୍କୁ ପାନୀୟ ଜଳ ପାଇବା ଉପରେ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରିବା ସହ ଭାବ ବିନିମୟ ଜରିଆରେ ତଥ୍ୟ ସଂଗ୍ରହ କରିଥିଲେ। ଲୋକେ ପାଣି ପାଇପ ଜରିଆରେ ପାଉଛନ୍ତି ବୋଲି ଖୋଲାଖୋଲି କହିଥିଲେ। ଏପରିକି ବାତ୍ୟା , ବନ୍ୟା ସମୟରେ ବିଭାଗ ପକ୍ଷରୁ ପାଣି ବୋତଲ ଓ ଟ୍ୟାଙ୍କର ଯୋଗେ ଜଳ ପାଉଛନ୍ତି ବୋଲି କହିଥିଲେ। ଗ୍ରାମର ଏକାଧିକ ମହିଳା ସମେତ ପଞ୍ଚାୟତ ପ୍ରତିନିଧି ଓ ଭିନ୍ନ ଭିନ୍ନ ସ୍ଥାନରେ ପାନୀୟ ଜଳ ଉପରେ ପ୍ରତିନିଧି ଡ଼ ଅଗ୍ରୱାଲ ମତ ସଂଗ୍ରହ କରିଥିଲେ। ଲୋକଙ୍କ ମତାମତ ଓ ପାନୀୟ ଜଳ ସୁରୁଖୁରୁରେ ପାଇବା ନେଇ ଲୋକଙ୍କ ଠାରୁ ମତାମତ ନେଇ କେନ୍ଦ୍ରୀୟ ପ୍ରତିନିଧି ବେଶ୍ ଖୁସି ପ୍ରକଟ କରିଥିଲେ। ପରେ ସେ ଅଧିକ୍ଷଣ ଯନ୍ତ୍ରୀ , ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ ଜଳ ଜୀବନ ମିଶନ ଜରିଆରେ ଜିଲ୍ଲାରେ ହୋଇଥିବା ସମସ୍ତ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ।

## ବରହମପୁର ପୋଲିସ ପକ୍ଷରୁ ଚୋରା ବାଲି ଗାଡ଼ି ଜବତ୍

ନୀଳଗିରି, ୨୫/୧୦ (ନି.ପ୍ର): ବରହମପୁର ପୋଲିସ ପକ୍ଷରୁ ଗୋଟିଏ ଚୋରାବାଲି ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ପୋଲିସ ଅଟକ ରଖି ତଦନ୍ତ ଚାଲିଥିବା ଆଇଆଇସି ପ୍ରେମଦା ନାୟକ କହିଛନ୍ତି। ସୂଚନାଯୋଗ୍ୟ ଆଜି ଅପରାହ୍ନ ରେ ଓଡ଼ି -୦ ୧-ଓଏଲଜେଡ୧୮୯୫ ମିନିଟ୍ରକଟି ଚୋରାବାଲି ବୋଝେଇ କରି ଆସୁଥିବା ବେଳେ ମାଟିଆଳି ରାସ୍ତାର ନକୁଳକର ହାଟ ନିକଟରେ ବରହମପୁର ଆଇ.ଆଇ.ସି. ପ୍ରେମଦା ନାୟକ ଅଟକାଇ ପରମିଟ ମାଗିଥିଲେ।ମାତ୍ର ଡ୍ରାଇଭର ନଦେଇ ପାରିବାରୁ ଚୋରା ବାଲି ବୋଝେଇ ଗାଡିଥାନାକୁ ଆଣିବା ସହ ଡ୍ରାଇଭରକୁ ଅଟକ ରଖିତଦନ୍ତ ଚଳାଇଛନ୍ତି।ଉକ୍ତ ଡ୍ରାଇଭରର ଘର ନୀଳଗିରି ଥାନା କାହାଳିଆ ଗ୍ରାମର ୰ବୁଦ୍ଧିଆ ସିଂର ପୁତ୍ର ଲୋକନାଥ ସିଂ ବୋଲି ଜଣାପଡିଛି।ତେବେ ଉକ୍ତ ଗାଡ଼ି କାହାର, ଚୋରା ବାଲି କିଏ କେଉଁଠି କି ନେଉଥିଲା , ସେ ଦିଗରେ ବରହମପୁର ପୋଲିସ କଣ ପର୍ଦ୍ଦାଫାଶ କରୁଛି, ତାହାହିଁ ସମୟ କହିବ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ ଡଗରା ବେଳାଭୂମି ରାସ୍ତା

ବାଲିଆପାଳ , ୨୫/୧୦ (ନି.ପ୍ର): ବାଲିଆପାଳର ବିଶ୍ୱ ପ୍ରସିଦ୍ଧ ଡଗରା ବେଳାଭୂମି ଏହି ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ବଡ଼ ଗୁମୁଟି ଛକ ଠାରୁ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଦୀର୍ଘବର୍ଷ ଧରି ଶୋଚନୀୟ ହୋଇପଡିଛି। ରାସ୍ତା ସାରା ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସୁଚନା ଥାଉ କି ୨୦୧୪ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲା ଏହି ବେଳାଭୂମିକୁ ଓଡ଼ିଶା ସମେତ ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେ ଆସିଥାନ୍ତି। ସମୁଦ୍ର କୂଳ କୁ ଯିବା ପାଇଁ ସରକାରୀ ସ୍ତରରେ ରାସ୍ତା ନିର୍ମାଣ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ମାତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ନାଳି ଫିତା



ତଳେ ଚାପି ହୋଇଯାଇଛି। ଅଞ୍ଚଳ ବାସୀଙ୍କ କହିବା କଥା ୨୮ ବର୍ଷ ପୂର୍ବେ ଏହି ରାସ୍ତା ନିର୍ମାଣ ହୋଇଥିଲା। ସେହି ଦିନ ଠାରୁ ଅଦ୍ୟାବଧି ମରାମତି ପାଇଁ ମାଟି ଝୁଡିଏ ମଧ୍ୟ ଏହି ରାସ୍ତାରେ ପଡ଼ିନାହିଁ। ଆଗକୁ ଆସୁଛି ବଣଭୋଜିର ଋତୁ। ଏହି ବେଳାଭୂମି ସୁଦୀର୍ଘ ବାଲୁକା ଶଯ୍ୟା ସାଙ୍ଗକୁ ହରିତକାୟ ଝାଉଁ ବନାନୀର ସୁଁସୁଁ ଶବ୍ଦ ମଧ୍ୟରେ ନାଲି କଙ୍କଡାଙ୍କ ଲୁଚକାଳି ଖେଳ ସମୁଦ୍ରରୁ ନୀଳ ଜଳରାଶି ମଧ୍ୟରୁ ଉତ୍ତାଳ ତରଙ୍ଗ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଅକ୍ଟୋବର ମାସ ଠାରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଓଡ଼ିଆ, ବିହାର, ପଶ୍ଚିମବଙ୍ଗରୁ ବିଭିନ୍ନ କୋଣ ଅନୁକୋଣରୁ ହଜାର ହଜାର ସଂଖ୍ୟାରେ ଛୁଟି ଆସିଥାନ୍ତି ପର୍ଯ୍ୟଟକ। ବଣଭୋଜିର ମଜା, ଜଳକ୍ରୀଡା ସାଙ୍ଗକୁ , ସେଲଫିର ପାଲଟି ଯାଏ ସ୍ମୃତି। କେବଳ ଏତିକି ନୁହେଁ , ଏଠାରେ ଅନୁଷ୍ଠିତ ହୋଉଥିବା ବାରୁଣୀ ସ୍ନାନ, ମକର ମେଳା, ବେଳାଭୂମି ମହୋତ୍ସବ ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥାଏ।ଏହି ପରି ଏକ ସୌନ୍ଦର୍ଯ୍ୟରେ ଭରପୁର ଏହି ବେଳାଭୂମିକୁ ଆସିବା ପାଇଁ ଗୋଟିଏ ମାତ୍ର ରାସ୍ତା ଯାହାକି ମରଣଯନ୍ତା ପାଲଟିଛି। ତେଣୁ ପର୍ଯ୍ୟଟକ ମୁହଁ ଫେରାଇ ଛନ୍ତି।ଏହି ରାସ୍ତାର ନବୀକରଣ ପାଇଁ ଡଗରା ବେଳାଭୂମି ଉନ୍ନୟନ କମିଟ ପକ୍ଷରୁ ଶୁକ୍ରବାର ଜିଲ୍ଲା ପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବ୍ଲକର ବିଡିଓ ରାଧା ରଞ୍ଜନ ଦାସଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଏହି ରାସ୍ତା ଉନ୍ନତିକରଣ କରାନଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି କମିଟିର ସଭାପତି ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସମିତି ସଭ୍ୟ ମନୋଜ କୁମାର ଦାସ, ସମ୍ପାଦକ ସତ୍ୟରଞ୍ଜନ ଜେନା, ତୀର୍ଥ କୁମାର ନାଗ, ସୁଶାନ୍ତ ନାୟକ,ପ୍ରଫୁଲ୍ଲ କୁମାର ସାହୁ, ପ୍ରଭଞ୍ଜନ ଦାସ,ହରିହର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସ୍ୱତନ୍ତ୍ର ଶିକ୍ଷଣ ଅକ୍ଷମତା ପଦଯାତ୍ରା

ଖୋର୍ଦ୍ଧା , ୨୫/୧୦ (ନି.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷ୍ୟା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଭୁବନେଶ୍ୱର ଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ ଙ୍କ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା, ଖୋର୍ଦ୍ଧା ଆନୁକୂଲ୍ୟରେ ଅନ୍ତଃ ନିବେଶି ଶିକ୍ଷା ବିଭାଗ ଆନୁକୂଲ୍ୟରେ ସଂଯୋଜିକା ଶ୍ରୀମତୀ ପୁଷ୍ପମିତ୍ର ମିଶ୍ର ଙ୍କ ପୌରହିତ୍ୟରେ ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ର ନାଲି ରଙ୍ଗର ଗଣ ବେଶ ପରିଧାନ କରିଥିବା ସମସ୍ତ ଛାତ୍ରୀ ମାନଙ୍କୁ ନେଇ ଶିକ୍ଷଣ ଅକ୍ଷମତା ଉପରେ ଏକ ପଦଯାତ୍ରା ଅୟୋଜନ କରଯାଇଥିଲା। ଏହି ପଦଯାତ୍ରା କୁ ଜିଲ୍ଲା ସୁଚନା ଓ ଲୋକ ସେବା ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶର୍ମିଷ୍ଠା ଜେନା, ଓ ସଂଯୋଜିକା ଶ୍ରୀମତି ପୁଷ୍ପମିତ୍ର ମିଶ୍ର ପତାକା ଦେଖାଇ ଶୁଭ ଉଦ୍ଘାଟନ କରିଥିଲେ। ଏହା ପୂର୍ବରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାର ପରିସର ମଧ୍ୟରେ ସମସ୍ତ ଛାତ୍ରୀ ମାନଙ୍କ ପ୍ରାର୍ଥନା ସଭାରେ ସଂଜୋଯିକା ତାଙ୍କ ଉଦବୋଧନରେ କହିଥିଲେ ଯେ ଏହି ଭଳି ସମସ୍ୟା ଦ୍ୱାରା ଛାତ୍ର ଛାତ୍ରୀ ଓ ବ୍ୟକ୍ତି ବିଶେଷ ମାନେ ପଢ଼ିବାରେ,ଲେଖିବାରେ, ଓ ଗାଣିତିକ ସମାଧାନ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ପ୍ରକାର ସମସ୍ୟା ସେମାନଙ୍କର ମସ୍ତିଷ୍କ ଗଠନ ଓ କାର୍ଯ୍ୟର ବ୍ୟତିକ୍ରମ ଯୋଗୁଁ ସୃଷ୍ଟି ହୋଇଥାଏ। ଅନ୍ୟତମ ଅତିଥି ଖୋର୍ଦ୍ଧା ଜିଲ୍ଲାର ମନୋବିଜ୍ଞାନୀ ଶ୍ରୀମତୀ ଶୁଭଶ୍ରୀ ପଶ୍ଚିମକବାଟ ଜିଲ୍ଲା ସୁରକ୍ଷା ବିଭାଗ ତରଫରୁ ଆସି ଯୋଗଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏହା ହେଉଛି ଏକ ଜୀବନବ୍ୟାପୀ ସମସ୍ୟା। ଏହା ସାମାଜିକ ଜୀବନରେ ଓ ଦୈନନ୍ଦିନ ନିତ୍ୟକର୍ମ କରିବାରେ ଅଧିକ ପ୍ରଭାବ ପକାଇ ଛାତ୍ର ଛାତ୍ରୀ ମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ବାଧକ ସୃଷ୍ଟି କରିଥାଏ। ତେଣୁ ସମସ୍ତ ଛାତ୍ର ଛାତ୍ରୀ ଓ ବ୍ୟକ୍ତି ବିଶେଷ ଏହିପରି ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ସେମାନଙ୍କ ମଧ୍ୟରେ ଥିବା ସାମର୍ଥ୍ୟ ଅଛି ବୋଲି ଅନୁଭବ କରିବା ଉଚିତ୍ ବୋଲି କହିଥିଲେ। ଏହି ସବୁ ସମସ୍ୟା ଥିବା ସତ୍ତ୍ୱେ ବହୁ ବିଶିଷ୍ଟ ବ୍ୟକ୍ତି ଯେପରିକି ଆଲବର୍ଟ ଆଇନ୍ ଷ୍ଟାଇନ୍, ବେଲ୍ ଗ୍ରିଟ୍ସ , ଅଭିଷେକ ବଚ୍ଚନ, ଓ ସନୀ ଦେଓଲ୍, ଇତ୍ୟାଦି ମାନଙ୍କର ଉଦାହରଣ ପିଲା ମାନଙ୍କୁ କହିଥିଲେ। ଏହି ଶିକ୍ଷଣ ଅକ୍ଷମତା କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ପ୍ରଧାନ,ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅଗାଧୁ ସେଠୀ, ସିଆରସିସି ମନୋଜ ଦାଶ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସମସ୍ତ ଶିକ୍ଷୟତ୍ରୀ , ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ଓ ଟାଙ୍ଗୀ ବ୍ଲକ ର ସମସ୍ତ ସମ୍ବଳ ଶିକ୍ଷକ ଓ ଖୋର୍ଦ୍ଧା ଜିଲ୍ଲାର ପୋଲିସ କର୍ମଚାରୀ , ଟ୍ରାଫିକ କର୍ମଚାରୀ ପ୍ରମୁଖ ଏହି ପଦଯାତ୍ରା କୁ ପରିଚାଳନା କରିଥିଲେ। ଶେଷରେ ଅତିରିକ୍ତ ଶିକ୍ଷା ଅଧିକାରୀ ଧନ୍ୟବାଦ ଦେଇଥିଲେ।

## ବାଲିଆପାଳରେ ଆମ କୁନି ପିଲା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଆପାଳ , ୨୫/୧୦ (ନି.ପ୍ର): ବାଲିଆପାଳ ବ୍ଲକର ସଭାଗୃହ ମଧ୍ୟରେ ଚାରି ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ସମନ୍ୱୟ ଶିଶୁ ବିକାଶ ବିଭାଗ ପକ୍ଷରୁ ଆମକୁନି ପିଲା ପ୍ରଶିକ୍ଷଣ ଶିବିର ଶନିବାର ପୂର୍ବାହ୍ନରେ ଉଦଯାପନ ହୋଇଯାଇଛି। ଭାରପ୍ରାପ୍ତ ସିଡ଼ିପିଓ ଅରସ୍ମିତା ଜେନା ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାରି ଦିନ ଧରି ଚାଲି ଆସୁଥିଲା। ବାଲିଆପାଳ ବ୍ଲକରେ ୨୮ ପଞ୍ଚାୟତରେ ଥିବା ୧୫ଟି ସେକ୍ଟରରୁ ୩୮୭ ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଥଲେ। ଶୂନ୍ୟରୁ ତିନି ବର୍ଷ ମଧ୍ୟରେ ପିଲାଙ୍କର ୮୦ ପ୍ରତିଶତ ବିକାଶର ଧାରା ତ୍ୱରାନ୍ୱିତ ହୋଇଥାଏ। ତେଣୁ ଅଭିଭାବକ ମାନଙ୍କୁ ଏବାବଦରେ ସଜାଗ କରାଯିବ ତାହା ଏହି ପ୍ରଶିକ୍ଷଣ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି ଶିବିରର ଲକ୍ଷ ବୋଲି ଶ୍ରୀମତୀ ଜେନା କହିଥିଲେ।ସୁପରଭାଇଜର କନକଲତା ବାରିକ, ଜ୍ୟୋତ୍ସ୍ନା ରାଣୀ ଜେନା, ଅଞ୍ଜଳି ମୁର୍ମୁ, ଅର୍ଚ୍ଚନା ସିଂ, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି ପ୍ରମୁଖ କାର ?୍ୟକ୍ରମକୁ ପରିଚାଳନା କରିଥିଲେ।

## ପାରାଦ୍ୱୀପ ଗଡରୁ ବ୍ରାଉନସୁଗାର୍ ବ୍ୟବସାୟୀ ଜଗତସିଂହପୁର ଅବକାରୀ ବିଭାଗ ଦ୍ୱାରା ଗିରଫ: ୭୫ ଗ୍ରାମ୍ ହେରୋଇନ୍ ଜବତ

ପାରାଦ୍ୱୀପ, ୨୫/୧୦ (ନି.ପ୍ର): ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷୀକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ଆଜି ପାରାଦ୍ୱୀପ ଗଡରୁ ବ୍ରାଉନସୁଗାର୍ ବ୍ୟବସାୟୀ ଜଗତସିଂହପୁର ଅବକାରୀ ବିଭାଗ ଦ୍ୱାରା ଗିରଫ ଓ ୭୫ ଗ୍ରାମ୍ ହେରୋଇନ୍ ଜବତ। ଇନ୍ସପେକ୍ଟର ପ୍ରସାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ ସ୍ଥିତ ଶନି ମନ୍ଦିର ନିକଟରୁ ୭୫ ଗ୍ରାମ୍ ହେରୋଇନ୍ ଜବତ କରିଛି ପାରାଦୀପ ଅବକାରୀ ରେଞ୍ଜ, ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୭୫୦୦୦୦ ଟଙ୍କା। ଏହି ଅଭିଯାନରେ ସରୋଜ କୁମାର ମଲ୍ଲିକ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ଯାଜପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଗତ କିଛି ମାସ ଧରି ପାରାଦୀପଗଡରେ ରହି ହେରୋଇନ୍ ବ୍ୟବସାୟରେ ଲିପ୍ତ ଥିଲେ।

# ତୁଡିଗଡିଆର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଦାବିପତ୍ର

ଖଇରା, ୨୫/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ତୁଡିଗଡିଆ କାଳୀପୂଜା ଧୁମଧାମରେ ଚାଲିଥିବା ବେଳେ ଶୁକ୍ରବାର ସଂଧ୍ୟାରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ତହସିଲଦାର ଅମିତ ରଞ୍ଜନ ହୋତରା ଓ ବିଡିଓ ନାରାୟଣ ସାହୁ ପ୍ରମୁଖ ଅନ୍ୟ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ମଣ୍ଡପରେ ପହଞ୍ଚି ମାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଶହୀଦ ଭବନ ପରିସରରେ ଶହୀଦ ଜନକଲ୍ୟାଣ ପରିଷଦ ର କର୍ମକର୍ତ୍ତା,ଉପଦେଷ୍ଟା ଓ



ସଭ୍ୟ ମାନଙ୍କ ସହ ସାଂସଦ ଓ ବିଧାୟକଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିସହ ପରିଷଦ ତରଫରୁ ଏକ ଦାବୀପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଏଥିମଧ୍ୟରେ ତୁଡିଗଡିଆ ମେଡିକାଲରେ ୨୪ଘଣ୍ଟିଆ ସେବା ବ୍ୟବସ୍ଥା, ନିଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନିତ, ଅସାମାଜିକ କାର୍ଯ୍ୟକଳାପକୁ ରୋକିବାକୁ ତୁଡିଗଡିଆରେ ଏକ ଥାନା ପ୍ରତିଷ୍ଠା,ପରିଷଦର ନିଜସ୍ୱ ଯାଗାରେ ଏକ ମାର୍କେଟ କଂପ୍ଲେକ୍ସ ନିର୍ମାଣ, ସୋର-କୁପାରୀ ରାସ୍ତାର ବେଲଦା ଛକରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଓ ବସଷ୍ଟାଣ୍ଡ ଠାରୁ ଡାଲଙ୍ଗ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର, ପର୍ଯ୍ୟଟନସ୍ଥଳିର ବିକାଶ ସାଙ୍ଗକୁ ବଜାର ୨ପାର୍ଶ୍ୱରେ ତୋରଣ ନିର୍ମାଣ, ସୋର, ଖଇରା ଓ ଔପଦାର ମଧ୍ୟସ୍ଥଳ ତୁଡିଗଡିଆ ଠାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ଅନ୍ତର୍ଭୁକ୍ତ । ସାଂସଦ ଓ ବିଧାୟକ ଏସବୁ ଉପରେ ଧ୍ୟାନ ଦେବାକୁ ପ୍ରତିଶୃତି ଦେଇଥିଲେ । ଉକ୍ତ ଆଲୋଚନା ବେଳେ ସଭାପତି ବିଷ୍ଣୁମୋହନ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ ଉପଦେଷ୍ଟା ଲୋକନାଥ ପଣ୍ଡା, ବିଷ୍ଣୁମୋହନ ଶତପଥି, ଉପେନ୍ଦ୍ର ପ୍ରସାଦ ପାଢୀ, ଉପେନ୍ଦ୍ର ପାଣିଗ୍ରାହୀ,ସୁଦାମ ସାହୁ ଓ ଅଭିମନ୍ୟୁ ପଣ୍ଡା,କର୍ମକର୍ତ୍ତା ରମାକାନ୍ତ ପାଢୀ, ଦିନବନ୍ଧୁ ମହାରଣା,ଚିତ୍ତରଞ୍ଜନ ଜେନା, ନୃସିଂହ ସିଂ, ବିରଞ୍ଜନ ଜେନା, ଦାମୋଦର ଦାସ, ଡା ସୃଷ୍ଟିଧର ପାଢୀ, ଡା ଅକ୍ଷୟ କୁମାର ପଣ୍ଡା, କରୁଣାକର ଜେନା, ପଦନ ସେଠୀ, ରତ୍ନାକର ମାଝୀ,ଭରତ ଶିଅଳ,ଯଦୁନାଥ ଶିଅଳ,ସରୋଜ ପଣ୍ଡା, ମନୋରଞ୍ଜନ ବୁଗୁଡାଇ, ଅନିଲ ପାଣିଗ୍ରାହୀ,ବିନୋଦ ଘଡେଇ, ସୁଦର୍ଶନ ବେହେରା, ମୁରଲୀଧର ସାହୁ, ରବିନ୍ଦ୍ର ଦାସ ଙ୍କ ସମେତ ୮ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା "ଉତ୍ସାହ": କ୍ରୀଡ଼ା ଶିଶୁ ପାଇଁ ଦକ୍ଷତାର ମାପକାଠି ସଦୃଶ

ଭଦ୍ରକ , ୨୫/୧୦ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଶିଶୁ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା 'ଉତ୍ସାହ' ବାଗୁରାଇ ସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଲମ୍ବଡ଼ିଆଁ, ଉଚ୍ଚ ଡ଼ିଆଁ, ୧୦୦ମିଟର, ୨୦୦ମିଟର ଦୌଡ଼, ଚେସ୍, କ୍ୟାରେମ୍ (ବାଳକ/ବାଳିକା) ଓ ଫୁଟବଲ୍ ମ୍ୟାଚ୍ ନିମନ୍ତେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ପର୍ବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଡ଼. ଦେବରାଜ ପାଣିଗ୍ରାହୀ, ସମାଜମଙ୍ଗଳ ଅଧିକାରିଣୀ ରୂପାଲି ମିତ୍ର, ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ଶିଶୁ ମଙ୍ଗଳ ସଦସ୍ୟ ଭାରତୀ ଦାଶ, ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମଞ୍ଚ ସଂଯୋଜନା ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କରିଥିଲେ । ଉଦ୍‌ଯାପନୀ ସଂଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ନାଗରିକମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଡ଼ା. ପାଣିଗ୍ରାହୀ, ସଦସ୍ୟ ନବୀନ ଚନ୍ଦ୍ର ବେହେରା, ଗାନ୍ଧୀବାଳାଶ୍ରମର ସଂପାଦକ ଅଶୋକ ଦାସ ଯୋଗଦାନ କରିଥିଲେ । ଫୁଟବଲ୍ ମ୍ୟାଚରେ ଗାନ୍ଧୀ ଓଡ଼ିଶାବାଳାଶ୍ରମର ଅନ୍ତେବାସୀ ବିଜୟ ଲାଭ କରିବା ସହ ଚମ୍ପିଆନ ହୋଇଥିଲେ । ଶିଶୁ ସୁରକ୍ଷା ଶାଖାର ସାମାଜିକ ତଥା ଆଇନ୍ ଅଧିକାରୀ ସୁବ୍ରତ ଦାସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୟୁନିଟ୍‌ର କର୍ମକର୍ତ୍ତା ଅଣ ଆନୁଷ୍ଠନିକ ଅଧିକାରିଣୀ ସ୍ୱାଗତିକା ବାରିକ, ବାହ୍ୟକର୍ମୀ ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ୍, କୁଳଦୀପ ଜେନା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଶୁଭାଶିଷ ପଣ୍ଡା, ସୁଦର୍ଶନ ବାଡ୍ରା, ନବୀନ ବେହେରା ସମେତ ଲିପିକା ପଣ୍ଡା, ସସ୍ମିତା ନାୟକ, ସରିତା ସାମଲ, ପ୍ରଜ୍ଞାଶ୍ରୀ ଦାସ, ଦେବୀସ୍ମିତା ମହାନ୍ତି, ଜ୍ୟୋତିପ୍ରକାଶ ପତି, ଦିଗନ୍ତ ବେହେରା, ସତ୍ୟଦେବ ପାତ୍ର ଚାଇଲ୍ଡ୍‌ଲାଇନ୍‌ର ସଂଯୋଜିକା ଶୁଭଶ୍ରୀ ପଢ଼ିଆରୀ ଓ ତାଙ୍କର ଟିମ୍ ସହଯୋଗ କରିଥିଲେ । ପରିଶେଷରେ ଶ୍ରୀ ଦାସଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଗୋମାତାର ପୂଜନ ଉତ୍ସବ 'ବାନ୍ଦଣା' ପାଳିତ

ଉଦଳା, ୨୫/୧୦ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ପଂଚାୟତର ମାଟିହୁଡ଼ି ଗ୍ରାମଠାରେ ପ୍ରତିବର୍ଷ ପରି ଚଳିତ ବର୍ଷ ପାରମ୍ପାରିକ 'ବାନ୍ଦଣା' ପର୍ବ ଆନନ୍ଦ ଉଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଦୀପାବଳୀ ଠାରୁ ତିନିଦିନ ଧରି ସାନ୍ତାଳ, ମୁଣ୍ଡା ଏବଂ କୁଡୁମି ଜାତିର ଲୋକେ ମିଳିମିଶି ଏହି ପର୍ବ ପାଳନ କରିଥାନ୍ତି । ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ, ପାଟଶାଣିପୁର ଓ କୁଣ୍ଡାବାଇ ପଂଚାୟତର ପ୍ରାୟ ୪୫ ଗୋଟି ଗ୍ରାମର ଲୋକେ ଏଠାରେ ଏକତ୍ରିତ ହୋଇ ଗୋମାତାକୁ ବନ୍ଦାପନା କରି ପୂଜାର୍ଚ୍ଚନା କରିବା ସହିତ ଆଶିର୍ବାଦ ଭିକ୍ଷା କରିଥିଲେ । ଏହିପର୍ବକୁ ସ୍ଥାନିୟ ଭାଷାରେ 'ବାନ୍ଦଣା' ବୋଲି କୁହାଯାଉଥିବା ବେଳେ ଶହ ଶହ ବର୍ଷ ତଳୁ ଏହିଭଳି ଏକ ପରମ୍ପରା ବଂଚି ରହିଛି ବୋଲି ଶୁଣିବାକୁ ମିଳେ । କେତେକ ଏହାକୁ 'ଗୋରୁ ଖୁଂଟା' ପର୍ବ ମଧ୍ୟ କହିଥାନ୍ତି ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida